ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୪/୨୦୨୫ (୧୬ ପୃଷ୍ଠା) Bhubaneswar, Wednesday, December 24/2025 Page 16 ₹ 7.00 | BERHAMPUR
୫୨ଶ ଭାଗ ୩୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 31 ମୂଲ୍ୟ ₹୭/-

# ତେଜିଲା ବାଂଲାଦେଶ ବିରୋଧୀ ମନୋଭାବ

**ନୂଆଦିଲ୍ଲୀ/କୋଲକାତା,୨୩।୧୨**



ନୂଆଦିଲ୍ଲୀସ୍ଥିତ ବାଂଲାଦେଶ ଉଚ୍ଚାୟୁକ୍ତ ଅଫିସ ନିକଟରେ ବିକ୍ଷୋଭକାରୀଙ୍କ ସହ ପୋଲିସର ଧସ୍ତାଧସ୍ତି । (ଫଟୋ: ଚମନ ଗୌତମ)

- ଦିଲ୍ଲୀରେ ବାଂଲା ଉଚ୍ଚାୟୁକ୍ତ ଅଫିସ ଘେରାଉ ଉଦ୍ୟମ
- ବିକ୍ଷୋଭକାରୀ-ପୋଲିସ ଧସ୍ତାଧସ୍ତି
- ଭାରତୀୟ ହାଇ କମିଶନଙ୍କୁ ଢାକାର ସମନ
- ଭାରତକୁ ଯୁଦ୍ଧ ଧମକ ଦେଲା ଶରିଫଙ୍କ ଦଳ

ବାଂଲାଦେଶରେ ଡିସେମ୍ବର ୧୮ରେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କୁ ଲୋକେ ପିଟି ପିଟି ହତ୍ୟା କରିବା ପରଠାରୁ ଭାରତରେ ଏହି ଭିଡ଼ହିଂସା ବିରୋଧରେ ଉତ୍ତେଜନା ଲାଗିରହିଛି। ମଙ୍ଗଳବାର ଦିଲ୍ଲୀରୁ କୋଲକାତା ପର୍ଯ୍ୟନ୍ତ ବିଶ୍ୱହିନ୍ଦୁ ପରିଷଦ(ଭିଏଚ୍‌ପି), ବଜରଙ୍ଗ ଦଳ ଓ ଅନ୍ୟ ହିନ୍ଦୁ ସଙ୍ଗଠନଗୁଡ଼ିକ ଜୋର୍‌ଦାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଶେଷକରି ନୂଆଦିଲ୍ଲୀସ୍ଥିତ ବାଂଲାଦେଶ ହାଇ କମିଶନ ଅଫିସ ଘେରାଉ ପାଇଁ ଉଦ୍ୟମ ହୋଇଥିବାବେଳେ କୋଲକାତାରେ ବିକ୍ଷୋଭକାରୀମାନେ ବାଂଲାଦେଶ ଅନ୍ତରୀଣ ସରକାରଙ୍କ ପରାମର୍ଶଦାତା ମହମ୍ମଦ ୟୁନୁସଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଉଭୟ ସ୍ଥାନରେ ଏପରି ସ୍ଥିତି ଉପୁଜିଥିଲା ଯେ ବିକ୍ଷୋଭକାରୀ ଓ ପୋଲିସ ମୁହାଁମୁହିଁ ହୋଇଥିଲେ। ଦିଲ୍ଲୀରେ ବାଂଲାଦେଶ ଉଚ୍ଚାୟୁକ୍ତ ନିକଟରେ ସବୁଠୁ ଉଗ୍ର ଚିତ୍ର ଦେଖିବାକୁ ମିଳିଛି। ଏହି ହାଇ-ସିକ୍ୟୁରିଟି ଜୋନ୍‌ରେ ପୋଲିସ ଓ ଅର୍ଦ୍ଧସାମରିକ ବଳ ମୁତୟନ ହେବା ସହ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିବାବେଳେ ବିକ୍ଷୋଭକାରୀମାନେ ଗୈରିକ ଧ୍ୱଜା ଓ ବ୍ୟାନର ଧରି ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରିବାରୁ ସୁରକ୍ଷା ବଳ ସହ ଧସ୍ତାଧସ୍ତି ହୋଇଥିଲେ। ଏଭଳି ସ୍ଥିତିରେ ବାଂଲାଦେଶକୁ ଭାରତରେ ଥିବା ଏହାର ମିଶନ୍‌ଗୁଡ଼ିକରେ ସୁରକ୍ଷା ଚିନ୍ତା ବଢ଼ିଛି। ଢାକାରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ପ୍ରଣୟ ବର୍ମାଙ୍କୁ ବାଂଲାଦେଶ ମଙ୍ଗଳବାର ସମନ କରିଛି। ଅପରପକ୍ଷେ ପାକିସ୍ତାନର ଶାସକ ମୁସ୍‌ଲିମ୍ ଲିଗ୍ ପିଏମ୍‌ଏଲ୍ ମଧ୍ୟ ଭାରତକୁ ଯୁଦ୍ଧ ଧମକ ଦେଇଛି। ନୂଆଦିଲ୍ଲୀ ବାଂଲାଦେଶର ସ୍ୱାୟତ୍ତତା ଉପରେ ଆକ୍ରମଣ କଲେ କିମ୍ବା ମନ୍ଦ ଦୃଷ୍ଟିରେ ଦେଖିଲେ, ପାକିସ୍ତାନୀ ସେନା ଓ ଆମ କ୍ଷେପଣାସ୍ତ୍ରଗୁଡ଼ିକ ବେଶି ଦୂରରେ ନାହିଁ ବୋଲି ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫଙ୍କ ଦଳର ଛାତ୍ରନେତା କମ୍‌ରାନ୍ ସୟିଦ୍ ଉସ୍‌ମାନି ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ସେପଟେ ଭାରତର ବନ୍ଧୁରାଷ୍ଟ୍ର ରୁଷିଆ ସ୍ଥିତିକୁ ଦେଖି ବାଂଲାଦେଶକୁ ୧୯୭୧ ବେଳର କଥା ସ୍ମରଣ କରାଇଦେଇଛି।

ବାଂଲାଦେଶରେ ହିନ୍ଦୁ ଯୁବକଙ୍କୁ ପିଟି ହତ୍ୟା ଘଟଣା ପ୍ରତିବାଦରେ ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ବାଂଲାଦେଶ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ବାହାରେ ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ପକ୍ଷରୁ ଜୋର୍‌ଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉଭୟ ସଙ୍ଗଠନର ଅନେକ ଶହ ସମର୍ଥକ ବ୍ୟାରିକେଡ୍ ଭାଙ୍ଗି ଆଗକୁ ମାଡ଼ିବାରୁ ପୋଲିସ ସହିତ ଧସ୍ତାଧସ୍ତି ହୋଇଛି। ଫଳରେ ହାଇ କମିଶନ ନିକଟରେ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ଦିଲ୍ଲୀରୁ ଯିବ ରାଜଧାନୀ












କ୍ରିସ୍ମାସ୍ ଉତ୍ସବ ପୂର୍ବରୁ ପ୍ରୟାଗରାଜସ୍ଥିତ ସେଣ୍ଟ ଜୋସେଫ୍ କାଥେଡ୍ରାଲକୁ ମଙ୍ଗଳବାର ରଙ୍ଗିନ୍ ଆଲୋକମାଳାରେ ସଜାଯାଇଛି।

# ଏପ୍ଷ୍ଟିନ୍ଙ୍କ ସମ୍ପର୍କିତ ଅଧିକ ଦସ୍ତାବିଜ ଜାରି

ୱାଶିଂଟନ,୨୩।୧୨



ଜେଫ୍ରି ଏପ୍ଷ୍ଟିନ

ଆମେରିକା ନ୍ୟାୟ ବିଭାଗ ମଙ୍ଗଳବାର ଯୌନ ଅପରାଧୀ ଜେଫ୍ରି ଏପ୍ଷ୍ଟିନଙ୍କ ମାମଲା ସହ ସମ୍ପୃକ୍ତ ଅନେକ ହଜାର ନୂଆ ଦସ୍ତାବିଜ୍ ଜାରି କରିଛି। ଗତ ଶୁକ୍ରବାର ଏପ୍ଷ୍ଟିନ୍ଙ୍କ ସମ୍ପର୍କିତ ଅନେକ ଫାଇଲ୍କୁ ଜାରି କରିଥିଲେ ମଧ୍ୟ ତାଙ୍କ ସହ ସମ୍ପର୍କ ରଖିଥିବା ଧନୀ ଓ କ୍ଷମତାଶାଳୀ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୀର୍ଘଦିନ ଧରି ଚାଲିଥିବା ଆପରାଧିକ ତଦନ୍ତ ସମ୍ପର୍କରେ ଉଲ୍ଲେଖନୀୟ ତଥ୍ୟ ପ୍ରଘଟ ହୋଇ ନ ଥିବାରୁ ନ୍ୟାୟ ବିଭାଗ ତଥ୍ୟ ଲୁଚାଉଥିବା ଅଭିଯୋଗ ହୋଇଥିଲା। ମଙ୍ଗଳବାର ଜାରି ନୂଆ ଫାଇଲ୍ରେ ଶତାଧିକ ଭିଡିଓ ଏବଂ ଅଡିଓ ରେକର୍ଡିଂ ରହିଛି।

# କାର୍ତ୍ତି ଚିଦାମ୍ବରମ୍ଙ୍କ ବିରୋଧରେ ଚାର୍ଜଫ୍ରେମ୍ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୩।୧୨

## ଚାଇନା ଭିଜା ଦୁର୍ନୀତି ମାମଲା

ଚାଇନା ଭିଜା ଦୁର୍ନୀତି ମାମଲାରେ କଂଗ୍ରେସ ଏମ୍ପି କାର୍ତ୍ତି ଚିଦାମ୍ବରମ୍ଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିବାକୁ ଦିଲ୍ଲୀର ଏକ ଅଦାଲତ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। କାର୍ତ୍ତି ଓ ଅନ୍ୟ ୭ ଅଭିଯୁକ୍ତଙ୍କ ବିରୋଧରେ ମାମଲାର ଶୁଣାଣି କରୁଥିବା ସ୍ୱତନ୍ତ୍ର ସିବିଆଇ ବିଚାରପତି ଦିଗ୍ବିନୟ ସିଂ ୭ ଜଣଙ୍କ ବିରୋଧରେ ଚାର୍ଜଫ୍ରେମ୍ ପାଇଁ ନିର୍ଦ୍ଦେଶ ଦେବା ସହ ଅନ୍ୟତମ ଅଭିଯୁକ୍ତ ଚେତନ ଶ୍ରୀବାସ୍ତବଙ୍କୁ ମୁକ୍ତ କରିଦେବାକୁ କହିଛନ୍ତି। ବାପା ପି. ଚିଦାମ୍ବରମ୍ ସ୍ୱରାଷ୍ଟ୍ର ମନ୍ତ୍ରୀ ଥିବାବେଳେ ୨୦୧୧ରେ ଏକ ବିଦ୍ୟୁତ୍ କମ୍ପାନୀ ପାଇଁ ଚାଇନା ନାଗରିକଙ୍କୁ ଭିଜା ଯୋଗାଇଦେବା ନିମନ୍ତେ କାର୍ତ୍ତି ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା। ୨୦୨୪ ଅକ୍ଟୋବରରେ ସିବିଆଇ କାର୍ତ୍ତିଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା।

# ମେକ୍ସିକୋ ନୌସେନା ବିମାନ ଦୁର୍ଘଟଣାରେ ୫ ମୃତ

ଗାଲ୍ଭେଷ୍ଟୋନ୍,୨୩।୧୨

ମେକ୍ସିକୋ ନୌସେନାର ଏକ କ୍ଷୁଦ୍ର ବିମାନ ସୋମବାର ଗାଲଭେଷ୍ଟୋନ୍ ନିକଟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଅନ୍ୟୂନ ୫ ଜଣଙ୍କ ମୃତ୍ୟୁ ଘଟିଛି। ବିମାନରେ ଜଣେ ରୋଗୀ ଓ ଅନ୍ୟ ୭ ଜଣ ଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ନୌସେନା ଅଧିକାରୀ ହୋଇଥିବାବେଳେ ଅନ୍ୟ ୪ ଜଣ ସାଧାରଣ ନାଗରିକ। ଏକ ଅଣଲାଭକାରୀ ସଂସ୍ଥାର ୨ ଜଣ ଲୋକ ବିମାନରେ ଥିଲେ। ଉକ୍ତ ସଂସ୍ଥା ମେକ୍ସିକୋର ପୋଡ଼ିଯାଇଥିବା ପିଲାମାନଙ୍କୁ ହସ୍ପିଟାଲ ନେବାରେ ସହାୟତା କରିଥାଏ। ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବାବେଳେ ତଦନ୍ତ ଜାରି ରହିଛି।

## ଜର୍ମାନୀରେ ରାହୁଲ

# ଭୋଟଚୋରି ପ୍ରସଙ୍ଗ ଉଠାଇଲେ

ନୂଆଦିଲ୍ଲୀ,୨୩।୧୨

ଜର୍ମାନୀ ଗସ୍ତରେ ଯାଇଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବର୍ଲିନ୍ରେ ଭୋଟ ଚୋରି ଅଭିଯୋଗ ଆଣିବା ସହ ଭାରତୀୟ ସଂସ୍ଥାଗତ ଢାଞ୍ଚା ଉପରେ ଆକ୍ରମଣ ହେଉଥିବା କହିଛନ୍ତି। ଏହାକୁ ନେଇ ରାଜନୈତିକ ବିବାଦ ତୀବ୍ର ହୋଇଛି। କଂଗ୍ରେସ ନେତା ବିଦେଶରେ ଭାରତକୁ ବଦନାମ କରୁଥିବା ଭାଜପା ଅଭିଯୋଗ କରିବା ସହ ତାଙ୍କ ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ କରିଛି।

୫ ଦିନିଆ ଜର୍ମାନୀ ଗସ୍ତ ଅବସରରେ ରାହୁଲ ହେର୍ଟି ସ୍କୁଲ୍ଠାରେ ଉଦ୍ବୋଧନ ଦେଇ କହିଥିଲେ, ଭାଜପା ନେତୃତ୍ୱାଧୀନ ସରକାରରେ ଭୋଟ ଚୋରି ହେଉଛି।



ରାହୁଲ ଗାନ୍ଧୀ

ଦେଶର ସଂସ୍ଥାଗତ ଢାଞ୍ଚା ଉପରେ ପୂର୍ଣ୍ଣମାତ୍ରାରେ ଆକ୍ରମଣ ହେଉଛି। ଭାରତରେ ନିର୍ବାଚନୀ କଳରେ ସମସ୍ୟା ରହିଥିବା ରାହୁଲ କହିବା ସହ ସରକାରୀ ପ୍ରତିଷ୍ଠାନଗୁଡ଼ିକୁ ସମ୍ପୂର୍ଣ୍ଣ କବଳିତ କରାଯାଇଥିବା ଅଭିଯୋଗ କରିଛନ୍ତି।

## ତୀବ୍ର ନିନ୍ଦାକଲା ଭାଜପା

ଆମ ଗୋଇନ୍ଦା ସଂସ୍ଥାଗୁଡ଼ିକ ଉପରେ ଆକ୍ଷେପକାଇଲେ, ସିବିଆଇ ଏବଂ ଇଡିକୁ ଦେଖିବେ। ଏହି ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ସରକାର ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। ଭାଜପାର ଲୋକମାନଙ୍କ ବିରୋଧରେ ସିବିଆଇ ଏବଂ ଇଡି କେତୋଟି ମାମଲା ରୁଜୁ କରିଛନ୍ତି ଦେଖନ୍ତୁ। ଆପଣମାନେ ଆଦୌ ପାଇବେ ନାହିଁ ବୋଲି କଂଗ୍ରେସ ନେତା କହିଥିଲେ। ସେ ଆହୁରି ଅଭିଯୋଗ କରିଛନ୍ତି ଯେ, କଂଗ୍ରେସକୁ ସମର୍ଥନ କରୁଥିବା ବ୍ୟବସାୟୀମାନଙ୍କୁ ଭୟଭୀତ କରାଯାଉଛି। ସରକାରୀ ସଂସ୍ଥାଗୁଡ଼ିକ ସ୍ୱାଧୀନ ଭାବେ କାର୍ଯ୍ୟ କରୁ ନ ଥିବା ରାହୁଲ କହିଛନ୍ତି। ନିକଟରେ ଅନୁଷ୍ଠିତ ନିର୍ବାଚନଗୁଡ଼ିକ ସମ୍ପର୍କରେ ରାହୁଲ କହିଥିଲେ, ଆମେ ତେଲଙ୍ଗାନା ଏବଂ ହିମାଚଳପ୍ରଦେଶରେ ବିଜୟୀ ହୋଇଛୁ। ମହାରାଷ୍ଟ୍ର ନିର୍ବାଚନରେ ସ୍ୱଚ୍ଛତା ନ ଥିବା ଦର୍ଶାଇ ବିରୋଧୀ ଦଳ ନିର୍ବାଚନ କମିଶନଙ୍କୁ ସିଧା ପ୍ରଶ୍ନ କରିଥିବା କହିଥିଲେ।


ଭାଜପା ରାହୁଲଙ୍କ ଅଭିଯୋଗ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ରାହୁଲ ବିଦେଶରେ ଏଭଳି ମନ୍ତବ୍ୟ ଦେଉଥିବାରୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା ଏହାର ନିନ୍ଦା କରିଛନ୍ତି। ପାର୍ଲାମେଣ୍ଟର ଶୀତକାଳୀନ ଅଧିବେଶନ ଚାଲିଥିବାବେଳେ ରାହୁଲ ଜର୍ମାନୀରେ ଥିଲେ। ସେ ସେଠାରେ ଭାରତ ବିରୋଧରେ ଭାଷଣ ଦେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଦେଶରେ ୨୯ ଥର ସମ୍ମାନିତ ହୋଇଥିବାବେଳେ ରାହୁଲ ଗାନ୍ଧୀ ବିଦେଶ ଯାଇ ଭାରତର ନିନ୍ଦା କରୁଛନ୍ତି। ଯେଉଁ ବ୍ୟକ୍ତି ବାସ୍ତବରେ ଭାରତକୁ ଭଲ ପାଆନ୍ତି, ସେ ବିଦେଶରେ ଦେଶର ବଦନାମ କରିବାକୁ ଚାହିଁବେ କି ବୋଲି ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ପ୍ରଦୀପ ଭଣ୍ଡାରୀ କହିଛନ୍ତି। ରାହୁଲ ତାଙ୍କ ବୈଚାରିକ ସହାୟକ ଜର୍ଜ ସୋରୋସ୍ଙ୍କ ସହ ଭାରତୀୟ ଗଣତନ୍ତ୍ରରେ ଅରାଜକତା ଏବଂ ଅଶାନ୍ତି ବଢ଼ାଇବାକୁ ଉଦ୍ୟମ କରିଛନ୍ତି। ସେମାନେ ବିଦେଶ ଯାଇ ସେଠାରେ ଭାରତ ବିରୋଧୀ ଶକ୍ତିକୁ ଏକାଠି କରୁଛନ୍ତି ବୋଲି ଭଣ୍ଡାରୀ Xରେ ପୋଷ୍ଟ କରିଛନ୍ତି।

# ଆରାବଳି ସଂଜ୍ଞା ବିରୋଧରେ ବିକ୍ଷୋଭ

ଜୟପୁର,୨୩।୧୨

ଆରାବଳି ପର୍ବତମାଳାକୁ ନେଇ କେନ୍ଦ୍ରର ସଂଜ୍ଞାକୁ ସୁପ୍ରିମକୋର୍ଟ ଗ୍ରହଣ କରିଥିବାବେଳେ ଏହା ବିରୋଧରେ ସୋମବାର ରାଜସ୍ଥାନର ବିଭିନ୍ନ ସହରରେ ପରିବେଶବିତ୍ ଓ ସାମାଜିକ ସଂଗଠନଗୁଡ଼ିକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆରାବଳି ସଂଜ୍ଞାକୁ ନେଇ ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏବଂ କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ମଧ୍ୟରେ ଜୋର୍ଦାର ରାଜନୈତିକ ବାକ୍ଯୁଦ୍ଧ ହୋଇଛି। ଉଦୟପୁର, ଯୋଧପୁର, ସିକର, ଅଲୱର ଏବଂ ଆଜମେରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବାବେଳେ କେତେକ ସ୍ଥାନରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

# ଶ୍ରୀ ଶ୍ରୀ ରବିଶଙ୍କରଙ୍କ ନେତୃତ୍ୱରେ ୧୫୦ ଦେଶର ୧୨.୧ ନିୟୁତ ଲୋକ ଧ୍ୟାନ ଦିବସରେ ଭାଗନେଲେ



ବେଙ୍ଗାଲୁରୁ/ନ୍ୟୁୟର୍କ, ୨୩।୧୨

ଗୁରୁଦେବ ଶ୍ରୀଶ୍ରୀ ରବିଶଙ୍କରଙ୍କ ନେତୃତ୍ୱରେ ୧୫୦ ଦେଶର ୧୨.୧ ନିୟୁତ ଲୋକ ସାମୂହିକ ଧ୍ୟାନ ଦିବସରେ ଭାଗନେଇ ଇତିହାସ ସୃଷ୍ଟି କରିଛନ୍ତ। ବିଶ୍ୱ ଧ୍ୟାନ ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ବିଶ୍ୱରେ ବଢିଥିବା ଚାପ, ଦ୍ୱନ୍ଦ୍ୱ ଏବଂ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଶାନ୍ତି ଏବଂ ନମନିୟତା ଅନ୍ୱେଷଣକୁ ପ୍ରତିବିମ୍ବିତ କରିଛି। ଜାତିସଙ୍ଘ ସାଧାରଣ ସଭାରେ ମାନସିକ ସୁସ୍ଥତା ଓ ସାମାଜିକ ସମନ୍ୱୟରେ ଧ୍ୟାନର ଭୂମିକାକୁ ଉଜାଗର କରିବାକୁ ୨୦୨୪ରେ ଧ୍ୟାନ ଦିବସକୁ ଏକ ବାର୍ଷିକ ଅନ୍ତର୍ଜାତୀୟ ଦିବସ ରୂପେ ମାନ୍ୟତା ଦିଆଯାଇଥିଲା। ଏହି ବର୍ଷର ମୁଖ୍ୟ କାର୍ଯ୍ୟକ୍ରମ ନ୍ୟୁୟର୍କସ୍ଥିତ ସଂଯୁକ୍ତ ରାଷ୍ଟ୍ର ଟ୍ରଷ୍ଟିଶିପ୍ କାଉନ୍ସିଲରେ ଆୟୋଜିତ ହୋଇଥିଲା, ଯେଉଁଠି ରାଷ୍ଟ୍ରନାୟକ ଏବଂ ବରିଷ୍ଠ ଅଧିକାରୀମାନେ ଗୁରୁଦେବଙ୍କ ଉପସ୍ଥିତିରେ ଧ୍ୟାନ କରିଥିଲେ। ଭାରତର ସହର ଏବଂ ଗାଁରୁ ଆଫ୍ରିକା ୟୁରୋପ, ଏସିଆ, ଆମେରିକା ଓ ଅଷ୍ଟ୍ରେଲିଆ ସମୁଦାୟ ପର୍ଯ୍ୟନ୍ତ ପହଞ୍ଚିପାରିଥିଲା। ଛାତ୍ରଙ୍କ ସହ ବ୍ୟବସାୟୀ, କୃଷକ, ବୁଦ୍ଧିଜୀବୀ ଷାଠିଏରୁ ଅଧିକ ଦେଶର ଭିନ୍ନ ଭିନ୍ନ ପୃଷ୍ଠଭୂମିରୁ ଆସି ବିଶ୍ୱ ଏକତାର ଅନୁଭୂତିରେ ଏକତ୍ରିତ ହୋଇଥିଲେ।

ଗତ ୧୯ରେ ଭାରତ, ଶ୍ରୀଲଙ୍କା, ଆଣ୍ଡୋରା, ମେକ୍ସିକୋ ଓ ନେପାଳର ସ୍ଥାୟୀ ପ୍ରତିନିଧିମାନେ, ଅନ୍ୟାନ୍ୟ ସଦସ୍ୟ ଦେଶ ଓ ସଂଯୁକ୍ତ ଜାତିସଙ୍ଘ ସଂସ୍ଥାମାନଙ୍କ ସହ ଏହି ପ୍ରାଚୀନ ଅଭ୍ୟାସକୁ ପାଳନ କରିଥିଲେ ଓ ବିଶ୍ୱସ୍ତରୀୟ ସାମାଜିକ, ରାଜନୈତିକ ଓ ମାନସିକ ସ୍ୱାସ୍ଥ୍ୟ ଆହ୍ୱାନର ପ୍ରତିଦ୍ୱନ୍ଦ୍ୱିତା, ଏହାର ପ୍ରସଙ୍ଗିକତାକୁ ଉଲ୍ଲେଖ କରିଥିଲେ। ସେହି କାର୍ଯ୍ୟକ୍ରମରେ ଗୁରୁଦେବଙ୍କ ମୁଖ୍ୟ ଭାଷଣ ଓ ନିର୍ଦ୍ଦେଶିତ ଧ୍ୟାନ, ଭାରତର ସଭ୍ୟତାମୂଳକ ଐତିହ୍ୟ ଓ ପରମ୍ପରାକୁ ବିଶ୍ୱ କୂଟନୀତିର କେନ୍ଦ୍ରସ୍ଥଳରେ ସ୍ଥାପିତ କରିଥିଲା।

# ବାଂଲାଦେଶରେ ହିନ୍ଦୁ ପରିବାରର ଘର ଜାଳିଦେଲେ



ନୂଆଦିଲ୍ଲୀ,୨୩।୧୨

ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ଜାରି ରହିଥିବାବେଳେ ମଙ୍ଗଳବାର ଏକ ହିନ୍ଦୁ ପରିବାରର ଘରକୁ ଦୁର୍ବୃତ୍ତମାନେ ଜାଳିଦେଇଛନ୍ତି। ଉକ୍ତ ପରିବାରର ଗୃହପାଳିତ ପ୍ରାଣୀଙ୍କୁ ପୋଡ଼ିଦେବା ସହ ଆସବାବପତ୍ର ନଷ୍ଟ କରିଦେଇଛନ୍ତି। ଏଥିସହିତ ସେମାନେ ଉକ୍ତ ଘର ନିକଟରେ ଏକ ଧମକପୂର୍ଣ୍ଣ ବ୍ୟାନର ଲଗାଇଛନ୍ତି। ସେଥିରେ ଅଭିଯୋଗ ରହିଛି ଯେ, ହିନ୍ଦୁମାନେ ଇସ୍ଲାମ ବିରୋଧୀ କାର୍ଯ୍ୟରେ ଲିପ୍ତ ଅଛନ୍ତି। ତୁରନ୍ତ ଏହା ବନ୍ଦ ନ କଲେ ହିଂସାର ଗମ୍ଭୀର ପରିଣାମ ଭୋଗିବାକୁ ପଡ଼ିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସେମାନଙ୍କ ଘର, ସମ୍ପତ୍ତି ଓ ବ୍ୟବସାୟ ସବୁକିଛି ଧ୍ୱଂସ କରିଦିଆଯିବ। କେହି ଆପଣମାନଙ୍କୁ ରକ୍ଷା କରିପାରିବେ ନାହିଁ, ଏହା ଚୂଡ଼ାନ୍ତ ଚେତାବନୀ ବୋଲି ବ୍ୟାନରରେ ଲେଖାଯାଇଛି। ଚଟ୍ଟୋଗ୍ରାମରେ ରହୁଥିବା ପ୍ରବାସୀ ଜୟନ୍ତୀ ସଂଘ ଏବଂ ବାବୁ ଶୁକୁଶୀଲଙ୍କ ଘର ଉପରେ ଆକ୍ରମଣ ହୋଇଛି। ତେବେ ପରିବାର ଲୋକେ ବାଡ଼ କାଟି କୌଣସି ପ୍ରକାରେ ଖସି ପଳାଇଥିଲେ।

ସୂଚନାଯୋଗ୍ୟ, ପ୍ରଫେଟ୍ ମହମ୍ମଦଙ୍କୁ ନିନ୍ଦା ଅଭିଯୋଗରେ ଗତ ୧୮ ତାରିଖରେ ମିମେନ୍ସିଂ ଜିଲାରେ ଦୀପୁ ଚନ୍ଦ୍ର ଦାସ ନାମକ ହିନ୍ଦୁ ଯୁବକଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ମାରିଦେବା ସହ ଗଛରେ ଝୁଲାଇ ଜାଳିଦେଇଥିଲେ। ଦୀପୁ ଏକ ପୋଷାକ କାରଖାନାରେ କାମ କରିବା ସହ ଭଡ଼ାଘରେ ରହୁଥିଲେ। ସେ ପ୍ରଫେଟ ମହମ୍ମଦଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଉଥିଲେ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ ଆଣିଥିଲେ। ଆକ୍ରମଣ ଦିନ କାରଖାନାର ସୁପରଭାଇଜର ଦୀପୁଙ୍କୁ ଇସ୍ତଫା ଦେବାକୁ ବାଧ କରିଥିଲେ।

## ଭାରତକୁ ପାକ୍ ନେତାଙ୍କ ଆକ୍ରମଣ ଧମକ

ଇସ୍ଲାମାବାଦ,୨୩।୧୨

ବାଂଲାଦେଶରେ ଉତ୍ତେଜନାକୁ ନେଇ ପାକିସ୍ତାନ ମୁସ୍ଲିମ୍ ଲିଗ୍ ଯୁବନେତା ଭାରତକୁ ଧମକ ଦେଇଛନ୍ତି। ବାଂଲାଦେଶ ଉପରେ ଆକ୍ରମଣ ହେଲେ ପାକ୍ ସେନା ଏବଂ ମିଶାଇଲ୍ ଏହାର ଜବାବ ଦେବ ବୋଲି ପିଏମ୍ଏଲ୍ ନେତା କାମରନ୍ ସଇଦ ଉସ୍ମାନି କହିଛନ୍ତି। ପାକିସ୍ତାନ ଏବଂ ବାଂଲାଦେଶ ମଧ୍ୟରେ ସାମରିକ ମେଣ୍ଟ ପାଇଁ ସେ ଆହ୍ୱାନ ଦେଇଛନ୍ତି। ଭାରତ ଆକ୍ରମଣର ଦୁଃସାହସ କଲେ ପାକିସ୍ତାନ ସଶସ୍ତ୍ର ବଳ ଏବଂ ମିଶାଇଲ୍ ଅଧିକ ଦୂର ନୁହେଁ ବୋଲି ସେ କହିଛନ୍ତି।

## ହିନ୍ଦୁଙ୍କୁ ହତ୍ୟା ଘଟଣାକୁ ଆମେରିକା ନେତାଙ୍କ ନିନ୍ଦା

ୱାଶିଂଟନ,୨୩।୧୨

### ୧୯୭୧କୁ ମନେପକାଇବାକୁ କହିଲା ରୁଷିଆ

ବାଂଲାଦେଶରେ ହିନ୍ଦୁ ଯୁବକଙ୍କୁ ହତ୍ୟା ଘଟଣାରେ ଆମେରିକାର କଂଗ୍ରେସ ସଦସ୍ୟମାନେ ନିନ୍ଦା କରିଛନ୍ତି। ଦେଶରେ ଧର୍ମୀୟ ସଂଖ୍ୟାଲଘୁଙ୍କ ସୁରକ୍ଷା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ସେମାନେ ବାଂଲାଦେଶର ଅନ୍ତରୀଣ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି। ଘରୋଇ ହିଂସା ଜାରି ରହିବା ସହ ଭୂରାଜନୈତିକ ସମ୍ପର୍କ ଖରାପ ହେଉଥିବାବେଳେ ଭାରତ ସହ ତୁରନ୍ତ ଉତ୍ତେଜନା କମାଇବା ପାଇଁ ରୁଷିଆ ବାଂଲାଦେଶକୁ ଆହ୍ୱାନ ଦେଇଛି। ଦୁଇ ଦକ୍ଷିଣ ଏସୀୟ ରାଷ୍ଟ୍ର ମଧ୍ୟରେ ସ୍ଥାୟୀ ସମ୍ପର୍କ ଆଞ୍ଚଳିକ ସ୍ଥିରତା ପାଇଁ ଜରୁରୀ ବୋଲି ଢାକାରେ ରୁଷିଆ ରାଷ୍ଟ୍ରଦୂତ ଆଲେକ୍ଜାଣ୍ଡାର ଗିଗୋରେଭିଚ୍ ଖୋଜିନ୍ କହିଛନ୍ତି। ୧୯୭୧ରେ ବାଂଲାଦେଶ ସ୍ୱାଧୀନ ହେବାରେ ନୂଆଦିଲ୍ଲୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା, ଯାହାକୁ ଢାକା ମନେପକାଇବା ଉଚିତ ବୋଲି ଖୋଜିନ୍ ପରାମର୍ଶ ଦେଇଛନ୍ତି।

ଦୀପୁ ଚନ୍ଦ୍ର ଦାସଙ୍କୁ ପିଟି ହତ୍ୟା ଘଟଣାକୁ ଆମେରିକା କଂଗ୍ରେସମ୍ୟାନ୍ ରାଜା କ୍ରିଷ୍ଣମୂର୍ତ୍ତି ନିନ୍ଦା କରିବା ସହ ବାଂଲାଦେଶ ସରକାର ଏଥିପାଇଁ ଉତ୍ତରଦାୟୀ ରହିବାକୁ କହିଛନ୍ତି। ହିନ୍ଦୁ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ଅତ୍ୟନ୍ତ ଦୁଃଖଦାୟକ ବୋଲି ନ୍ୟୁୟର୍କ ରାଜ୍ୟ ବିଧାନସଭା ସଦସ୍ୟ ଜେନିଫର ରାଜକୁମାର କହିଛନ୍ତି।

## ଫୁରସତ୍

# ୧୨ ବର୍ଷ ପରେ ଝିଅ ହୋଇଯାନ୍ତି ପୁଅ

ନୂଆଦିଲ୍ଲୀ

ଏପରି ଏକ ଗାଁ ଅଛି, ଯେଉଁଠାରେ ଝିଅମାନେ ଏକ ନିର୍ଦ୍ଦିଷ୍ଟ ବୟସ ପରେ ପୁଅ ହୋଇଯାଆନ୍ତି। ତାହା ପୁଣି ବିନା ସର୍ଜରିରେ। ଏହି ଗାଁର ନାଁ ଲା-ସାଲିନାସ, ଯାହା ଡୋମିନିକାନ୍ ରିପବ୍ଲିକ୍ରେ ଅଛି। ଗାଁର ଅନେକ ଝିଅ ୧୨ ବର୍ଷ ବେଳକୁ ପୁଅ ହେବା ଆରମ୍ଭ କରନ୍ତି। ବୈଜ୍ଞାନିକମାନେ ମଧ୍ୟ ଏପରି ଘଟଣା ପଛର ରହସ୍ୟ ଖୋଜି ପାଇ ନାହାନ୍ତି। ତେବେ ଝିଅମାନଙ୍କର ଏଭଳି ପରିବର୍ତ୍ତନ ଯୋଗୁ ଲୋକେ ଏହି ଗାଁକୁ ଅଭିଶପ୍ତ ବୋଲି କହିଥାନ୍ତି।



ଝିଅମାନେ ପୁଅ ହେବା ଏକ ଅଜବ ରୋଗ ବୋଲି ଗ୍ରାମବାସୀଙ୍କ ଧାରଣା ରହିଛି। ଏହି ଗାଁର ଏଭଳି ପିଲାମାନଙ୍କୁ 'ଗୁଡୋଚେ' କୁହାଯାଏ। ଯେତେବେଳେ କାହାର ଘରେ ଝିଅ ଜନ୍ମ ହୁଏ, ସେହି ପରିବାରରେ ଅଜଣା ଭୟର ବାତାବରଣ ଖେଳିଯାଏ। କାରଣ ସେମାନେ ଆଶଙ୍କା କରନ୍ତି, ତାଙ୍କ ଝିଅ ବଡ଼ ହେଲେ ପୁଅ ହୋଇଯିବ। ଏଭଳି ଘଟଣା ଯୋଗୁ ଏହି ଗାଁରେ ଝିଅଙ୍କ ସଂଖ୍ୟା ହ୍ରାସ ପାଉଛି। ଏ ସମ୍ପର୍କରେ ଡାକ୍ତରମାନେ କୁହନ୍ତି, ଏହି ରୋଗ ଏକ ଜେନେଟିକ୍ ଡିଜିଜ୍ ବା ବଂଶଗତ ରୋଗ। ଗାଁର ପ୍ରତି ୯୦ ଜଣ ପିଲାଙ୍କ ମଧ୍ୟରୁ ଜଣେ ଏହି ଧରଣର ରୋଗର ଶିକାର ହୁଅନ୍ତି। ଉକ୍ତ ରୋଗରେ ପୀଡ଼ିତ ଝିଅମାନେ ନିର୍ଦ୍ଦିଷ୍ଟ ବୟସ ପରେ ପୁରୁଷ ପରି ସେମାନଙ୍କ ଶରୀରର ଅଙ୍ଗ ବିକଶିତ ହେବା ଆରମ୍ଭ ହୁଏ ଏବଂ ସ୍ୱର ମଧ୍ୟ କର୍କଶ ହୋଇଯାଏ।

# ଫସିଲେ କମେଡି କିଙ୍ଗ୍



କପିଳ ଶର୍ମା

**ମୁମ୍ବାଇ:** ଫସିଯାଇଛନ୍ତି କମେଡି କିଙ୍ଗ୍ କପିଲ ଶର୍ମା। ତାଙ୍କ ଶୋ 'ଦି ଗ୍ରେଟ୍ ଇଣ୍ଡିଆନ କପିଲ ଶୋ' ପୁଣିଥରେ ଚର୍ଚ୍ଚାରେ। ନୂତନ ସିଜିନର ପ୍ରଥମ ଏପିସୋଡ ଶୋ'ର ତୃତୀୟ ସିଜିନରେ ବିନା ଅନୁମତିରେ ତିନୋଟି ବଲିଉଡ୍ ଗୀତ ବ୍ୟବହାର କରାଯାଇଥିଲା। ଏହି କାରଣରୁ ଫୋନୋଗ୍ରାଫିକ୍ ପର୍ଫର୍ମାନ୍ସ ଲିମିଟେଡ୍ (ପିପିଏଲ୍) ଇଣ୍ଡିଆ ଶୋ'ର ନିର୍ମାତାଙ୍କ ବିରୋଧରେ ବମ୍ବେ ହାଇକୋର୍ଟରେ ମାମଲା ଦାୟର କରିଛି।

ଜୁନ୍ ୨୧ରୁ ସେପ୍ଟେମ୍ବର ୨୦ ମଧ୍ୟରେ ଶୋ'ର କିଛି ଏପିସୋଡ୍ରେ ଲାଇସେନ୍ସ ବିନା ୩ଟି ଗୀତ ବ୍ୟବହାର କରାଯାଇଥିଲା। ଏହି ଗୀତଗୁଡ଼ିକ ମଧ୍ୟରେ 'ଏମ୍ ବୋଲେ ତୋ' (ମୁନ୍ନାଭାଇ ଏମ୍ବିବିଏସ୍), 'ରାମା ରେ' (କାଣ୍ଟେ), ଏବଂ 'ସୁବା ହୋନେ ନା ଦେ (ଦେଶୀ ବୟଜ) ଅନ୍ତର୍ଭୁକ୍ତ।

କପିଲ ଶର୍ମାଙ୍କ ଶୋ'ରେ ବ୍ୟବହୃତ ଗୀତଗୁଡ଼ିକ ୧୯୫୭ର କପିରାଇଟ୍ ଆଇନ ଅଧୀନରେ ଆସେ। ଶୋ'ରେ ବାଜୁଥିବା ଗୀତ ପାଇଁ ଅଧିକାର ଧାରକଙ୍କଠାରୁ ଲାଇସେନ୍ସ ଆବଶ୍ୟକ। କିନ୍ତୁ ଶୋ'ରେ ଲାଇସେନ୍ସ ମଗାଯାଇ ନ ଥିଲା । ଏହି କାରଣରୁ କେ-୯ ଫିଲ୍ମସ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ବିଙ୍ଗ୍ ୟୁ ଷ୍ଟୁଡିଓଜ ପ୍ରାଇଭେଟ୍ ଲିମିଟେଡ୍ କପିରାଇଟ୍ ଉଲ୍ଲଂଘନର ଅଭିଯୋଗ ଆଣିଛନ୍ତି।

### ଆସିଲା ନିୟମ: ୧ରୁ ଗାଡ଼ି ଧରପଗଡ଼




# ୧୫୦ ଆମ୍ବୁଲାନ୍ସ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୩।୧୨(ସୁନିତ୍ ମିଶ୍ର)**

ରାଜ୍ୟର ସ୍ୱାସ୍ଥ୍ୟସେବାରେ ଆଉ ଏକ ନୂତନ ଅଧ୍ୟାୟ ଯୋଡ଼ିହୋଇଛି। ୪୨୮ଟି ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ୧୧୧ କୋଟି ଖର୍ଚ୍ଚ କରିଛନ୍ତି। ସେଥିମଧ୍ୟରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳିଙ୍ଗ ଷ୍ଟାଡିୟମଠାରେ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ୧୫୦ଟି ଆମ୍ବୁଲାନ୍ସର ଲୋକାର୍ପଣ କରିଛନ୍ତି। ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ୪୨୮ଟି ନୂଆ ୧୦୮ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି। ଏଥିରେ ୪୧୯ଟି ପୁରୁଣା, ୨ଟି ଦୁର୍ଘଟଣାରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଆମ୍ବୁଲାନ୍ସକୁ ପରିବର୍ତ୍ତନ କରାଯାଇଛି। ଏହିସବୁ ସ୍ଥାନରେ ନୂଆ ଆମ୍ବୁଲାନ୍ସ ବ୍ୟବହାର କରିବାକୁ ସରକାର ସ୍ଥିର କରିଛନ୍ତି। ଏହା ବ୍ୟତୀତ ବାଣିଜ୍ୟ ଏବଂ ପରିବହନ ବିଭାଗରେ ବିମାନବନ୍ଦର/ଏୟାରଷ୍ଟ୍ରିପ୍‌ରେ ବ୍ୟବହାର ପାଇଁ ୫ଟି ଏବଂ ଝାରସୁଗୁଡ଼ା କାର୍ଡିଆକ୍ କେୟାର୍ ହସ୍ପିଟାଲ୍ ଲାଗି ୨ଟି ଏଏଲ୍‌ଏସ ଆମ୍ବୁଲାନ୍ସ ବ୍ୟବହାର କରାଯିବ। ରାଜ୍ୟରେ ଦୈନିକ ୫ ହଜାର ରୋଗୀଙ୍କୁ ୧୦୮ ଆମ୍ବୁଲାନ୍ସ ଜରିଆରେ ବିଭିନ୍ନ ହସ୍ପିଟାଲକୁ ନିଆଯାଉଛି। ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଜରୁରୀକାଳୀନ ଆମ୍ବୁଲାନ୍ସ ସେବାରେ ଅଧିକ ଉନ୍ନତି ଆଣିବା ଲାଗି ଚେଷ୍ଟା କରାଯାଉଛି। ତେଣୁ ପର୍ଯ୍ୟାୟକ୍ରମେ ପୁରୁଣା ଆମ୍ବୁଲାନ୍ସ ଗୁଡ଼ିକୁ ବଦଳାଯାଇ ନୂଆ ଅଣାଯାଉଛି। ସ୍ୱାସ୍ଥ୍ୟସେବାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଆହୁରି ୧୦୮ ଜରୁରୀକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବା (ଇଏମ୍‌ଏଏସ୍) ଆମ୍ବୁଲାନ୍ସ କ୍ରୟ କରାଯାଇଛି। ୪୨୮ଟି ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ୧୧୧ କୋଟି ଖର୍ଚ୍ଚ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୫୦ ଗୋଟି ନୂତନ ଜରୁରୀକାଳୀନ ଆମ୍ବୁଲାନ୍ସକୁ ଓଡିଶାବାସୀଙ୍କ ନିମନ୍ତେ ଲୋକାର୍ପଣ କରାଯାଉଛି। ଅବଶିଷ୍ଟ ନୂତନ ଆମ୍ବୁଲାନ୍ସ ଗୁଡ଼ିକୁ ଖୁବଶୀଘ୍ର ଆମ୍ବୁଲାନ୍ସ ସେବାରେ ନିୟୋଜିତ କରାଯିବ। ଏହା ସହିତ ପୁରୁଣା ଜରୁରୀକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବା ଫ୍ଲିଟ୍‌କୁ ପରିବର୍ତ୍ତନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗୀୟ କମିଶନର ତଥା ସଚିବ ଅଶ୍ୱତୀ ଏସ, ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଶନ ନିର୍ଦ୍ଦେଶିକା ବୃନ୍ଦା ଡିଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଆମ୍ବୁଲାନ୍ସ ସେବାକୁ ଲୋକାର୍ପଣ କରୁଛନ୍ତି।

# 'ଷ୍ଟ୍ରଙ୍ଗ୍ ପଏଣ୍ଟ' ଖୋଜ: କନକ ବର୍ଦ୍ଧନ

## ମହାନଦୀ ଜଳବିବାଦ: ପ୍ରଥମ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ବୈଠକ



**ଭୁବନେଶ୍ୱର,୨୩।୧୨ (ରବିନାରାୟଣ ଜେନା)**

ମହାନଦୀ ଆନ୍ତଃ ରାଜ୍ୟ ଜଳବିବାଦର ସମାଧାନ ଲାଗି ରାଜ୍ୟର ତିନି ପ୍ରମୁଖ ଦଳ ଭାଜପା, ବିଜେଡି ଏବଂ କଂଗ୍ରେସ ଏବେ ଏକ୍ ହୋଇଛନ୍ତି। ଆଗାମୀ ଦିନରେ ଯଦି କୌଣସି କାରଣରୁ ଛତିଶଗଡ଼ ସରକାର ଆପୋସ ଆଲୋଚନାରେ ଏହାର ସମାଧାନ ଲାଗି ଅରାଜି ହୁଅନ୍ତି, ତେବେ ଟ୍ରିବ୍ୟୁନାଲରେ କିଭଳି ଓଡ଼ିଶା ସ୍ୱାର୍ଥକୁ ସୁରକ୍ଷିତ ରଖାଯାଇପାରିବ ସେନେଇ ମହାନଦୀ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟିର ପ୍ରଥମ ବୈଠକରେ ନିଷ୍ପତ୍ତି ହୋଇଛି। ରାଜୀବ ଭବନଠାରେ ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଥମେ ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏକ ବିସ୍ତୃତ ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଭାଗର ଅନ୍ୟ ଅଧିକାରୀମାନେ ଛତିଶଗଡ଼ ସରକାରଙ୍କ ସେତୁ ନିର୍ମାଣ ସମ୍ପର୍କିତ ବିବରଣୀ ପ୍ରଦାନ କରିଥିଲେ। ଏତେବଡ଼ ଜଳବିବାଦର ସମାଧାନ ଲାଗି ଯଦି ଉଭୟ ରାଜ୍ୟ ମଧ୍ୟରେ କୌଣସି କାରଣରୁ ଆପୋସ ଆଲୋଚନା କାଟୁ ନ କରେ, ତେବେ ସେକ୍ଷେତ୍ରରେ ଟ୍ରିବ୍ୟୁନାଲରେ କିଭଳି ଓଡ଼ିଶାର ବଳିଷ୍ଠ ଯୁକ୍ତି ଉପସ୍ଥାପନ ହୋଇପାରିବ, ସେଥିଲାଗି ବିକଳ୍ପ ପନ୍ଥା 'ଷ୍ଟ୍ରଙ୍ଗ୍ ପଏଣ୍ଟ' ଖୋଜି ବାହାର କରିବାକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ହୀରାକୁଦ ପ୍ରକଳ୍ପ, ମହାନଦୀ ଜଳବିବାଦର ଐତିହାସିକ ପୃଷ୍ଠଭୂମି, ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲଙ୍କ ସମ୍ମୁଖରେ କାର୍ଯ୍ୟର ବର୍ତ୍ତମାନର ସ୍ଥିତି, ମହାନଦୀ ସମ୍ବନ୍ଧୀୟ ସମସ୍ୟାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ପ୍ରକ୍ରିୟା ଏବଂ ମହାନଦୀ ଅବବାହିକା ସମ୍ବନ୍ଧୀୟ ବିଷୟଗୁଡ଼ିକର ସାମଗ୍ରିକ ସ୍ଥିତି ଉପରେ ପ୍ରାରମ୍ଭିକ ଆଲୋଚନା ହୋଇଥିଲା। ଓଡ଼ିଶା ରାଜ୍ୟର ସ୍ଥିତିକୁ ଆହୁରି ସୁଦୃଢ଼ କରିବା ଏବଂ ମହାନଦୀ ଜଳ ସମସ୍ୟାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ଦିଗରେ ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ପାଇଁ ଆନ୍ତଃମନ୍ତ୍ରାଳୟ କମିଟିର ପରବର୍ତ୍ତୀ ବୈଠକ ୨୦୨୬ ଜାନୁଆରୀରେ ଡକାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

ବୈଠକରେ କମିଟି ସଦସ୍ୟ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ସରୋଜ କୁମାର ପ୍ରଧାନ, ନିରଞ୍ଜନ ପୂଜାରୀ ଏବଂ ସୋଫିଆ ଫିର୍‌ଦୋସ ଯୋଗଦେଇଥିଲେ। ବିଧାୟକ ଜୟନାରାୟଣ ମିଶ୍ର ଆଭାସି ମାଧ୍ୟମରେ ବୈଠକରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ବରିଷ୍ଠ ଅଧିକାରୀମାନେ ଏଥିରେ ଉପସ୍ଥିତ ଥିଲେ।

# ଟ୍ୟୁଶନ ହେବେ ରାଜସ୍ୱ ବାବୁ

## ଯୋଜନାର କାର୍ଯ୍ୟକାରିତା ଉପରେ ସରକାରଙ୍କ ଫୋକସ୍

**ଭୁବନେଶ୍ୱର,୨୩।୧୨ (ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୧୮ ମାସ ମଧ୍ୟରେ ରାଜସ୍ୱସେବାକୁ ଲୋକଙ୍କ ନିକଟତର କରିବା ପାଇଁ ଭୂ-ବନ୍ଦୋବସ୍ତ ଆଇନଠାରୁ ଆରମ୍ଭକରି ଜମି ପଞ୍ଜୀକରଣ ଓ ପାର୍ଟପ୍ଲଟ ବିକ୍ରି ଭଳି ୧୩ଟି ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଗଲାଣି। ହେଲେ ତୃଣମୂଳସ୍ତରରେ ରାଜସ୍ୱ ଅଧିକାରୀମାନେ କାର୍ଯ୍ୟ ସମ୍ପାଦନ ବେଳେ ଝୁଣ୍ଟୁଛନ୍ତି। ଅଧିକାଂଶ ଅଧିକାରୀ ସରକାରଙ୍କ ସଂଶୋଧିତ ନିୟମକୁ ଠିକଣା ଭାବେ କାର୍ଯ୍ୟକାରୀ କରୁନାହାନ୍ତି। ଫଳରେ ସାଧାରଣ ଲୋକେ ରାଜସ୍ୱ ସେବା ପାଇବାରେ ଅନ୍ତରାୟ ସୃଷ୍ଟି ହେଉଛି। ମଧ୍ୟସ୍ଥମାନେ ଏହାର ଫାଇଦାଉଠାଉଛନ୍ତି। ଏ ସଂକ୍ରାନ୍ତରେ ବହୁ ଅଭିଯୋଗ ସରକାରଙ୍କ ଦୃଷ୍ଟିଗୋଚରକୁ ଆସିବା ପରେ ରାଜସ୍ୱ ବିଭାଗ ପକ୍ଷରୁ ଏହାକୁ ନେଇ ତତ୍ପରତା ପ୍ରକାଶ ପାଇଛି। ଏଣିକି ଅଧିକାରୀଙ୍କୁ 'ରାଜସ୍ୱ ପାଠଶାଳା'ରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟକାରିତାକୁ ଗୁରୁତ୍ୱ ଦେଇ ବାବୁଙ୍କ ଏହି ଟ୍ୟୁଶନ୍ ପ୍ରକ୍ରିୟା ନୂଆବର୍ଷରୁ ଆରମ୍ଭ ହେବ ବୋଲି ରାଜସ୍ୱ ବିଭାଗ ପକ୍ଷରୁ ଜଣାଯାଇଛି। ସୂଚନା ଅନୁଯାୟୀ, ରାଜସ୍ୱ ବିଭାଗ ପକ୍ଷରୁ ପ୍ରତିଦିନ ସନ୍ଧ୍ୟା ୫ଟାରୁ ୬ଟା ମଧ୍ୟରେ ଅନ୍‌ଲାଇନ ରାଜସ୍ୱ ପାଠଶାଳା ଆରମ୍ଭ ହେବ। ଏଥିରେ ପାଳି କରି ପ୍ରତିଦିନ ବିଭିନ୍ନ ବର୍ଗର ଅଧିକାରୀଙ୍କୁ ଯୋଡ଼ାଯିବ। କେଉଁଦିନ ସବୁ ଜିଲାର ଜିଲାପାଳ ଏହି ଅନ୍‌ଲାଇନ୍ ପାଠଶାଳାରେ ନାମ ଲେଖାଇବେ ତ ଆଉ କେଉଁଦିନ ଅତିରିକ୍ତ ଜିଲାପାଳ, ତହସିଲଦାର, ରେଜିଷ୍ଟ୍ରାର ଓ ସବ୍ ରେଜିଷ୍ଟ୍ରାର ରହିବେ। ସେହିପରି ଭୂ-ବନ୍ଦୋବସ୍ତ ଓ ଚକବନ୍ଦୀ କାର୍ଯ୍ୟରେ ନିୟୋଜିତ ଥିବା ଅଧିକାରୀଙ୍କୁ ମଧ୍ୟ ଏହି ପାଠଶାଳାରେ ପ୍ରଶିକ୍ଷଣ ଦିଆଯିବ। ସେଥିପାଇଁ ବିଭାଗ ପକ୍ଷରୁ ପ୍ରତ୍ୟେକ କାର୍ଯ୍ୟଦିବସକୁ ନେଇ ପ୍ଲାନିଂ କରାଯିବ। କେଉଁଦିନ କେଉଁ ଅଧିକାରୀଙ୍କ କେଉଁ ବିଷୟରେ ପାଠଶାଳାରେ ଶିକ୍ଷା ଦିଆଯିବ ଏବଂ ସେମାନଙ୍କୁ କେଉଁ ବର୍ଗର ଅଧିକାରୀ ଶିକ୍ଷାଦେବେ ତାହା ପୂର୍ବରୁ ନିର୍ଦ୍ଧାରିତ ହେବ ଏବଂ ଅଧିକାରୀମାନଙ୍କୁ ଅବଗତ କରାଇ ଦିଆଯିବ। ଯଦି କୌଣସି ଅଧିକାରୀ ରାଜସ୍ୱ ପାଠଶାଳାରେ ଅନୁପସ୍ଥିତ ରହିବେ ତେବେ ସେ ବିଭାଗର ସ୍ୱତନ୍ତ୍ର ଗ୍ରୁପ୍‌ରେ ଜଣାଇବେ ଏବଂ ପରବର୍ତ୍ତୀ ପାଠଶାଳାରେ ଉପସ୍ଥିତ ରହି ଜ୍ଞାନ ଆହରଣ କରିବେ। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ଏକ ବିସ୍ତୃତ ଖସଡ଼ା ପ୍ରସ୍ତୁତ କରାଯାଇଛି। ସରକାରଙ୍କ ଅନୁମୋଦନ ପରେ ନୂତନ ବର୍ଷରେ ବିଭାଗ ପକ୍ଷରୁ ଏହାକୁ ବିଧିବଦ୍ଧ ଭାବେ ଆରମ୍ଭ କରାଯିବ।

ସୂଚନାଯୋଗ୍ୟ, ରାଜ୍ୟରେ ପୁରୁଣାକାଳିଆ ବ୍ରିଟିଶ ଆଇନ ବନ୍ଦ ହୋଇ ସଂଶୋଧିତ ଆଇନ କାର୍ଯ୍ୟକାରୀ ହେଲାଣି। ଏପରି କି ୫୦ରୁ ଅଧିକ ରାଜସ୍ୱ ଗ୍ରାମ ମଧ୍ୟ ଘୋଷଣା ହୋଇଛି। ହେଲେ ଏପର୍ଯ୍ୟନ୍ତ ସମ୍ପୃକ୍ତ ଅଞ୍ଚଳର ଅଧିକାରୀଙ୍କୁ ଏ ବାବଦରେ ଜଣାନାହିଁ। ଏଭଳି କେତେକ ଅଭିଯୋଗକୁ ନେଇ ବିଭାଗ ଏବେ ଆକ୍ସନମୋଡ୍‌କୁ ଆସିଛି। କେଉଁ ଅଧିକାରୀମାନେ ବାସ୍ତବରେ ସରକାରଙ୍କ ସଂଶୋଧିତ ନିୟମ ସମ୍ପର୍କରେ ଜାଣି ନାହାନ୍ତି ଏବଂ କେଉଁମାନେ ଜାଣିକରି ଠକିବାକୁ ଚେଷ୍ଟା କରୁଛନ୍ତି ସେସବୁ ରାଜସ୍ୱ ପାଠଶାଳା ଅବସରରେ ସମୀକ୍ଷା କରାଯିବ। ଯଦି କୌଣସି ଅଧିକାରୀ ଉଦ୍ଦେଶ୍ୟମୂଳକ ଭାବେ ରାଜସ୍ୱ ସେବାକୁ ଲୋକଙ୍କୁ ପ୍ରଦାନ କରିବାରେ ଅବହେଳା ପ୍ରଦର୍ଶନ କରିଥିବେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗର ଚିଠା ପ୍ରସ୍ତାବରେ ରହିଛି।




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସାଂସ୍କୃତିକା ପକ୍ଷରୁ ବିଶ୍ୱ ଓଡ଼ିଶୀ ଉତ୍ସବ ପାଳନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଖାଦ୍ୟ ମହୋତ୍ସବ ୨୦୨୫, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ପୂର୍ବାହ୍ନ ୧୦ଟା।
- ମା' ଜାଗୁଳାଇ ସରସ୍ୱତୀ ଶିଶୁ ମନ୍ଦିରର ସପ୍ତଦଶ ବାର୍ଷିକ ଉତ୍ସବ, ସ୍ଥାନ: ବାଲିଅନ୍ତା ବ୍ଲକର ଅଲାରପୁର ରଙ୍ଗ ବଜାରସ୍ଥିତ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।
- ଚତୁଃଦିବସୀୟ ସାଧନା ଶିବିର, ସ୍ଥାନ: ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟ, ଖଣ୍ଡଗିରି, ସମୟ: ସନ୍ଧ୍ୟା ୫ଟା।
- ଏସ୍‌ଟି ଜାଭିୟର ହାଇସ୍ ସ୍କୁଲ ପକ୍ଷରୁ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ଭିଏସ୍‌ଏସ୍ ନଗର, ସମୟ: ସନ୍ଧ୍ୟା ୫ଟା।
- ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ପକ୍ଷରୁ ଜାତୀୟ ଗ୍ରାହକ ଦିବସ ପାଳନ , ସ୍ଥାନ: ଲୋହିଆ ଏକାଡେମୀ, ୟୁନିଟ ୯, ସମୟ: ସନ୍ଧ୍ୟା ୫ଟା।
- ଆଶ୍ରୟ ଦିବ୍ୟାଙ୍ଗ ସେବାଗ୍ରାମ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ଅପରାହ୍ନ ୪ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ନୂଆସାହି, ବାଲିଆପଟା, ରସୁଲଗଡ଼, ସମୟ: ଅପରାହ୍ନ ୪ଟା।

**କଟକ**
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବାଗ୍ମୀ ବିଶ୍ୱନାଥ କରଙ୍କ ଜୟନ୍ତୀ ଅବସରରେ ଆଲୋଚନାସଭା, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସକାଳ ୮ଟା ୩୦।
- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଆବିର୍ଭାବ ମହୋତ୍ସବ, ସ୍ଥାନ: ରେଲୱେ ଇନ୍‌ଷ୍ଟିଚ୍ୟୁଟ୍, ସମୟ: ସକାଳ ୯ଟା।
- ଦି ଲ' କଲେଜ ପୁରାତନ ଛାତ୍ର ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାଲିଖଣ୍ଡ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: ବାଲିଖଣ୍ଡ, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଭର୍ମିକମ୍ପୋଷ୍ଟ ପ୍ରଦର୍ଶନୀ, ସ୍ଥାନ: ମଇତାପୁର, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ଏଫ୍‌ଏମ୍‌ୟୁରେ ଆନ୍ତର୍ଜାତୀୟ ଆଲୋଚନାଚକ୍ରର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ପିଜି କାଉନସିଲ ସମ୍ମିଳନୀ କକ୍ଷ, ବ୍ୟାସବିହାର, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ୩୧ତମ ବାର୍ଷିକ ଉତ୍ସବ ଓ କଳା ମେଳା-୨୦୨୫ର ଦ୍ୱିତୀୟ ଦିବସ, ସ୍ଥାନ: ଚାରୁ ଓ କାରୁ କଳା ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ସୁଲଗ୍ନା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- କୋଶମ୍ବ ମେଳାର ତୃତୀୟ ସନ୍ଧ୍ୟା, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ଉତ୍କଳ କେଶରୀ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ, ସ୍ଥାନ: ଜାମିତୀରା, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ସମବାୟ ସମିତିର ବାର୍ଷିକ ସାଧାରଣ ସଭା, ସ୍ଥାନ: ପାଳିଆବିନ୍ଧା, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ତଥାସ୍ତୁ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା, ସ୍ଥାନ: ମଠଡିହ, ଆରଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଏବିଭିପି ପକ୍ଷରୁ ନଗର ଶୋଭାଯାତ୍ରା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୩ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ତମ ବାର୍ଷିକ ଉତ୍ସବ, ସ୍ଥାନ: ଚାନ୍ଦବାଲି, ସମୟ: ଅପରାହ୍ନ ୩ଟା।
- ଏକାଡେମିକ୍ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଗଣିଜାଙ୍ଗ, ବନ୍ତ, ସମୟ: ଅପରାହ୍ନ ୪ଟା।
- ଏନ୍‌ଆର୍‌ଆଇ ସ୍କୁଲର ବାର୍ଷିକ ଉତ୍ସବ 'ସ୍ପନ୍ଦନ', ସ୍ଥାନ: ଆରଡ଼ିଛକ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ବାଣିଜ୍ୟ ମେଳା ଉଦ୍‌ଘାଟନ, ସ୍ଥାନ: ସାମରାଇପୁର, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

**ମୟୂରଭଞ୍ଜ**
- ମୟୂରଭଞ୍ଜ ଜିଲା ଭାଜପାର ଖବରଦାତା ସମ୍ମିଳନୀ,ସ୍ଥାନ:ତକତପୁର ଦଳୀୟ କାର୍ଯ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ଗ୍ରାହକ ଦିବସ ପାଳନ,ସ୍ଥାନ:ଦିଗନ୍ତ ବିକାଶ ଉଚ୍ଚ ବିଦ୍ୟାଳୟ ପରିସର, ଦାରଗାଡାହି, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ତ୍ରିନାଥ ଗୋସାଇଁଙ୍କ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ:ଉଦଳା ଥାନା ତ୍ରିନାଥ ଗୋସାଇଁ ନାଟ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

**ବ୍ରହ୍ମପୁର**
- ଉପଭୋକ୍ତା ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ,ସ୍ଥାନ: ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୧ଟା।
- ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ, ସ୍ଥାନ:ରାମଲିଙ୍ଗେଶ୍ୱର ପାର୍କ, ସମୟ: ଅପରାହ୍ନ ୫ଟା।

**ଗଞ୍ଜାମ**
- କେନ୍ଦୁପଦର କଲେଜ ଏନ୍‌ଏସ୍‌ଏସ ପକ୍ଷରୁ ସ୍ୱତନ୍ତ୍ର ଶିବିର, ସ୍ଥାନ: କେଶରାପଲ୍ଲୀ, ସମୟ: ପୂର୍ବାହ୍ନ ୧୦ଟା।
- ନଗର ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ବୁଗୁଡ଼ା ବଡ଼ଦାଣ୍ଡ, ସମୟ: ପୂର୍ବାହ୍ନ ୧୦ ଟା।
- ବିରଞ୍ଚିନାରାୟଣ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉଦ୍‌ଯାପନ, ସ୍ଥାନ: ବୁଗୁଡ଼ା ବ୍ଲକ୍ ଆଦିପୁର ଛକ, ସମୟ: ଅପରାହ୍ନ ୧ ଟା।
- ନିୟୁ ଏରା ପବ୍ଲିକ ସ୍କୁଲର ରୌପ୍ୟ ଜୟନ୍ତୀ ଉତ୍ସବ, ସ୍ଥାନ: ବୁଗୁଡ଼ା ନିଉଏରା ପବ୍ଲିକ ସ୍କୁଲ, ସମୟ: ଅପରାହ୍ନ ୩ ଟା।

**କନ୍ଧମାଳ**
- ନଟରାଜ କଳାମନ୍ଦିର ପକ୍ଷରୁ ଶୀତ ଉତ୍ସବ, ସ୍ଥାନ: ଫୁଲବାଣୀଇ ଗାନ୍ଧୀ ସ୍ମୃତି ଭବନ, ସମୟ: ଅପରାହ୍ନ ୫ ଟା।

**ଢେଙ୍କାନାଳ**
- ଜିଲାସ୍ତରୀୟ ଶିଶୁ ଉତ୍ସବ, ସ୍ଥାନ: ଲକ୍ଷ୍ମୀଧର ସରକାରୀ ମ୍ୟୁନିସିପାଲ ହାଇସ୍କୁଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱରସ୍ୱତୀ ବିଦ୍ୟାମନ୍ଦିରର ୩୯ତମ ବାର୍ଷିକ ଉତ୍ସବ, ସ୍ଥାନ-ସୁନ୍ଦରିଖୋଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ଲିଗାଲ ଆୱାରନେସ୍ ସେମିନାର, ସ୍ଥାନ: ସିନର୍ଜି, ଇଞ୍ଜିନିୟରିଙ୍ଗ୍ କଲେଜ, ଢେଙ୍କାନାଳ, ସମୟ: : ଅପରାହ୍ନ ୨ଟା।

**ଅନୁଗୋଳ**
- ଚମ୍ପତିମୁଣ୍ଡାରେ ଥିବା ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଏମପିହଲ ଓ ବିବେକାନନ୍ଦ ପାର୍କର ଉଦଘାଟନ, ସ୍ଥାନ: ଚମ୍ପତିମୁଣ୍ଡା , ସମୟ : ପୂର୍ବାହ୍ନ ୧୦ ଟା।
- ଅଷ୍ଟକିଳା ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ , ସ୍ଥାନ: ପତାକା ଖେଳ ପଡିଆ, ଆଠମଲ୍ଲିକ।, ସମୟ : ଅପରାହ୍ନ ୨ଟା ୩୦।

**କେନ୍ଦ୍ରାପଡ଼ା**
- ବ୍ଲକସ୍ତରୀୟ ରାଜସ୍ୱ ଅଭିଯୋଗର ଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ଡେରାବିଶ ଓ ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ରାପଡ଼ା ଜିଲା ସୂଚନା ଅଧିକାର ଆଇନ ଅଭିଯାନ ପକ୍ଷରୁ ରାସ୍ତା ନିର୍ମାଣ ଅନିୟମିତତା ବିରୋଧରେ ଗଣଧାରଣା, ସ୍ଥାନ: ଆରଆଣ୍ଡବି ଡିଭିଜନ-୨ କାର୍ଯ୍ୟାଳୟ ସମ୍ମୁଖ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୧ଟା।
- ହୀରକ ଜୟନ୍ତୀ ସମାରୋହ, ସ୍ଥାନ: କନିକା ଉଚ୍ଚ ବିଦ୍ୟାଳୟ, ରାଜକନିକା, ସମୟ: ଅପରାହ୍ନ ୪ଟା।
- ଅଙ୍କୁର ଶିକ୍ଷା ନିକେତନର ବାର୍ଷିକ ଉତ୍ସବ, ସ୍ଥାନ: ଖଡିଅଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।

**ଯାଜପୁର**
- ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃକଲେଜ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବ୍ୟାସନଗର ସ୍ୱୟଂ ଶାସିତ କଲେଜ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ରସୁଲପୁର ବ୍ଲକ କଲଣ ଲିଟିଲ ଟ୍ୱିଙ୍କିଲ ଏକାଡେମିକର ବାର୍ଷିକ ଉତ୍ସବ, ସ୍ଥାନ: ଏକାଡେମିକ ପରିସର, ସମୟ: ଅପରାହ୍ନ ୪ଟା।

**ନୟାଗଡ଼**
- ଘୋଡଲାଗି ପର୍ବର ୨୮ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଘୋଡଲାଗି ପର୍ବର ୨୮ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର ; ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ରକ୍ତଦାନ ଓ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ:ଖଣ୍ଡପଡା ସରକାରୀ ଚିକିତ୍ସାଳୟ, ସମୟ:ଅପରାହ୍ନ ୨ଟା।
- ଜିଲା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ନୟାଗଡ଼ ମହୋତ୍ସବ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ପୌଷ ପୂର୍ଣ୍ଣିମା ସୁନାବେଶର ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ଅପରାହ୍ନ ୫ଟା।
- ପଠାଣୀ ସାମନ୍ତଙ୍କର ୧୯୧ତମ ଜୟନ୍ତୀ, ସ୍ଥାନ:ଖଣ୍ଡପଡା ପଠାଣୀ ସାମନ୍ତ ସ୍ମୃତି ମନ୍ଦିର, ସମୟ:ସନ୍ଧ୍ୟା ୬ଟା।

**ରାୟଗଡ଼ା**
- କୃଷକ ନେତା ରବି ପାଢ଼ୀଙ୍କ ଜୟନ୍ତୀ, ସ୍ଥାନ: ପଣସଗୁଡା ଫାର୍ମ ହାଉସ, ଗୁଣପୁର, ସମୟ: ସକାଳ ୭ଟା।
- ଧାନ ମଣ୍ଡି ଉଦ୍‌ଘାଟନ, ସ୍ଥାନ: ଆରଏମ୍‌ସି, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ମନ୍ତ୍ରୀ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ମୁକ୍ତା ପାର୍କ, ଓଏମ୍‌ପି ଛକ, ରାୟଗଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

**କୋରାପୁଟ**
- ସାଂସଦ ଖେଳ ମହୋତ୍ସବ, ସ୍ଥାନ: ବାଞ୍ଜିଲାପୁଟ ଖେଳ ପଡ଼ିଆ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ୨୩ ପଞ୍ଚାୟତରେ ସତନ୍ତ୍ର ଗ୍ରାମସଭା, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱତନ୍ତ୍ର ଗ୍ରାମସଭା, ସ୍ଥାନ: ପଟ୍ଟାଙ୍ଗି ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।
- ଡିଏଭିଭିଏସ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ହାଲ ସୁନାବେଡ଼ା, ସମୟ: ଅପରାହ୍ନ ୪ଟା।

**ସମ୍ବଲପୁର**
- ବନ୍ଦନା ଆର୍ଟ ଆୟୋଜିତ ଦୁର୍ଗା-୩ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ଅମୃତ ବିହାର ପରିସରସ୍ଥ ଜିଏମୟୁ ଆର୍ଟ ଗ୍ୟାଲେରି, ସମୟ : ପୂର୍ବାହ୍ନ ୧୧ଟାରୁ ରାତି ୭ଟା।
- ସ୍ୱାଭିମାନ ସମ୍ବଲପୁର ପକ୍ଷରୁ ନୂତନ ବର୍ଷ -୨୦୨୫ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା।
- ଯୁବ ଉଦୟନ ଆୟୋଜିତ ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗୀତାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଝାଙ୍ଗୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ସନ୍ଧ୍ୟା ୬ଟା।
- ବରଗଡ ଜିଲା ବରଡୋଲ ଆତ୍ମ ପ୍ରକାଶ ଅନୁଷ୍ଠାନର ନାଟକ ଏ.. ଆଇ ଦେଲୁ ଦେଲୁ କାଏଁ ଭେଲକେଇ ମଞ୍ଚସ୍ଥ, ସ୍ଥାନ : ଝାଙ୍ଗୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ରାତି ୬ଟା୧୫।
- ସମ୍ବଲପୁର ବିଇଡି ମହାବିଦ୍ୟାଳୟ ଡ୍ରାମାଟିକ କ୍ଲବ ପକ୍ଷରୁ ନାଟକ ସମିୟାର ଡାକ ମଞ୍ଚସ୍ଥ, ସ୍ଥାନ : ଝାଙ୍ଗୁଆପଡାସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ରାତି ୭ଟା ୩୦।
- ବାରଗଡ ଜିଲା ଗାଇସିଲେଟ ଗୌରରେନ ମୁଣ୍ଡା ନିଆଁଲିମଲି ନାଟ୍ୟକଳା ପରିଷଦର ନାଟକ ବିନ କୁଲିଆ ମଞ୍ଚସ୍ଥ, ସ୍ଥାନ: ଝାଙ୍ଗୁଆପଡାସ୍ଥିତ ଆରଣ୍ୟକ ମଞ୍ଚ, ସମୟ: ରାତି ୮ଟା ୪୫।

**ବଲାଙ୍ଗୀର**
- ରାଜ୍ୟସ୍ତରୀୟ ଫେନସିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ବଲାଙ୍ଗୀର ଆର୍‌ଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସମୟ: ସକାଳ ୭ଟା।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପଥରଚେପା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଲୋଇସିଂହାର ପ୍ରସିଦ୍ଧ ବଡ଼ଦେଓ ଯାତ୍ରା, ସ୍ଥାନ: ଜମିଦାର ଘର ରାଜବାଟି, ସମୟ ଅପରାହ୍ନ ୩ଟା।

**ରାଉରକେଲା**
- ଇଣ୍ଡୋ ଇଂରାଜୀ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ବିର୍ସାମୁଣ୍ଡା ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଲାୟନ୍ସ ଫେଟ କାର୍ଯ୍ୟକ୍ରମ-୨୦୨୫, ସ୍ଥାନ: ସିଭିଲ ଟାଉନଶିପ ଏଲ୍‌ଆଇସି ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ବାସନ୍ତୀ ଡିଏଭି ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଦିଲ୍ଲୀ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ଉଦ୍‌ଯାପିତ, ସ୍ଥାନ: ସେକ୍ଟର-୧୪ , ସ୍କୁଲ ପରିସର ସମୟ: ସନ୍ଧ୍ୟା ୫ଟା।
- ଅଖିଳ ଭାରତୀୟ ସାହିତ୍ୟ ପରିଷଦର ମାସିକ ସାହିତ୍ୟ ଆସର, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ଅପରାହ୍ନ ୫ଟା ୪୫।
- ନାଟ୍ୟ ମହୋତ୍ସବ ୫ମ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ଜେପି ହସ୍ପିଟାଲର ବାର୍ଷିକ ଉତ୍ସବ ଓ ଫେଟେ ଉଦ୍‌ଯାପିତ, ସ୍ଥାନ: ବେଦବ୍ୟାସ, ଦାଣ୍ଡିଆପଲ୍ଲୀ ସମୟ: ସନ୍ଧ୍ୟା ୬ଟା ୩୦।

**ବରଗଡ଼**
- ଧନୁଯାତ୍ରାର ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ: ଗାନ୍ଧିଛକ, ବରଗଡ଼, ସମୟ: ଅପରାହ୍ନ ୨ଟା।
- ସର୍ବଭାରତୀୟ ୨୯ତମ ଛିଣ୍ଡେଇକେଲା କ୍ରିକେଟ କପ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଚନ୍ଦ୍ରଶେଖର ମିନି ଷ୍ଟାଡିୟମ, ପାଇକମାଳ, ସମୟ: ଅପରାହ୍ନ ୨ଟା।
- ବରଗଡ଼ ଧନୁଯାତ୍ରା ମହୋତ୍ସବର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ରାଜ ଦରବାର ମଞ୍ଚ, ହାଟପଦା, ବରଗଡ଼, ସମୟ: ସନ୍ଧ୍ୟା ୭ଟା।

**କଳାହାଣ୍ଡି**
- ପ୍ରାରମ୍ଭ ସ୍କୁଲର ୮ତମ ବାର୍ଷିକ ଉତ୍ସବ, ସ୍ଥାନ: କେସିଙ୍ଗା ବସ୍‌ଷ୍ଟାଣ୍ଡ ନିକଟ ଜଗନ୍ନାଥ ସ୍କୋୟାର, ସମୟ: ଅପରାହ୍ନ ୫ଟା।

**ବୌଦ୍ଧ**
- ଜିଲାପରିଷଦ ବୈଠକ, ସ୍ଥାନ: ପଞ୍ଚାୟତ ଭବନ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ବୌଦ୍ଧ ପୋଲିସର ଭୈରବୀ ସ୍କ୍ୱାଡ୍‌ର ଉନ୍ମୋଚନ, ସ୍ଥାନ: ଟାଉନହଲ, ବୌଦ୍ଧ, ସମୟ: ଅପରାହ୍ନ ୪ଟା।

**ଦେବଗଡ଼**
- ସର୍ବଭାରତୀୟ ବାମଣ୍ଡା କପ୍ କ୍ରିକେଟ୍ ପ୍ରତିଯୋଗିତାର ତୃତୀୟ ଦିବସ, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ଗ୍ରାହକ ଦିବସ, ସ୍ଥାନ: ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ସନ୍ଧ୍ୟା ଆଳତି, ସ୍ଥାନ: ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ୨୯ ତମ ସର୍ବ ଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପର ପ୍ରଥମ ସେମିଫାଇନାଲ, ଏନ୍‌ଏନ୍‌ଏସ୍ ପ୍ରୟାଗରାଜ ବନାମ ଏସ୍‌ଡିସିଏ ସୋନପୁର, ସ୍ଥାନ: ଲୁଡୁରପଙ୍କ ହାଇସ୍କୁଲ ପଡିଆ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: କାନପୁର, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣ ଭାରତୀ ପରିବାରର ବାର୍ଷିକ ଉତ୍ସବ, ସ୍ଥାନ: ସୁବର୍ଣ୍ଣପୁର ସହର ଡେରାପଡ଼ାସ୍ଥିତ ଦୟାନନ୍ଦ ପ୍ଲେ ସ୍କୁଲ, ସମୟ: ଅପରାହ୍ନ ୩ଟା ୩୦।
- ଅଦିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ପ୍ରୋଗ୍ରେସ ଇନ୍ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୫ଟା।
- ଶ୍ରୀରାମ ଲୀଳା ମହୋତ୍ସବର ଚତୁର୍ଥ ରଜନୀରେ ତେଣ୍ଡିପାଲି, ବଲାଙ୍ଗୀର ନାଟ୍ୟ ସାଂସଦ ଦ୍ୱାରା ସୀତାଚୋରି ପରିବେଷଣ, ସ୍ଥାନ: ପଞ୍ଚମୁଖୀ ହନୁମାନ ବାଟିକା, ପଥରଘାଟ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ଜବାହର ନବୋଦୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: କୋମନା ବ୍ଲକ ତରବୋଡ଼ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଖେଳପଡିଆ, ସମୟ: ସକାଳ ୯ଟା ୩୦।
- ପ୍ରଥମ ଜୋନସ୍ତରୀୟ ୟୁନିଟ୍ କପ୍ କ୍ରିକେଟ ଦଶମ ଦିବସ, ସ୍ଥାନ: ଖଡିଆଲ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଦେବାହାଲ ଗାଁ, ପୂର୍ବାହ୍ନ ୧୦ଟା।
- ବାନରସେନା ମଞ୍ଚ ନୂଆପଡ଼ା ପକ୍ଷରୁ ପଞ୍ଚାୟତ ସ୍ତରୀୟ ସଭାପତି ଚୟନ ଓ ସାଂଗଠନିକ ସଭା, ସ୍ଥାନ: ବୋଡ଼େନ ବ୍ଲକ ପାତଲଗଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।
- ୪ର୍ଥ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଅଷ୍ଟମ ରଜନୀରେ ରଙ୍ଗସଭା, ସ୍ଥାନ: କୋମନା ବ୍ଲକ ତରବୋଡ଼ ଖେଳପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।
- ଧନୁଯାତ୍ରା ଉପଲକ୍ଷେ ସୁପରହିଟ ଷ୍ଟାର୍ ନାଇଟ ଉମାକାନ୍ତ ବାରିକ ଅର୍କେଷ୍ଟ୍ରା, ସ୍ଥାନ: କୋମନା ବ୍ଲକ ତରବୋଡ଼ ଧନୁଯାତ୍ରା ପଡିଆ, ସମୟ: ରାତି ୧୦ଟା।

**ଝାରସୁଗୁଡ଼ା**
- କ୍ରିକେଟ ପ୍ରତିଯୋଗିତା, ସ୍ଥାନ:ଲୁହାବଗା କ୍ରିକେଟ ପଡ଼ିଆ, ସମୟ:ପୂର୍ବାହ୍ନ ୧୧ଟା।
- ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା, ସ୍ଥାନ:ତେଲିପଡ଼ା, କନକତୋରା,ସମୟ:ସନ୍ଧ୍ୟା ୬ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଉତ୍ତମ ପରିବା ସୁସିଝା କରିବା**
**ଯାହା ମାଆ ରାନ୍ଧି ଜାଣେ,**
**ତା' ଝିଅକୁ ବରିବା।**

କଥାରେ ଅଛି ମା' ଗୁଣେ ଝିଅ। ମା' ଯଦି ଭଲ ରନ୍ଧାବଢ଼ା କରି ଶିଖିଥାଏ ତା' ଝିଅ ମଧ୍ୟ ମା'ଠାରୁ ସେଭଳି ଶିକ୍ଷା ପାଇ ଭଲ ରୋଷେଇ କରିବାର ସମ୍ଭାବନା ରହିଥାଏ। ସେହି ଦୃଷ୍ଟିରୁ ସେଭଳି ଝିଅକୁ ଚୟନ କରିବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉଡ଼ି ଯା' କାକ-ପୋଇରେ**
**ଘେନି ଶୁଭ ବାରତା**
**ବନବାସୁ ଫେରି ଆସନ୍ତୁ**
**ରାମ ଲକ୍ଷ୍ମଣ ସୀତା।**

ଘରର ଚାଳ କିମ୍ବା ଛାତ ଉପରେ କାଉ ରାବିଲେ ଘରକୁ କେହି ଆତ୍ମୀୟ ବା ନିକଟ ସମ୍ପର୍କୀୟ ଆଗମନ କରିବାର ଶୁଭ ସୂଚନା ପ୍ରାପ୍ତ ହୋଇଥାଏ। ତ୍ରେତୟା ଯୁଗରେ ପିତୃ ସତ୍ୟ ପାଳନ କରି ପ୍ରଭୁ ରାମଚନ୍ଦ୍ର, ଅନୁଜ ଲକ୍ଷ୍ମଣ ଓ ଦେବୀ ସୀତା ବନବାସ ଗମନ କରିଥିବାବେଳେ ତାଙ୍କ ଲେଉଟାଣିକୁ ଯେମିତି ରାଜ୍ୟବାସୀ ଚାତକ ପରି ଚାହିଁ ରହିଥିଲେ ସେମିତି ଦୂର ବିଦେଶରେ ରହୁଥିବା ଆତ୍ମୀୟ ସକୁଶଳେ ଘରକୁ ଫେରି ଆସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରସ୍ତୁତ ହେବ ୪୯ ଖଣିର ବାର୍ଷିକ ନିଲାମ କ୍ୟାଲେଣ୍ଡର

ଭୁବନେଶ୍ୱର, ୨୩।୧୨(ସୁନିତ୍ ମିଶ୍ର)

ରାଜ୍ୟର ୪୯ଟି ଖଣିର ନିଲାମ ପାଇଁ ବାର୍ଷିକ କ୍ୟାଲେଣ୍ଡର ଚୂଡାନ୍ତ କରିବା ଲାଗି ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆହ୍ୱାନ କରିଛନ୍ତି। ଜାନୁଆରୀ ୩ ଅପରାହ୍ନ ୪ଟାରେ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ବୈଠକରେ ଖଣି ନିଲାମ ପାଇଁ ବାର୍ଷିକ ନିଲାମ କ୍ୟାଲେଣ୍ଡର ଚୂଡ଼ାନ୍ତ କରାଯିବ। ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ସଚିବ ଏନେଇ ଗତ ୨୦ରେ ବୈଠକରେ ଓଏମ୍‌ସି ଲିମିଟେଡ୍‌ର ଏମ୍‌ଡି, ଓଡ଼ିଶାର ଖଣି ନିର୍ଦ୍ଦେଶକ, ଓଡ଼ିଶାର ଡେପୁଟି ଡାଇରେକ୍ଟର ଜେନେରାଲ୍ ଜିଏସ୍‌ଟି, ଏମ୍‌ଇସିଏଲ୍‌ର ଚେୟାରମ୍ୟାନ୍-କମ୍-ମ୍ୟାନେଜିଂ ଡାଇରେକ୍ଟର ଏବଂ ଆଇବିଏମ୍‌ର ରିଜିଓନାଲ୍ କଣ୍ଟ୍ରୋଲର ଅଫ୍ ମାଇନ୍ସଙ୍କୁ ପୂର୍ଣ୍ଣାଙ୍ଗ ତଥ୍ୟ ସହିତ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି, ଖଣି ମନ୍ତ୍ରଣାଳୟ ପକ୍ଷରୁ ମିନେରାଲ୍ ବ୍ଲକ ଗୁଡିକର ବାର୍ଷିକ ନିଲାମ କ୍ୟାଲେଣ୍ଡର ପ୍ରସ୍ତୁତ କରି ତାକୁ ତୁରନ୍ତ ପ୍ରକାଶ କରିବା ଦରକାର। ନିଲାମ ପ୍ରକ୍ରିୟାରେ ଯେପରି ସ୍ୱଚ୍ଛତା ରଖିହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଓଡ଼ିଶା ମାଇନ୍ସ ଏବଂ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ପକ୍ଷରୁ ୩୫ଟି ମେଜର ମିନେରାଲ, ୧୪ଟି କ୍ରିଟିକାଲ ମିନେରାଲ୍ସର ତାଲିକା ପ୍ରକାଶ କରିଛନ୍ତି। ଏଗୁଡିକର ବାର୍ଷିକ ନିଲାମ କ୍ୟାଲେଣ୍ଡର ପ୍ରସ୍ତୁତ କରାଯିବ।

ପ୍ରଥମ ପୃଷ୍ଠାରୁ...

## ତେଜିଲା ବାଂଲାଦେଶ...

ଅରାଜକତା ସ୍ଥିତି ଉପୁଜିଥିଲା। ୧୫,୦୦୦ ପୋଲିସ ମୁତୟନ ସହ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ବିକ୍ଷୋଭକାରୀ ଗୈରିକ ପତାକା ଧରି ଓ ସ୍ଲୋଗାନ ଦେଇ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଥିବା ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ଆଡ଼େ ମାଡ଼ିଯାଇଥିଲେ। ୮୦୦ ମିଟର ଦୂରରୁ ପୋଲିସ ବିକ୍ଷୋଭକାରୀଙ୍କୁ ଅଟକାଇବାରେ ସମର୍ଥ ହୋଇଥିଲା। ହିନ୍ଦୁ ରକ୍ତର ଗୋଟିଏ ଗୋଟିଏ ବୁନ୍ଦାର ହିସାବ ଚାହୁଁ ବୋଲି ବିକ୍ଷୋଭକାରୀ ସ୍ଲୋଗାନ ଦେଇଥିଲେ। ସୂଚନାଯୋଗ୍ୟ, ଗତ ୧୮ ତାରିଖରେ ବାଂଲାଦେଶର ମିମେନସିଂ ଅନ୍ତର୍ଗତ ବାଲୁକାଠାରେ ଆଲ୍ଲାଙ୍କୁ ନିନ୍ଦା କରିବା ଅଭିଯୋଗରେ ୨୫ ବର୍ଷୀୟ ଦୀପୁ ଚନ୍ଦ୍ର ଦାସଙ୍କୁ ଉତ୍ତ୍ୟକ୍ତ ଲୋକେ ଫ୍ୟାକ୍ଟ୍ରି ବାହାରେ ପିଟି ହତ୍ୟା କରିବା ପରେ ମୃତଦେହକୁ ଜାଳିଦେଇଥିଲେ। ହିନ୍ଦୁ ଯୁବକଙ୍କୁ ବୀଭତ୍ସ ହତ୍ୟା ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିକ୍ଷୋଭକାରୀ ଦାବି କରିଛନ୍ତି। ହତ୍ୟାକାଣ୍ଡ ପଛରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କ ବିରୋଧରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ବାଂଲାଦେଶର ଅନ୍ତରୀଣ ସରକାର ସଂଖ୍ୟାଲଘୁମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ବିକ୍ଷୋଭକାରୀ ଅଭିଯୋଗ କରିବା ସହ ସେଠାରେ ରହୁଥିବା ହିନ୍ଦୁମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଭାରତ ସରକାର କଠୋର କୂଟନୈତିକ ପଦକ୍ଷେପ ଗ୍ରହଣ କରିବାକୁ ବିକ୍ଷୋଭକାରୀ ଦାବି କରିଛନ୍ତି। ବାଂଲାଦେଶର ଲୋକମାନେ ଜିହାଦୀ ମାନସିକତା ରଖିଲେ ଆମେ କ'ଣ କରିପାରିବୁ। ସେଠାରେ ହିନ୍ଦୁ ପରିବାରଗୁଡ଼ିକର ସମର୍ଥନରେ ଭିଏଚ୍‌ପି ଏବଂ ବଜରଙ୍ଗ ଦଳର ପ୍ରତ୍ୟେକ କର୍ମୀ ଛିଡ଼ାହେବେ। ଆମେ ସବୁ ପ୍ରତିବନ୍ଧକକୁ ଅତିକ୍ରମ କରି ବାଂଲାଦେଶ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବୁ ବୋଲି ଜଣେ ବିକ୍ଷୋଭକାରୀ କହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ସେମାନେ ଚେତାବନୀ ଦେଇଛନ୍ତି। ହିନ୍ଦୁ ଏକତା ପାଇଁ ଜଣେ ବିକ୍ଷୋଭକାରୀ ଆହ୍ୱାନ ଦେଇଛନ୍ତି।

କୋଲକାତାରେ ମଧ୍ୟ ବହୁସଂଖ୍ୟାରେ ହିନ୍ଦୁ ସଂଗଠନର ସମର୍ଥକମାନେ ବାଂଲାଦେଶ ଉପଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ବାହାରେ ବିକ୍ଷୋଭ ଶୋଭାଯାତ୍ରା ଉଦ୍ୟମ କରିଥିଲେ। ପୋଲିସ ଅଟକାଇବାରୁ ବିକ୍ଷୋଭକାରୀଙ୍କ ସହ ସଂଘର୍ଷ ହୋଇଥିଲା। ବିକ୍ଷୋଭକାରୀଙ୍କୁ ଘଉଡ଼ଇବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା। ସଂଘର୍ଷରେ ଅନେକ ପୋଲିସ ଏବଂ ବିକ୍ଷୋଭକାରୀ ଆହତ ହୋଇଛନ୍ତି। ପୋଲିସ ୧୨ ଜଣ ବିକ୍ଷୋଭକାରୀଙ୍କୁ ଗିରଫ କରିଛି। ଇତିମଧ୍ୟରେ ଭାରତରେ ଥିବା ବାଂଲାଦେଶର କୂଟନୈତିକ ମିଶନର ସୁରକ୍ଷାକୁ ନେଇ ଉଦ୍‌ବେଗ ଜଣାଇବା ପାଇଁ ଢାକା ମଙ୍ଗଳବାର ଭାରତୀୟ ଉଚ୍ଚାୟୁକ୍ତ ପ୍ରଣୟ ବର୍ମାଙ୍କୁ ସମନ ଜାରି କରିଛି। ବାଂଲାଦେଶରେ ହିନ୍ଦୁ ଯୁବକଙ୍କୁ ପିଟି ହତ୍ୟା ଘଟଣାକୁ ନେଇ ବିକ୍ଷୋଭ ବଢ଼ିବା ସହ ବିଭିନ୍ନ ସହରରେ କନ୍‌ସୁଲାର ସର୍ଭିସ୍ ସ୍ଥଗିତ ରଖାଯାଇଛି। ବାଂଲା ବହିର୍ବ୍ୟାପାର ସଚିବ ଅସାଦ ଆଲମ ସିଆମ୍ ନୂଆଦିଲ୍ଲୀ, କୋଲକାତା, ଅଗରତାଲାରେ ଥିବା ଏହାର ମିଶନରେ ସୁରକ୍ଷା ସ୍ଥିତିକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ନିମନ୍ତେ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ଡାକିଥିଲେ। ନିକଟରେ ଘଟିଥିବା ଘଟଣା ପାଇଁ ଢାକା ଅତ୍ୟନ୍ତ ଚିନ୍ତିତ ବୋଲି ବହିର୍ବ୍ୟାପାର ସଚିବ ଜଣାଇବା ସହ ଭିଏନା ଚୁକ୍ତି ଅନୁଯାୟୀ କୂଟନୈତିକ ମିଶନଗୁଡ଼ିକୁ ପୂର୍ଣ୍ଣ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଦେଶର ଉତ୍ତରଦାୟିତ୍ୱ ଉପରେ ଜୋର ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାନ୍ଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ବନ୍ଧୁଙ୍କ ପାରିବାରିକ ବିବାଦର ସମାଧାନ ପାଇଁ ଆଲୋଚନାରେ ନିମଗ୍ନ ରହିପାରନ୍ତି। ଶେଷ ସମୟରେ କୌଣସି ସୁଯୋଗ ପାଇ ହରାଇବା ସକାଶେ ବ୍ୟଥିତ ହେବାକୁ ପଡ଼ିପାରେ। ଆବଶ୍ୟକତା ଉପଲବ୍ଧି କରି ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପରଶ୍ରୀକାତର ସହକର୍ମୀଙ୍କ ଦ୍ୱାରା ସମାଲୋଚିତ ହୋଇପାରନ୍ତି।

**ବୃଷ** — କୌଣସି ଘଟଣାକୁ କେନ୍ଦ୍ରକରି ସକାଳୁ ସକାଳୁ ମନଟା ବିଗିଡ଼ି ଯାଇପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ସଙ୍ଗକୁ ପରିବାରରେ ଶାନ୍ତି ମଧ୍ୟ ଫେରି ଆସିବ। ବନ୍ଧୁଙ୍କ ଦ୍ୱାରା ପ୍ରଭାବିତ ହୋଇ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିପାରିବ ନାହିଁ।

**ମିଥୁନ** — ବିଗିଡ଼ି ଯାଇଥିବା ପରିବେଶକୁ ସୁଧାରିବା ସକାଶେ କର୍ମକ୍ଷେତ୍ରରେ ବିନୟପୂର୍ଣ୍ଣ ବ୍ୟବହାର ଦ୍ୱାରା କାମ ହାସଲ କରିପାରନ୍ତି। ପରିବାରର ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ପଡ଼ିପାରେ। ପଦସ୍ଥବ୍ୟକ୍ତିଙ୍କ ସହାୟତାରେ ମଉଳି ଯାଇଥିବା ଆଶା କଅଁଳି ଉଠିବ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅପମାନିତ ହୋଇପାରନ୍ତି।

**କର୍କଟ** — ମନ ଭଲ ନ ଥିବା କାରଣରୁ ପ୍ରତ୍ୟେକ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ। ପୁରୁଣା ସମସ୍ୟା ତୁଟି ଯାଇଥଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ବନ୍ଧୁଙ୍କ ପ୍ରଶଂସା ଓ ପ୍ରୋତ୍ସାହନରୁ ମନୋବଳ ବୃଦ୍ଧି ପାଇବ। ଭ୍ରାତୃ ସମ୍ପର୍କରେ ସାମାନ୍ୟ ଉନ୍ନତି ଘଟିବା କାରଣରୁ ମାନସିକ ଅସ୍ଥିରତା ଦୂର ହୋଇଯିବ।

**ସିଂହ** — ଆଲୋଚନାର ଶେଷଭାଗରେ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପରିବାରର ଆବଶ୍ୟକତା ଅନୁଯାୟୀ ଧାରକରଜ କରି କାମ ଚଳାଇ ନେବେ। ପରିସ୍ଥିତି ଯାହା ହେଉନା କାହିଁକି ଆପଣ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**କନ୍ୟା** — ବିବାଦୀୟ ଘଟଣାର ସମାଧାନ ସକାଶେ ବନ୍ଧୁ ପରାମର୍ଶ ଲୋଡ଼ିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେବାରୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ଆଲୋଚନା ସମୟରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଦୀର୍ଘ ଦିନ ହେଲା ଖୋଜୁଥିବା ଜିନିଷ ଆଜି ବନ୍ଧୁଙ୍କ ଜରିଆରେ ପାଇଯିବେ।

**ତୁଳା** — ଆଲୋଚନା ପରିସରରେ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। କର୍ମକ୍ଷେତ୍ରରେ ଈର୍ଷାଳୁ ସହକର୍ମୀଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଆଜିର ଯାତ୍ରା, ପ୍ରଶାସନ, କଳା, ସାହିତ୍ୟ କ୍ଷେତ୍ରରୁ ପ୍ରଶଂସିତ ହେବାର ସୂଚନା ରହିଛି। ପାରିବାରିକ ସମସ୍ୟାକୁ ସୁଧାରି ନେବାରେ ପଡ଼ୋଶୀ ସହାୟତା କରିବେ।

**ବିଛା** — ଅଧିକାଂଶ ସମୟରେ ଟେନ୍ସନରେ ଚଳିଲେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିପାରିବେ। ଉପରିସ୍ଥ ଅଧିକାରୀଙ୍କ ସହାୟତାରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିବା ଠିକ୍ ହେବ ନାହିଁ। ଗୃହସୀମା କିମ୍ବା ଭୂମି, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିପାରେ।

**ଧନୁ** — ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ। ଲାଗି ରହିଥିବା ବିବାଦର ଆଜି ସମାଧାନ ଘଟିବାର ସୂଚନା ରହିଛି। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳା କାରଣରୁ କୈଫିୟତ ଦେବାକୁ ପଡ଼ିପାରେ। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, ପ୍ରକାଶନ ଏବଂ ପ୍ରଶାସନିକ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମକର** — ଚନ୍ଦ୍ର ସହ ବୃହସ୍ପତିଙ୍କ ଷଡ଼ାଷ୍ଟସ୍ଥିତି କାରଣରୁ ଅର୍ଥ କାରବାରରେ କଳହର ଆଶଙ୍କା ରହିଛି। ମୂଲ୍ୟବାନ ଜିନିଷଟି ପରକୁ ଦେଇ ଆବଶ୍ୟକ ସମୟରେ ଅପଦସ୍ଥ ହୋଇପାରନ୍ତି। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନା ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ଆଜିର କର୍ମକ୍ଷେତ୍ର ଏବଂ ପାରିବାରିକ ସ୍ଥିତି ଶାନ୍ତିପ୍ରଦ ରହିବାର ସୂଚନା ରହିଛି।

**କୁମ୍ଭ** — ମାନସିକ ସ୍ଥିତି ଭଲ ରହିଲେ ମଧ୍ୟ ଦୈହିକ ଦୁର୍ବଳତା ଲାଗିରହିବ। ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହିତ ଭୁଲବୁଝାମଣା କାରଣରୁ ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକ ଅଟକି ରହିଯିବ।

**ମୀନ** — ସାମାନ୍ୟ ବଚସାକୁ କେନ୍ଦ୍ରକରି ଆଜି ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହେବ। ଆନୁଷ୍ଠାନିକ ସ୍ତରରେ ସବୁ ସମସ୍ୟା ଜାଣି ମଧ୍ୟ ନୀରବତା ଅବଲମ୍ବନ କରିବାକୁ ଶ୍ରେୟ ମନେକରିବେ। କୌଣସି ବ୍ୟତିକ୍ରମ ଅବଲୋକନ କରି ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

ଆଜି ଡିସେମ୍ବର ୨୪ ତାରିଖ, ରାଷ୍ଟ୍ରୀୟ ଉପଭୋକ୍ତା ଦିବସ, ଅଦ୍ୟ ବରଗଡରେ ୧୧ ଦିନ ବ୍ୟାପୀ ପ୍ରସିଦ୍ଧ ଧନୁଯାତ୍ରା ଆରମ୍ଭ। ରାଶିନକ୍ଷତ୍ର-ଧନିଷ୍ଠା/ମକର, ଚତୁର୍ଥୀରେ ଏକୋଦ୍ଦିଷ୍ଟ ଓ ୫ମୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୧ମି. ଗତେ ଘ.୦୮.୩୧ମି. ମଧ୍ୟେ, ଘ.୧୦.୪୧ମି. ଗତେ ଘ.୧୧.୪୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୬ମି. ଗତେ ଘ.୦୧.୦୭ମି. ମଧ୍ୟେ ରାହୁ କାଳ।

# ବାରିପଦାରେ ନିର୍ମାଣ ହେବ ଆଧୁନିକ ଅଟଳ ବସ୍‌ଷ୍ଟାଣ୍ଡ

ଭୁବନେଶ୍ୱର, ୨୩।୧୨
(ବନ୍ଦନା ସେଠୀ)

ମୟୂରଭଞ୍ଜ ଜିଲାର ବାରିପଦାକୁ ଏକ ମୁଖ୍ୟ ପରିବହନ କେନ୍ଦ୍ର ଭାବେ ଉନ୍ନତ କରାଯିବ। ଯାତ୍ରୀ ସୁବିଧା, ସହରୀୟ ଗତିଶୀଳତା ଓ ପର୍ଯ୍ୟଟନ ସମ୍ଭାବନାକୁ ଦୃଷ୍ଟିରେ ରଖି ବାରିପଦାରେ ବିମାନବନ୍ଦର ଭଳି ସୁବିଧା ସହିତ ଆଧୁନିକ ଅଟଳ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବ। ଏ ନେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଘୋଷଣା କରିଛନ୍ତି। ମଙ୍ଗଳବାର ଉନ୍ନତି ଭବନରେ ପ୍ରକଳ୍ପ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନ୍ତ୍ରୀ ମହାପାତ୍ର ଅଧ୍ୟକ୍ଷତା କରି କହିଲେ, ଏହି ବସ୍ ଟର୍ମିନାଲ ଉତ୍ତର ଓଡ଼ିଶାରେ ସାର୍ବଜନୀନ ଢାଞ୍ଚା ପ୍ରକଳ୍ପ ଭାବେ ମାଇଲଷ୍ଟୋନ ହେବ। ଏହି ପ୍ରକଳ୍ପ ପାଇଁ ଅର୍ଥର ଅଭାବ ରହିବ ନାହିଁ। ସମସ୍ତ ସଂପୃକ୍ତ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରଖି ପ୍ରକଳ୍ପକୁ କାର୍ଯ୍ୟାନ୍ୱୟନ କରିବେ। ପ୍ରାୟ ୫ ଏକର ଜମିରେ ଅଟଳ ବସ୍‌ଷ୍ଟାଣ୍ଡସ୍ନିର୍ମାଣ କରାଯିବ। ଯାତ୍ରୀ ସୁବିଧା, ସୁରକ୍ଷା, ସୁଲଭତା ଓ କାର୍ଯ୍ୟକ୍ଷମ ପରିଚାଳନାକୁ ପ୍ରାଥମିକତା ଦେଇ ଟର୍ମିନାଲ୍‌ର ଡିଜାଇନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ବୈଠକରେ ଓଏସ୍‌ଆର୍‌ଟିସି ପକ୍ଷରୁ ପ୍ରସ୍ତୁତ 'ଏ-କ୍ଲାସ' ଯାତ୍ରୀ ମୁଖୀ ଡିଜାଇନ ପ୍ରେଜେଣ୍ଟେଶନ୍‌ର ବିସ୍ତୃତ ଆଲୋଚନା ହୋଇଥିଲା। ଅଟଳ ବସ୍‌ଷ୍ଟାଣ୍ଡ ଓ ବାରିପଦା ସହରର ଦୃଶ୍ୟମାନତା, ସୁଲଭତା ଓ ସ୍ଥାପତ୍ୟ ସୌନ୍ଦର୍ଯ୍ୟକୁ ବୃଦ୍ଧି କରିବା ଭଳି ପ୍ରସ୍ତାବିତ ଫ୍ଲାଏଓଭର ନିର୍ମାଣ ଡିଜାଇନ୍ ହେବା ଦରକାର ବୋଲି ସଂପୃକ୍ତ ଢାଞ୍ଚା ଯୋଜନାର ସମୀକ୍ଷା ସମୟରେ ମନ୍ତ୍ରୀ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସମ୍ପୃକ୍ତ ସହରାଞ୍ଚଳ ସ୍ଥାନୀୟ ସରକାର (ୟୁଏଲ୍‌ବି) ପକ୍ଷରୁ ପ୍ରକଳ୍ପ ଅଞ୍ଚଳ ଓ ଆଖପାଖରେ ୬,୦୦୦ରୁ ଅଧିକ ଗଛ ରୋପଣ କରାଯିବ। ଏହା ସହିତ ଜଙ୍ଗଲ ବିଭାଗ ପକ୍ଷରୁ ୧୦ଏକର ଅଞ୍ଚଳରେ ସବୁଜକରଣ ପାଇଁ ଅର୍ଥରାଶି ଆବଣ୍ଟନ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ବସ୍‌ଷ୍ଟାଣ୍ଡ୍‌ରେ ପ୍ରଶସ୍ତ ଓ ଥଣ୍ଡା ବାତାନୁକୂଳିତଯୋଗ୍ୟ ପ୍ରତୀକ୍ଷା ହଲ, ପରିଷ୍କାର ଶୌଚାଳୟ, ଫୁଡ୍‌କୋର୍ଟ, କ୍ଷୁଦ୍ର ବ୍ୟବସାୟ ସ୍ଥାନ, ଦିବ୍ୟାଙ୍ଗ-ସହଜ ସୁବିଧା, ଡିଜିଟାଲ ଯାତ୍ରୀ ସୂଚନା ପ୍ରଣାଳୀ, ସିସିଟିଭି ନିରୀକ୍ଷଣ, ୱାଇ-ଫାଇ ସଂଯୋଗ, ମୋବାଇଲ ଚାର୍ଜିଂ ପଏଣ୍ଟ, ଶିଶୁ-ମିତ୍ର କ୍ଷେତ୍ର ପରିଚାଳନା, ରକ୍ଷଣାବେକ୍ଷଣ ଓ ଫ୍ଲିଟ୍ ପରିଚାଳନା ପାଇଁ ଏକତ୍ରିତ ବସ ଡିପୋ, ବର୍ଷାଜଳ ସଂରକ୍ଷଣ, ସୌର ଆଲୋକୀକରଣ ଓ ସବୁଜ ଖୋଲା ସ୍ଥାନ ଆଦି ରହିବ। ନୂତନ ବସ୍ ଟର୍ମିନାଲ ସହର କେନ୍ଦ୍ରକୁ ଭିଡ଼ମୁକ୍ତ କରିବା ସହ ରାସ୍ତା ସୁରକ୍ଷା ଉନ୍ନତ କରିବ। ଏଥିସହ ଭୁବନେଶ୍ୱର, ବାଲେଶ୍ୱର, କୋଲକାତା ସହିତ ଅନ୍ୟାନ୍ୟ ମୁଖ୍ୟ ସ୍ଥାନକୁ ସଂଯୋଗ ସୁଦୃଢ଼ କରିବ। ଏହି ପ୍ରକଳ୍ପ ଶିମିଳିପାଳ ଜାତୀୟ ଉଦ୍ୟାନ ଓ ପାର୍ଶ୍ୱବର୍ତ୍ତୀ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଉତ୍ସାହ ଦେବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଓଏସ୍‌ଆର୍‌ଟିସିର ଅତିରିକ୍ତ ସଚିବ-ସହ-ମହାପ୍ରବନ୍ଧକ ଅରୁଣ ବିଶ୍ୱାଳ, ଏନ୍‌ଏଚ୍‌ଏଆଇର ବରିଷ୍ଠ ଅଧିକାରୀ ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ।


ସମୀକ୍ଷା ବୈଠକରେ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅଧିକାରୀମାନେ।

■ ବସ୍‌ଷ୍ଟାଣ୍ଡରେ ମିଳିବ ବିମାନବନ୍ଦର ଭଳି ସୁବିଧା: ନଗର ଉନ୍ନୟନ ମନ୍ତ୍ରୀ
■ ଉତ୍ତର ଓଡ଼ିଶାରେ ସାର୍ବଜନୀନ ଢାଞ୍ଚା ପ୍ରକଳ୍ପ ଭାବେ ମାଇଲଷ୍ଟୋନ ହେବ

# ବିସ୍ଫୋରଣରେ କ୍ଷତାକ୍ତ ହାତୀର ମୃତ୍ୟୁ

ବାରିପଦା, ୨୩।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

■ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ
■ ଗୋଇନ୍ଦା ଟିମ୍ ଦ୍ୱାରା ଚାଲିଛି ତଦନ୍ତ: ଆର୍‌ସିସିଏଫ୍

ବିସ୍ଫୋରକଯୁକ୍ତ ଖାଦ୍ୟ ଖାଇ କ୍ଷତାକ୍ତ ଅବସ୍ଥାରେ ଚିକିତ୍ସାଧୀନ ମାଈ ହାତୀର ମୃତ୍ୟୁ ହୋଇଛି। ହାତୀର ଏଭଳି ଅବସ୍ଥା କରିଥିବା ବ୍ୟକ୍ତିଙ୍କ ବିରୋଧରେ ବନ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲା ଅଞ୍ଚଳରେ ହାତୀପଲ ଚଳପ୍ରଚଳ କରୁଥିବା ସମୟରେ ଏକ ମାଈହାତୀ ଗୁରୁତର ଅବସ୍ଥାରେ ଘୂରିବୁଲୁଥିବା ଦେଖିବାକୁ ମିଳିଥିଲା। ଖାଦ୍ୟ ଓ ପାନୀୟ ଗ୍ରହଣକରି ନ ପାରି ଏଣେତେଣେ ଦୌଡୁଥିବାରୁ ବନ ବିଭାଗ ଗତ ୧୧ତାରିଖରେ ଟ୍ରାଙ୍କୁଲାଇଜ୍‌କରି ତାକୁ ଉଦ୍ଧାର କରିଥିଲା। ଶିମିଳିପାଳ ଜାତୀୟ ଉଦ୍ୟାନ ଉତ୍ତର ଡିଭିଜନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନରେ ଥିବା ତାଳବନ୍ଧ ରେଞ୍ଜ କାନ୍ଛିଣ୍ଡା ପ୍ରାଣୀ ଚିକିତ୍ସାଳୟରେ ରଖାଯାଇ ହାତୀଟିର ଚିକିତ୍ସା କରାଯାଉଥିଲା। ୨ଜଣ ପ୍ରାଣୀ ଚିକିତ୍ସକ ତା'ର ଚିକିତ୍ସା ଚଳାଇଥିଲେ। ଶନିବାର ହାତୀର ମୃତ୍ୟୁ ହୋଇଥିବା ବେଳେ ବନ ବିଭାଗ ଘଟଣାକୁ ଲୁଚାଇଥିଲା। ଏ ସଂକ୍ରାନ୍ତରେ ପ୍ରାଣୀପ୍ରେମୀ ସଂଯୁକ୍ତା ବସା କୁହନ୍ତି, ହାତୀ-ମଣିଷ ଲଢ଼େଇରେ ମଣିଷର ବିଜୟ ହୋଇଛି। ଏଭଳି ଅମାନୁଷିକ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକତା ରହିଛି। ଏସଂକ୍ରାନ୍ତରେ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀଙ୍କୁ ପଚାରିବାରୁ ବିସ୍ଫୋରକ କିମ୍ବା ବାରୁଦଜନିତ ଘଟଣା ଜଣାପଡ଼ିନାହିଁ। ହାତୀ ମୃତ୍ୟୁର କାରଣ ଖୋଜିବା ପାଇଁ ଗୋଇନ୍ଦା ଟିମ୍‌କୁ ନିୟୋଜିତ କରାଯାଇ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।








## ବ୍ରିଜ୍‌ରେ ପିଟିହେଲା ବାଇକ୍: ୨ ମୃତ

ଗୁଡଭେଲା, ୨୩।୧୨ (ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍ ମୁକୁନ୍ଦପୁର ଗ୍ରାମପଞ୍ଚାୟତ ଅଧୀନ ପୁରୁଣାପାଣିସ୍ଥିତ ବ୍ରିଜ୍‌ରେ ମଙ୍ଗଳବାର ଏକ ବାଇକ୍ ପିଟି ହେବାରୁ ୨ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଅଇଁଲାଶାରୀ ଗ୍ରାମର ନିରାକାର ଖୁଣ୍ଟିଆ(୩୦) ଓ ବଲାଙ୍ଗୀର ବରପଦର ଗ୍ରାମର ଗୌରାଙ୍ଗ ପୋଢ (୨୭)। ଉଭୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ତୁଷୁରା ପୋଲିସ ଅପମୃତ୍ୟୁ ମାମଲା(ନଂ.୩୧୫/୨୫) ରୁଜୁକରିଛି।

# ୨୨ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୩।୧୨
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପୋଲିସ ନିକଟରେ ଡିଜିପି ୱାଇ. ବି. ଖୁରାନିଆଙ୍କ ଉପସ୍ଥିତିରେ ମଙ୍ଗଳବାର ୨୨ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ଗୋଟେ ଏକେ- ୪୭ ରାଇଫଲ, ଗୋଟିଏ ଏସ୍‌ଏଲ୍‌ଆର୍ ରାଇଫଲ୍, ୨ଟି ଇନ୍‌ସାସ୍ ରାଇଫଲ୍, ୩ଟି ୩୦୩ ରାଇଫଲ୍, ଦୁଇଟି ୧୨ବୋର ରାଇଫଲ୍, ୧୫୦ଟି ଅଫୁଟା ଗୁଳି, ୧୨ଟି ଟିଫିନ୍ ବୋମା, ବିଦ୍ୟୁତ୍ ତାର ସହ ଅନ୍ୟ ସାମଗ୍ରୀ ପୋଲିସକୁ ସମର୍ପଣ କରିଛନ୍ତି। ବର୍ତ୍ତମାନ ଛତିଶଗଡ଼ରେ ଉନ୍ନୟନମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସଂଗଠନ ଛାଡ଼ିବାକୁ ନିଷ୍ପତ୍ତି ନେଇଥିବା ମାଓବାଦୀମାନେ ପ୍ରକାଶ କରିଛନ୍ତି। ସରକାରଙ୍କ ତରଫରୁ ମାଓବାଦୀଙ୍କୁ ୨୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ମୋଟ ୧ କୋଟି ୮୪ ଲକ୍ଷ ୨୫ ହଜାର ଟଙ୍କା ଦିଆଯିବ। ଏଥିସହ ନିୟମ ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ, ଅନ୍ତ୍ୟୋଦୟ ଗୃହ ଯୋଜନା, ବିବାହ ସହାୟତା, ୧୦ ହଜାର ଟଙ୍କାର ଷ୍ଟାଇପେଣ୍ଡ, ୩୬ ମାସ ପର୍ଯ୍ୟନ୍ତ ଦକ୍ଷତା ବିକାଶ ତାଲିମ, ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ ଇତ୍ୟାଦି ପ୍ରଦାନ କରାଯିବ ବୋଲି ଡିଜିପି ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଡିଆଇଜି ଆଣ୍ଟି ନକ୍ସଲ ଅପରେଶନ ସନ୍ଦୀପ ପଣ୍ଡା, ଡିଆଇଜି ଇଣ୍ଟେଲିଜେନ୍ସ ଅଖିଳେଶ୍ୱର ସିଂ, କୋରାପୁଟ ଡିଆଇଜି କନ୍‌ୱର ବିଶାଲ ସିଂ, ମାଲକାନଗିରି ବିଏସ୍‌ଏଫ୍ ଡିଆଇଜି ବିଜୟ ସିହ୍ନା, ମାଲକାନଗିରି ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସ୍‌ପି ବିନୋଦ ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ।



ପୋଲିସ ଅଧିକାରୀଙ୍କ ସହ ଆତ୍ମସମର୍ପଣ କରିଥିବା ମାଓବାଦୀ।

Department of BioTechnology, Government of India

Biotechnology Industry Research Assistance Council
(A Section 8, not-for-profit company under the aegis of Department of Biotechnology, Government of India)

birac

Grand Challenges India - BIRAC

Request for application on
Women's Leadership in STEM Entrepreneurship

A Capacity building programme towards gender equality in STEM in India

Application open: 18 December 2025

Cohort Size: 30 mid-career women entrepreneurs and innovators

Cost: None (all program costs, including travel and lodging, are covered)

Application Closes on: 23 January, 2026 4:00 PM

Programme Duration: One year - A hybrid leadership programme featuring residential workshops, virtual sessions, one to one coaching and mentorship

Eligibility Criteria
The applicant should :
- Identify as a woman.
- A mid-career professional with a minimum of eight (8) years* of experience in STEM and/or Public Health fields. (*Completed PhDs and advanced degrees such as post-docs will be counted as work experience).
- A founder/co-founder/CEO of a registered STEM and/or public health startup or enterprise in India.
- An Indian national currently resides and works within India.

For Online Application and call details log in to www.birac.nic.in

Grand Challenges India | GF | WomenLift Health

ବାଧାହୀନ ବ୍ୟାଙ୍କିଙ୍ଗ ସେବା ପାଇଁ
ନିଜର KYC ଅପଡେଟ୍ କରି ରଖନ୍ତୁ



ଯଦି ଆପଣଙ୍କର KYC ବିବରଣୀରେ ପରିବର୍ତ୍ତନ ହୋଇନାହିଁ,
Re-KYC ପାଇଁ ପତ୍ର/ଅନ୍‌ଲାଇନ ବ୍ୟାଙ୍କିଙ୍ଗ/ମୋବାଇଲ ବ୍ୟାଙ୍କିଙ୍ଗ/ଏଟିଏମ/ନିଜର ମୋବାଇଲ ନମ୍ବର ମାଧ୍ୟମରେ/ଆପଣଙ୍କ ବ୍ୟାଙ୍କରେ ପଞ୍ଜୀକୃତ ହୋଇଥିବା ଇ-ମେଲ୍ କିମ୍ବା ବିଜ୍‌ନେସ୍ କରେସ୍‌ପୋଣ୍ଡେଣ୍ଟ (BCs) ମାଧ୍ୟମରେ ଏକ ସ୍ୱ-ଘୋଷଣା ଦାଖଲ କରନ୍ତୁ ।

ଯଦି ଆପଣଙ୍କର KYC ବିବରଣୀରେ ପରିବର୍ତ୍ତନ ହୋଇଛି,
ଅପଡେଟ୍ ସୂଚନାଯୁକ୍ତ ଯେକୌଣସି ଏକ ଦସ୍ତାବିଜ ପ୍ରଦାନ କରନ୍ତୁ : ଆଧାର/ମତଦାତା ପରିଚୟ ପତ୍ର/NREGA ଜବ୍ କାର୍ଡ/ଡ୍ରାଇଭିଂ ଲାଇସେନ୍ସ/ପାସପୋର୍ଟ/ନ୍ୟାସନାଲ ପପୁଲେସନ୍ ରେଜିଷ୍ଟାର ଦ୍ୱାରା ଜାରି ପତ୍ର ।

ଆରବିଆଇ କହେ... ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ !

ନିଜର ବ୍ୟାଙ୍କର ନିକଟତମ ଶାଖା ଯାଇ ମଧ୍ୟ KYC ଅପଡେଟ୍ କରାଇପାରିବେ ।

ଅଧିକ ସୂଚନା ପାଇଁ, https://rbikehtahai.rbi.org.in/KYC ଭିଜିଟ୍ କରନ୍ତୁ
ଅଫିସିଆଲ୍ ହ୍ୱାଟ୍ସଆପ୍ ନମ୍ବର 99990 41935 / 99309 91935

ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

> ଜଗତର କୁଟୀଳତା ଦେଖି ମୁଖ ଫେରାଇ ଚାଲିଯାଅନା। ଏ ଜଗତ ହେଲା ଯେପରି ଏକ ବିଷଧର ଆହତ ସର୍ପ। ତା'ର କୁଟୀଳଗତିରେ ସେ ଚାଲିଛି ଆପଣାର ନିୟତି ଅଭିମୁଖରେ। ତା'ହେଲା ତା'ର ବାହ୍ୟଖୋଳର (ସାପକାତି ପରି) ପରିବର୍ତ୍ତନ ଓ ଆଧ୍ୟାତ୍ମିକ ସିଦ୍ଧି। ଅପେକ୍ଷା କରି ଦେଖ –ଏହା ହେଲା ଏକ ବାଜିଖେଳ। ଏହି ହେୟତା ଭିତରୁ କିନ୍ତୁ ଭଗବାନ ଉଜ୍ଜ୍ୱଳ ହୋଇ ବିଜୟୀ ହୋଇ ଉଠି ଆସିବେ। **–ଶ୍ରୀଅରବିନ୍ଦ**

# ଦିଲ୍ଲୀରୁ ଯିବ ରାଜଧାନୀ

ଦିଲ୍ଲୀ ଭାରତର ରାଜଧାନୀ ହୋଇଥିବାରୁ ଦେଶର ବିଭିନ୍ନ ପ୍ରାନ୍ତର ଲୋକ ସେଠାରେ ରହିବାକୁ କିମ୍ବା ବୁଲିଯିବାକୁ ପସନ୍ଦ କରିଥାଆନ୍ତି। ସେଠି ପାର୍ଲାମେଣ୍ଟ, ଲାଲ୍‌କିଲ୍ଲା, ସୁପ୍ରିମକୋର୍ଟ, ଇଣ୍ଡିଆ ଗେଟ୍, ଏମ୍ସ, ବଡ଼ ବିଶ୍ୱବିଦ୍ୟାଳୟ ଭଳି ଅନେକ କିଛି ରହିଛି, ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ହେଲେ ଏବେ ଦିଲ୍ଲୀ ଯିବା କଥା କହିଲାବେଳକୁ ଅନେକେ ଭାବିଲେଣି। କାରଣ ଦିଲ୍ଲୀ ଓ ଏହାର ଆଖାପାଖ ଅଞ୍ଚଳ ପ୍ରଦୂଷିତ ବାୟୁର ଏକ କମ୍ବଳ ଢାଙ୍କି ହେଲା ଭଳି ହୋଇଛି। ବାୟୁ ଗୁଣବତ୍ତା ସୂଚକାଙ୍କ(ଏକ୍ୟୁଆଇ) ପାଖାପାଖି ୫୦୦ ଛୁଇଁ ଅତି ଖରାପ ସ୍ଥିତି ସୃଷ୍ଟି କରିଛି। ଲୋକେ ପ୍ରଶ୍ୱାସ ନେବାକୁ ଭୀଷଣ କଷ୍ଟ ଅନୁଭବ କରୁଥିବା ବେଳେ କୋଭିଡ୍ ସମୟ ଭଳି ଛୋଟ ପିଲାଙ୍କ ପାଇଁ ସ୍କୁଲରୁ ଅନ୍‌ଲାଇନ କ୍ଲାସ ହେବା ଖବର ମିଳିଛି। ସବୁଠାରୁ ସାଂଘାତିକ ଘଟଣା ହେଲା, ଦିଲ୍ଲୀ ଆଖପାଖ ଅଞ୍ଚଳ ଓ ଉତ୍ତର ପ୍ରଦେଶରେ ଡିସେମ୍ବର ୧୬ ତାରିଖରେ ସିରିଜ୍ ଦୁର୍ଘଟଣା ଘଟିବାରୁ ୨୫ ଜଣଙ୍କ ଜୀବନ ଯାଇଥିବା ବେଳେ ୫୯ ଆହତ ହୋଇଥିଲେ। ପ୍ରଦୂଷିତ ବାୟୁ ସହ ଘନକୁହୁଡ଼ି ମିଶି ଯାଉଥିବାରୁ ଦୃଶ୍ୟମାନ ସ୍ତର ପ୍ରବଳମାତ୍ରାରେ ହ୍ରାସ ପାଇଛି। ଗାଡ଼ିକୁ ଗାଡ଼ି ବାଡ଼େଇ ହୋଇ ଜଳିଯିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି। କେବଳ ଏତିକି ନୁହେଁ, ଭୀଷଣ ବାୟୁ ପ୍ରଦୂଷଣ ଓ କ୍ଷୀଣ ଆଲୋକ ଯୋଗୁ ଅନେକ ଟ୍ରେନ୍ ଓ ବିମାନ ବହୁ ବିଳମ୍ବରେ ଚାଲୁଛନ୍ତି ବା ସ୍ଥଳବିଶେଷରେ କେତେକକୁ ବାତିଲ କରି ଦିଆଯାଉଛି।

ଦିଲ୍ଲୀ ବାୟୁ ପ୍ରଦୂଷଣ ବିଷୟ ସଂସଦରେ ଆଲୋଚନା ହୋଇଛି। ବିଭିନ୍ନ ଦଳର ନେତା ଉଦ୍‌ବେଗ ପ୍ରକାଶ କରୁଥିଲେ ମଧ୍ୟ ତାହାର ନିରାକରଣ ଲାଗି ବାସ୍ତବ ବାଟ ବାହାରିପାରୁ ନାହିଁ। ପଞ୍ଜାବ ଓ ହରିୟାଣାରେ କୃଷକମାନେ ସେମାନଙ୍କ କ୍ଷେତରେ ନିଆଁ ଲଗାଇ ଶସ୍ୟର ଖୁଣ୍ଟାଗୁଡ଼ିକୁ ପୋଡ଼ି ଦେବା ପରେ ସେଥିରୁ ନିର୍ଗତ ଧୂଆଁ ଦିଲ୍ଲୀ ଓ ଏହାର ଆଖାପାଖ ଅଞ୍ଚଳର ବାୟୁମଣ୍ଡଳକୁ ଆଚ୍ଛାଦିତ କରିଦେଉଛି। ଏହାକୁ ରୋକିବା ପାଇଁ ଧରପଗଡ଼ ହେଉଥିବାରୁ କୃଷକମାନେ ଖୁଣ୍ଟା ପୋଡ଼ିବା ସମୟରେ ପରିବର୍ତ୍ତନ କଲେଣି। ଅକ୍ଟୋବରରୁ ଡିସେମ୍ବର ଅମଳ ସମୟ। ସେମାନେ ସାଧାରଣତଃ ଅପରାହ୍ନ ୧ଟାରୁ ୨ଟି ଭିତରେ ଖୁଣ୍ଟାକୁ ପୋଡ଼ି ଦେଉଥିଲେ। ହେଲେ ନାସାର ଉପଗ୍ରହ ସୂଚନା ଦେଉଛି ଯେ, କୃଷକମାନେ ଏବେ ଅପରାହ୍ନ ୪ଟାରୁ ୫ଟା ମଧ୍ୟରେ ତାହା ପୋଡୁଛନ୍ତି। ନଡ଼ାପୋଡ଼ି ରୋକିବା ପାଇଁ ସାଟେଲାଇଟ୍ ଯୋଗେ ଏହା ଉପରେ ନଜର ରଖାଯାଉଥିବା ଚାଷୀମାନେ ଜାଣିବା ପରେ ସମୟରେ ପରିବର୍ତ୍ତନ କରିଛନ୍ତି। ଫଳରେ ସେହି ଦୃଶ୍ୟକୁ ସାଟେଲାଇଟ ଧରିବା ସମ୍ଭବ ହେଉ ନାହିଁ ବୋଲି ନାସା ପକ୍ଷରୁ କୁହାଯାଇଛି। ଏଭଳି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ, ସରକାର ସମାଜର ବିଭିନ୍ନ ବର୍ଗଙ୍କ ସହଯୋଗ ନେଇ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦରକାର। କୃଷକଙ୍କୁ କେବଳ କହିଦେଲେ ବା ସେମାନଙ୍କୁ ବୁଝାଇ ଦେଲେ ହେବ ନାହିଁ। ଆର୍ଥିକ ଦୃଷ୍ଟିରୁ ଉପଯୁକ୍ତ କ୍ଷତିପୂରଣ ଦେଇ ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ ଆଣିବା ଦରକାର। କିଛିଦିନ ତଳେ ବାୟୁ ପ୍ରଦୂଷଣ ହ୍ରାସ ପାଇଁ ଦିଲ୍ଲୀରେ କୃତ୍ରିମ ବର୍ଷା କରାଯାଇଥିଲା। ହେଲେ ତାହାର ସୁଫଳ ପ୍ରାୟତଃ ଅନୁଭୂତ ହେଲା ନାହିଁ। ଖୁଣ୍ଟାପୋଡ଼ି ସହ ଅତ୍ୟଧିକ ଗାଡ଼ିମୋଟର ଚଳାଚଳ, କାରଖାନା ଓ ମଣିଷର ବର୍ଜ୍ୟବସ୍ତୁରୁ ନିର୍ଗତ ଧୂଆଁ ଆଦି ଅନେକ ଦିଗ ରହିଛି, ଯାହା ବାୟୁକୁ ଦୂଷିତ କରିବାରେ ଲାଗିଛି। ରାତାରାତି ବିରାଟ ପରିବର୍ତ୍ତନ ଅଣାଯାଇପାରିବ ନାହିଁ। ଦିଲ୍ଲୀର ପରିବେଶ ମନ୍ତ୍ରୀ ମଞ୍ଜିନ୍ଦର ସିଂ ସିର୍‌ସା ହାତ ଟେକି ଦେଇ କହିଲେଣି କୌଣସି ନିର୍ବାଚିତ ସରକାର ୯/୧୦ ମାସ ମଧ୍ୟରେ ଏକ୍ୟୁଆଇ ସ୍ତର କମାଇପାରିବେ ନାହିଁ। ଏହା କହି ଦିଲ୍ଲୀବାସୀଙ୍କୁ ଭୁଲ୍ ମାଗିଲା ବେଳେ ପୂର୍ବର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସରକାର ବାୟୁ ପ୍ରଦୂଷଣ ରୋକିବାରେ କିଛି କରି ନ ଥିବା ସେ ପ୍ରକାଶ କରିଛନ୍ତି। ମଞ୍ଜିନ୍ଦରଙ୍କ ଦଳ ଭାଜପା ବିରୋଧୀ ଆସନରେ ଥିବା ବେଳେ ଯେଉଁଭଳି ଅଭିଯୋଗ କରୁଥିଲେ ଏବେ ସେହି ଢଙ୍ଗରେ କହିବା ଗ୍ରହଣୀୟ ହେଉନାହିଁ। ଶାସନରେ ଥିବା ବ୍ୟକ୍ତିଙ୍କ କିଛି କରିବାର ସୁଯୋଗ ଥାଏ। ଚେଷ୍ଟା କରିବା ପୂର୍ବରୁ ପଛଘୁଞ୍ଚା ଦେବା ତାଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠାଉଛି।

ଏକ ବିକାଶଶୀଳ ଦେଶ ଭାବେ ଭାରତକୁ ଆର୍ଥିକ ଦୃଷ୍ଟିକୋଣରୁ କାରଖାନା ଚଳାଇବାକୁ ପଡ଼ିବ, ଲୋକେ ଯିବାଆସିବା କରିବା ଗତି ଓ ପ୍ରଗତିର ଲକ୍ଷଣ। ବିକଳ୍ପ ପନ୍ଥା ବାହାର କରା ନ ଯାଇ ଏକାଥରେ ଗାଡ଼ି ବନ୍ଦ କରିହେବ ନାହିଁ। କିନ୍ତୁ ସେଗୁଡ଼ିକୁ କିଭଳି ସୀମିତ କରାଯାଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯିବା ଦରକାର। ଜୀବାଶ୍ମ ଇନ୍ଧନଚାଳିତ ଗାଡ଼ିରୁ ବିଦ୍ୟୁତ୍ ଓ ସୌରଚାଳିତ ଯାନ ସଂଖ୍ୟା ବଢ଼ାଇବା ପାଇଁ ବର୍ଷ ନୁହେଁ, ଦଶନ୍ଧି ଦରକାର। ତେଣୁ ସେଥିପାଇଁ ସଘନ ଗବେଷଣା ଓ ଗଭୀର ଅନୁଧ୍ୟାନ ଆବଶ୍ୟକ।

ଦିଲ୍ଲୀ ଓ ଏହାର ଆଖାପାଖ ଅଞ୍ଚଳର ନିମ୍ନ ବାୟୁ ଗୁଣବତ୍ତା ବ୍ୟତୀତ ଅନେକ ମନୁଷ୍ୟକୃତ କାର୍ଯ୍ୟ ପରିବେଶକୁ ବିଗାଡ଼ିବାରେ ଲାଗିଛି। ଆରାବଳିର ପରିଭାଷା ବଦଳାଯାଇ ଯେଉଁଭଳି ପଦକ୍ଷେପ ନିଆଯାଉଛି ଓ କେନ୍ଦ୍ର ସରକାରଙ୍କ କଥାରେ ସର୍ବୋଚ୍ଚ ନ୍ୟାୟାଳୟ 'ହଁ' ଭରିଲା ଭଳି ମନେ ହେଉଥିବାରୁ ତାହା ଭବିଷ୍ୟତରେ ବିପଦ ସୃଷ୍ଟି କରିବା ଥୟ। ଦୂରରେ ଥିବା ଆଣ୍ଡାମାନ ଓ ନିକୋବର ଦ୍ୱୀପରେ ବିକାଶ ନାମରେ ପ୍ରକୃତି ବିରୋଧୀ କାର୍ଯ୍ୟ କରାଯାଉଥିବାରୁ ତାହା ସେଠାକାର ପରିବେଶ ଓ ପରିସଂସ୍ଥାନକୁ କ୍ଷତି ପହଞ୍ଚାଇବାର ସବୁ ସୂଚନା ଦେଲାଣି। ତାହା ହୁଏତ ଦିଲ୍ଲୀ ଉପରେ ସିଧାସଳଖ ପ୍ରଭାବ ପକାଉ ନାହିଁ, କିନ୍ତୁ ସମଗ୍ର ଦେଶବାସୀ ଆଗାମୀ ବର୍ଷଗୁଡ଼ିକରେ ନିଶ୍ଚୟ କ୍ଷତି ସହିବେ।

ଦିଲ୍ଲୀରେ କେତେକ ମହଲରେ ଗୁଜବ ହେଉଛି ଯେ, ଜାତୀୟ ରାଜଧାନୀ ଦିଲ୍ଲୀକୁ ଅନ୍ୟତ୍ର ନେବା ପାଇଁ ମସୁଧା ଆରମ୍ଭ ହେଲାଣି। ଏହି ଗୁଜବକାରୀଙ୍କ ଅନୁଯାୟୀ କେନ୍ଦ୍ର ସରକାର, ଦିଲ୍ଲୀ ସରକାର, ହରିୟାଣା, ରାଜସ୍ଥାନ, ଉତ୍ତର ପ୍ରଦେଶ ସରକାର ଭାଜପା ଅଧୀନରେ ଥିବା ହେତୁ କୌଣସି ମିଳିତ ପ୍ରତିକାର ନ କରିବା ଯୋଗୁ ଏପରି ଗୁଜବ ଜନ୍ମ ନେଇପାରୁଛି। ଏଭଳି ମିଥ୍ୟା ପ୍ରଚାର ବିଶ୍ୱସନୀୟ ହୋଇପାରୁ ନାହିଁ, କିନ୍ତୁ ତାହାପଛର ଯୁକ୍ତି ଓ ବାୟୁମଣ୍ଡଳର ସ୍ଥିତି ଦେଖିଲେ ଗୁଜବକୁ ମଧ୍ୟ ଟାଳି ହେଉନାହିଁ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 5 | 6 |
| | 4 | | 1 | | | 7 | | |
| | | 9 | | | | | 4 | |
| 4 | | | | | | | 6 | |
| | | 6 | | 3 | 2 | | | |
| 5 | 3 | | | 6 | | | 7 | 1 |
| 3 | | | | | 4 | | 1 | |
| | 9 | | | | | | | |
| | 7 | 5 | 9 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 1 | 5 | 2 | 8 | 7 | 3 | 9 |
| 3 | 2 | 7 | 1 | 6 | 9 | 8 | 4 | 5 |
| 5 | 9 | 8 | 4 | 7 | 3 | 2 | 6 | 1 |
| 8 | 4 | 6 | 2 | 3 | 5 | 1 | 9 | 7 |
| 7 | 3 | 2 | 8 | 9 | 1 | 4 | 5 | 6 |
| 1 | 5 | 9 | 7 | 4 | 6 | 3 | 8 | 2 |
| 6 | 1 | 5 | 3 | 8 | 7 | 9 | 2 | 4 |
| 2 | 7 | 3 | 9 | 5 | 4 | 6 | 1 | 8 |
| 9 | 8 | 4 | 6 | 1 | 2 | 5 | 7 | 3 |

ଗତକାଲିର ଉତ୍ତର

# ଶିକ୍ଷା ଓ ଶିକ୍ଷକ



ଡ. ସନ୍ତୋଷ କୁମାର ମହାପାତ୍ର

ଶିକ୍ଷା ହେଉଛି ଗୋଟିଏ ଦେଶର ସବୁଠୁ ମୌଳିକ ଓ ଶକ୍ତିଶାଳୀ ସାମାଜିକ ଭିତ୍ତିଭୂମି। ଏହା କେବଳ ପାଠପଢ଼ା, ପରୀକ୍ଷା, ସାର୍ଟିଫିକେଟ କିମ୍ବା ଚାକିରି ପାଇବାର ଉପାୟ ମାତ୍ର ନୁହେଁ; ଏହା ମଣିଷର ଚିନ୍ତାଧାରା, ନୀତିବୋଧ, ଦାୟିତ୍ୱବୋଧ ଓ ସାମାଜିକ ସଚେତନତାକୁ ଗଢ଼ି ତୋଳେ। ଯେଉଁ ସମାଜ ଶିକ୍ଷାକୁ ଗୁରୁତ୍ୱ ଦେଇଥାଏ, ସେହି ସମାଜ ଦୀର୍ଘକାଳରେ ନୀତିଶୀଳ, ସ୍ୱାଭିମାନୀ ଓ ସୁସଂଗଠିତ ହୋଇ ଉଠେ। ଯେତେବେଳେ ଶିକ୍ଷା ଭୁଶୁଡ଼ି ପଡ଼େ, ଅନ୍ୟ ସବୁକିଛି ମଧ୍ୟ ସେହିପରି ହୁଏ। ନେଲ୍‌ସନ ମଣ୍ଡେଲା ଏକଦା କହିଥିଲେ 'ଯଦି ତୁମେ ଏକ ଦେଶକୁ ନଷ୍ଟ କରିବାକୁ ଚାହୁଁଛ, ତା'ର ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କର, ତୁମକୁ ଏକ ଜାତିକୁ ନଷ୍ଟ କରିବା ପାଇଁ କ୍ଷେପଣାସ୍ତ୍ର ଆବଶ୍ୟକ ନାହିଁ'। ଏହାର ଅର୍ଥ, ଏକ ଦେଶର ଦୀର୍ଘକାଳୀନ ପ୍ରଗତି ଏବଂ ସ୍ଥିରତା ପାଇଁ ଏକ ଦୃଢ଼ ଶିକ୍ଷା ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ। ଏକ ବିଫଳ ଶିକ୍ଷା ବ୍ୟବସ୍ଥା, ଅଯୋଗ୍ୟ ମଣିଷ ସୃଷ୍ଟି କରେ, ଦାରିଦ୍ର୍ୟର ଏକ ଚକ୍ରକୁ ସ୍ଥାୟୀ କରେ, ଏକ ଭୁଲ୍ ରାସ୍ତାରେ ସମାଜକୁ ନେଇଯାଏ। ଅବଶ୍ୟ ଶିକ୍ଷା ବ୍ୟବସ୍ଥା ସମାଲୋଚନାମୂଳକ ଚିନ୍ତାଧାରା, ନବସୃଜନ, ଜିଜ୍ଞାସୁତା ଏବଂ ସମସ୍ୟା ସମାଧାନକୁ ପ୍ରୋତ୍ସାହିତ କରିବା ଉଚିତ, ଯାହା ସବୁ ଏକ ଜାତିର ବିକାଶ ପାଇଁ ଜରୁରୀ। ଯାହା ଏବେ ହେଉନାହିଁ। ଶିକ୍ଷା ଜଣେ ବ୍ୟକ୍ତିକୁ କେବଳ ଚାକିରିଯୋଗ୍ୟ ନୁହେଁ, ବିଭିନ୍ନ ମାଧ୍ୟମରେ ଆତ୍ମନିର୍ଭରଶୀଳ ଓ ରୋଜଗାରକ୍ଷମ କରିବା ଉଚିତ। କାରଣ ଆର୍ଥିକ ସୁରକ୍ଷା ବିନା ସମାଜରେ ଆତ୍ମମର୍ଯ୍ୟାଦା ସହିତ ବଞ୍ଚିବା କଷ୍ଟକର। ଶିକ୍ଷା ମଧ୍ୟ ଜୀବନର କ୍ରୁର ବାସ୍ତବତା ଓ ବିଭିନ୍ନ ସମସ୍ୟାକୁ ସମ୍ମୁଖୀନ ହେବାରେ ସହାୟକ ହେବା ଉଚିତ। ଯାହା ହେଉନାହିଁ।

ଏକ ଦେଶର ଶିକ୍ଷା ବ୍ୟବସ୍ଥାର ମୂଳ ଆଧାର ହେଉଛନ୍ତି ଶିକ୍ଷୟିତ୍ରୀ ଓ ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ, ସରକାର ବା ଶିକ୍ଷାନୁଷ୍ଠାନର ପରିଚାଳକ। ଜଣେ ପିଲାର ଜୀବନରେ ମାତାପିତା ପରେ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକମାନେ କେବଳ ପାଠ୍ୟପୁସ୍ତକର ଜ୍ଞାନ ପ୍ରଦାନକାରୀ ନୁହେଁ; ସେମାନେ ମଣିଷ ଗଢ଼ନ୍ତି, ଚରିତ୍ର ଗଢ଼ନ୍ତି ଓ ଭବିଷ୍ୟତ ପିଢ଼ିକୁ ଦେଶ ଓ ସମାଜ ପାଇଁ ଦାୟିତ୍ୱଶୀଳ ନାଗରିକରେ ପରିଣତ କରନ୍ତି। ଶିଶୁମନ ଯେତେବେଳେ କୋମଳ ଥାଏ, ସେତେବେଳେ ଶିକ୍ଷକଙ୍କ ପ୍ରଭାବ ସବୁଠୁ ଗଭୀର ଓ ଦୂରଗାମୀ ହୁଏ। ଶିଷ୍ଟାଚାର, ସତ୍ୟନିଷ୍ଠା, ସହିଷ୍ଣୁତା, ସହଯୋଗ, ଶ୍ରମର ମୂଲ୍ୟବୋଧ ଓ ସାମାଜିକ ଦାୟିତ୍ୱ ଏହି ସମସ୍ତ ଗୁଣ ଛାତ୍ରୀଛାତ୍ରଙ୍କ ମନରେ ପ୍ରତିଷ୍ଠା କରିବାରେ ଶିକ୍ଷକଙ୍କ ଅବଦାନ ଅମୂଲ୍ୟ। ସେମାନେ ମାର୍ଗଦର୍ଶକ, ଉପଦେଷ୍ଟା ଓ ଆଦର୍ଶ ରୂପେ ଛାତ୍ରୀଛାତ୍ରଙ୍କ ନୀତିଗତ, ବୌଦ୍ଧିକ ତଥା ସାମାଜିକ ବିକାଶରେ ଗଭୀର ପ୍ରଭାବ ପକାନ୍ତି।



ତେଣୁ ଶିକ୍ଷକଙ୍କୁ ସମ୍ମାନ ଓ ସମର୍ଥନ ଦେବା ମାନେ ସମାଜର ଭବିଷ୍ୟତରେ ନିବେଶ କରିବା।

ଦୁଃଖର କଥା, ଆଜି ଶିକ୍ଷକମାନେ ସେହି ମର୍ଯ୍ୟାଦା ଓ ସମ୍ମାନ ପାଉନାହାନ୍ତି। ଯଦିଓ ସେଥିପାଇଁ ସେମାନେ କିଛିଟା ଦାୟୀ, ବେଶି ଆମର ସାମାଜିକ ବ୍ୟବସ୍ଥା, ଶାସନ ପଦ୍ଧତି ଓ ବଜାର ଅର୍ଥନୀତି, ଉପଭୋକ୍ତାବାଦ, ମୂଲ୍ୟବୋଧର ଅବକ୍ଷୟ ଦାୟୀ। ଶିକ୍ଷାର ବ୍ୟବସାୟକରଣ, ଘରୋଇକରଣ ସାଙ୍ଗକୁ ଅଭିଭାବକମାନେ ଶିକ୍ଷକମାନଙ୍କୁ ସେତିକି ଗୁରୁତ୍ୱ ନ ଦେବା, ପିଲାମାନେ ସେତିକି ସମ୍ମାନ ନ ଦେବା ମଧ୍ୟ ଏକ କାରଣ। ଅଭିଭାବକମାନେ ଯେତେବେଳେ ସଫଳତାକୁ କେବଳ ଆର୍ଥିକ ସମୃଦ୍ଧି ସହିତ ଯୋଡ଼ିଦିଅନ୍ତି, ସେତେବେଳେ ଛାତ୍ରୀଛାତ୍ର ମଧ୍ୟ ଶିକ୍ଷାକୁ ଜୀବନ ଗଢ଼ିବାର ଉପକରଣ ପରିବର୍ତ୍ତେ ଏକ ଅର୍ଥ ଅର୍ଜନର ଉପାୟ ଭାବେ ଦେଖନ୍ତି। କିନ୍ତୁ ସମ୍ପ୍ରତି କିଛି ବେସରକାରୀ ସ୍କୁଲରେ ଶିକ୍ଷକଙ୍କୁ କମ୍ ବେତନ ଦେଇ ମଧ୍ୟ ଭଲ ପଢ଼ାହେଉଥିବାର ଉଦାହରଣ ଦିଆଯାଇ ସରକାରୀ ଶିକ୍ଷକଙ୍କୁ ବେତନ କମ୍ ଦେବାପାଇଁ ଅପ ପ୍ରଚାର ଚାଲିଛି। ଏହା କେବଳ ଅନ୍ୟାୟ, ନିନ୍ଦନୀୟ ନୁହେଁ,ବରଂ ମହାନ୍ ଶିକ୍ଷକ ବୃତ୍ତି ପ୍ରତି ଅସମ୍ମାନର ପ୍ରତିଫଳନ। ଶିକ୍ଷକଙ୍କୁ କମ୍ ବେତନରେ ନିଯୁକ୍ତ କରିବା, ଅସ୍ଥାୟୀ ରଖିବା କିମ୍ବା ସମାଜରେ ସେମାନଙ୍କ ପ୍ରତି ସମ୍ମାନ କମାଇବା ମାନେ ଦେଶକୁ ଅନ୍ଧକାର ଭିତରକୁ ଠେଲିଦେବା।

ବେତନ କମ୍ ହୋଇ ମଧ୍ୟ ଭୟ କିମ୍ବା ପ୍ରତିବଦ୍ଧତା ଲୋକଙ୍କୁ ଭଲ କାମ କରାଏ ଏହି ତର୍କ ଯଦି ଠିକ୍ ହୁଏ, ତେବେ ଏହା ସମସ୍ତ ବୃତ୍ତି, ଯଥା ପ୍ରଶାସନିକ ସେବା, ଡାକ୍ତରୀ, ଇଞ୍ଜିନିୟରିଂ,ଏପରି କି ବିଧାୟକ ଓ ସାଂସଦଙ୍କ ପାଇଁ ମଧ୍ୟ ଲାଗୁ ହେବା ଉଚିତ। କେବଳ ଶିକ୍ଷକମାନେ ହିଁ କାହିଁକି ଏହି ତର୍କର ଶିକାର ହେବେ ? ଜଣେ ସ୍ନାତକ ହୋଇ ଉଚ୍ଚ ପଦାଧିକାରୀ ହୋଇ କାମ ନ କରି ଅଧିକ ଦରମା ପାଇବେ, କିନ୍ତୁ ଜଣେ ସେହି ସ୍ନାତକ ହୋଇ ଛୋଟ ପଦବୀରେ ରହି ବହୁତ ନିଷ୍ଠାର ସହିତ କାମ କଲେ କମ୍ ଦରମା ପାଉଛନ୍ତି। ଆମ ଶାସନ ବ୍ୟବସ୍ଥାରେ କାର୍ଯ୍ୟ, ଦକ୍ଷତା ଅପେକ୍ଷା ପଦବୀକୁ ଭିତ୍ତିକରି ଦରମା ଦିଆଯାଏ। ଯେଉଁ ପଦ ପଦବୀରେ ଅଧିକ ଦରମା, ସେହି ପଦବୀରେ ଅଧିଷ୍ଠିତ ହେବାପାଇଁ ବିଜ୍ଞ, ପ୍ରତିଭାଶାଳୀ ଛାତ୍ରୀଛାତ୍ର ଚେଷ୍ଟା କରନ୍ତି। ଯଦି ଶିକ୍ଷକମାନଙ୍କୁ କମ୍ ବେତନ ଦିଆଯିବ, ତେବେ ଭଲ ପ୍ରତିଭାଶାଳୀ ଛାତ୍ରୀଛାତ୍ର ଶିକ୍ଷକ ହେବାପାଇଁ ଚେଷ୍ଟା କରିବେ ନାହିଁ। ମଣିଷ ଗଢ଼ା ବ୍ୟକ୍ତି ଦୁର୍ବଳ ହେଲେ ସାମାଜିକ ବ୍ୟବସ୍ଥା ଆହୁରି ଭୁଶୁଡି ପଡ଼ିବ। ବାସ୍ତବତା ହେଉଛି, ବେତନ କାମର ଗୁଣମାନର ସିଧାସଳଖ ପରିମାପକ ନୁହେଁ। ବେତନ ଏକ ବୃତ୍ତି ପ୍ରତି ସମାଜର ଆକର୍ଷଣ ସୃଷ୍ଟି କରେ, କିନ୍ତୁ କର୍ତ୍ତବ୍ୟନିଷ୍ଠା ମଣିଷର ନୈତିକ ମୂଲ୍ୟବୋଧ ଉପରେ ନିର୍ଭର କରେ। ଏଣୁ ଶିକ୍ଷକ ସହିତ ସବୁ ବୃତ୍ତିର ଲୋକ ଏପରି କି ପ୍ରଶାସକ, ନେତା, ମନ୍ତ୍ରୀ କିପରି ନିଷ୍ଠାର ସହିତ କାର୍ଯ୍ୟ କରିବେ ସେଥିପାଇଁ ସାଧୁତା, ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦିଆଯିବା ଉଚିତ। ଆରିଷ୍ଟଟଲଙ୍କ ଭାଷାରେ– ମାନସିକ ଶିକ୍ଷା ସହ ନୈତିକ ଓ ଭାବନାତ୍ମକ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ।

ଏକ ସମୟ ଥିଲା, ଯେତେବେଳେ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରୁ ପାଠପଢ଼ି ଅନେକ ପ୍ରତିଭାଶାଳୀ ବୈଜ୍ଞାନିକ, ପ୍ରଶାସକ, ଲେଖକ, ଚିକିତ୍ସକ, ଯନ୍ତ୍ରୀ ଓ ବୁଦ୍ଧିଜୀବୀ ସୃଷ୍ଟି ହୋଇଥିଲେ। ସର୍ବଭାରତୀୟ ପ୍ରଶାସନିକ ସେବାରେ ସଫଳ ହେଉଥିଲେ । ସେତେବେଳେ ଶିକ୍ଷାର ଗୁଣମାନ ଭାଷା ଉପରେ ନୁହେଁ, ଶିକ୍ଷକଙ୍କ ନିଷ୍ଠା ଓ ଶିକ୍ଷାଦାନ ପ୍ରଣାଳୀ ଉପରେ ନିର୍ଭର କରୁଥିଲା। କିନ୍ତୁ ଇଂଲିଶକୁ ସଫଳତାର ପ୍ରତୀକ ଭାବେ ଦେଖିବା ଓ ସମାଜର ପ୍ରଭାବଶାଳୀ ବର୍ଗ ଇଂଲିଶ ମାଧ୍ୟମରେ ପଢାଇବା ଯୋଗୁ, ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ଗୁଣାତ୍ମକ ମୂଲ୍ୟ ହ୍ରାସ ପାଇଲା । ଏଣୁ ପ୍ରତିଷ୍ଠିତ ଲୋକ ତାଙ୍କ ପିଲାଙ୍କୁ ଆଗ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ପଢ଼ାଇଲେ ସବୁ ସମାଧାନ ହୋଇଯିବ। ପୁନଶ୍ଚ ଗୁରୁତ୍ୱପୂର୍ଣ୍ଣ ହେଉଛି ସରକାରଙ୍କ ଭୂମିକା। ନୋବେଲ ବିଜେତା ଅମର୍ତ୍ତ୍ୟ ସେନ ସର୍ବଦା ଶିକ୍ଷା ଓ ସ୍ୱାସ୍ଥ୍ୟରେ ବିନିଯୋଗ ଏବଂ ମାନବିକ ଉନ୍ନୟନ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। କିନ୍ତୁ ଶିକ୍ଷା କ୍ଷେତ୍ରରେ ସରକାରୀ ବ୍ୟୟ କ୍ରମଶଃ ହ୍ରାସ ପାଇଚାଲିଛି। କୋଠାରୀ କମିଶନ ଜିଡିପିର ୬% ଶିକ୍ଷା ପାଇଁ ବ୍ୟୟ କରିବାକୁ ସୁପାରିସ କରିଥିଲେ, କିନ୍ତୁ ତାହାର ଅଧା ବ୍ୟୟ ହେଉନି। ୨୦୨୩ରେ ଶିକ୍ଷାରେ ମୋଟ ଜିଡିପିର ଜାପାନ ୭.୪୩ %, ଆମେରିକା ୬%, ଚାଇନା ୬.୧୩%, ଜର୍ମାନୀ ୪.୬% ବ୍ୟୟ କରିଲାବେଳେ ଭାରତରେ ଏହା ପାଖାପାଖି ୩% ରହୁଛି। କେନ୍ଦ୍ର ବଜେଟରେ ଶିକ୍ଷା ବାବଦ ବ୍ୟୟ ଯାହା ୨୦୧୧-୧୨ରେ ମୋଟ ବଜେଟର ୫.୦୪% ଥିଲା ବେଳେ ୨୦୨୪-୨୫ରେ ୨.୫୦%କୁ ହ୍ରାସ ପାଇଛି। ଯଦି ଆମେ ସ୍ୱାଭିମାନୀ ଓ ଦାୟିତ୍ୱଶୀଳ ସମାଜ ଗଢ଼ିବାକୁ ଚାହୁଁଛୁ, ତେବେ ଶିକ୍ଷା ଓ ଶିକ୍ଷକଙ୍କୁ ପୁନଃ ତାହାର ମୂଲ୍ୟ, ମର୍ଯ୍ୟାଦା ଦେବାକୁ ପଡିବ। ଶିକ୍ଷକମାନେ ମଧ୍ୟ ଅଧିକ ଦାୟିତ୍ୱବାନ ଓ କର୍ତ୍ତବ୍ୟପରାୟଣ ହେବା ଉଚିତ।

ମୋ:୯୪୩୭୨୦୮୭୬୨

# ଆସାମର ହାତୀ-ଟ୍ରେନ୍ ଧକ୍କା



ଡ. ଲାଲା ଅଶ୍ୱିନୀ କୁମାର ସିଂହ

ଶନିବାର(୨୦-୧୨-୨୫) ବିଳମ୍ବିତ ରାତିରେ ଆସାମରେ ଘଟିଥିବା ହାତୀ-ଟ୍ରେନ୍ ଧକ୍କା ଏକ ବଡ଼ ଘଟଣା। ଗୋଟିଏ ଧକ୍କାରେ ୮ଟି ହାତୀଙ୍କ ମୃତ୍ୟୁ ହୋଇଛି। ଆସାମରେ ଏହା ଏପର୍ଯ୍ୟନ୍ତ ରେକର୍ଡ ହୋଇଥିବା ସବୁଠାରୁ ଘାତକ ଟ୍ରେନ୍-ହାତୀ ଧକ୍କା। ସଂସଦରେ ଶେୟାର କରାଯାଇଥିବା ସରକାରୀ ତଥ୍ୟ ଦର୍ଶାଉଛି, ୨୦୨୧-୨୨ ଏବଂ ୨୦୨୩-୨୪ ମଧ୍ୟରେ ଟ୍ରେନ୍ ଧକ୍କାରେ ୪୭ ହାତୀଙ୍କ ମୃତ୍ୟୁ ହୋଇଛି। ୨୦୨୧-୨୨: ୧୫ ହାତୀଙ୍କ ମୃତ୍ୟୁ ହୋଇଥିଲା, ୨୦୨୨-୨୩: ୧୫ଟି ହାତୀ ଓ ୨୦୨୩-୨୪ରେ ୧୭ଟି ମୃତ୍ୟୁ ହୋଇଥିଲା । ଗତ ୩ ବର୍ଷ ମଧ୍ୟରେ ଏହା ଏକ ଉପର ଆଡ଼କୁ ଯାଉଥିବା ଧାରା ନିଶ୍ଚିତ କରେ।

ଭାରତରେ ପ୍ରକଳ୍ପ-ହାତୀ ୧୯୯୦-୯୧ରେ ଆରମ୍ଭ ହୋଇଥିଲା। ରେଳ ଦୁର୍ଘଟଣା ଯୋଗୁ କେବଳ ୨୦୦୯ ପରଠାରୁ ନିର୍ଭରଯୋଗ୍ୟ ତଥ୍ୟ ମିଳିପାରୁଛି । ଏହା ପୂର୍ବରୁ ଅର୍ଥାତ୍ ୧୯୯୦-୨୦୦୮ ମସିହା ମଧ୍ୟରେ ଏଭଳି ଦୁର୍ଘଟଣା ବିରଳ ହୋଇଥିଲେ ସୁଦ୍ଧା ବୃଦ୍ଧିପାଉଥିବା ଜଣାଯାଏ । ୨୦୦୯-୧୦ରୁ ୨୦୨୪ ମଧ୍ୟରେ ଟ୍ରେନ ଧକ୍କାରେ୧୮୬ ହାତୀଙ୍କ ମୃତ୍ୟୁ ହୋଇଛି। ଏହି ସମୟ ମଧ୍ୟରେ ବାର୍ଷିକ ନିରନ୍ତର ମୃତ୍ୟୁ ସାଧାରଣତଃ ପ୍ରତିବର୍ଷ ୧୦-୨୦ ହାତୀ। ୧୯୯୦ ଦଶକର ଶେଷଭାଗରେ ହାତୀ ବାସସ୍ଥାନ ଦେଇ ରେଳଲାଇନ ବିସ୍ତାର ହେବା ସହ ଟ୍ରେନ୍-ହାତୀ ଧକ୍କା ବୃଦ୍ଧିପାଇବା ଆରମ୍ଭ ହୋଇଥିଲା। ଆସାମ, ପଶ୍ଚିମବଙ୍ଗ, ଓଡ଼ିଶା, ତାମିଲନାଡୁ ଏବଂ କେରଳରେ ହଟ୍‌ସ୍ପଟ୍ ଦେଖାଗଲା।

ହାତୀ-ଦୁର୍ଘଟଣା ଦୃଷ୍ଟିକୋଣରୁ ଏକ ମିଳିତ ସରକାରୀ ସର୍ଭେ ଦ୍ୱାରା ଚିହ୍ନଟ ହୋଇଥିବା ୧୪ଟି ରାଜ୍ୟରେ ୭୭ଟି ଉଚ୍ଚ ବିପଦପୂର୍ଣ୍ଣ ରେଳପଥ ଜଣାଯାଏ। ସର୍ବାଧିକ ବିପଦପୂର୍ଣ୍ଣ ରାଜ୍ୟଗୁଡ଼ିକ ମଧ୍ୟରେ ଆସାମ, ପଶ୍ଚିମବଙ୍ଗ, ଓଡ଼ିଶା, କେରଳ, ତାମିଲନାଡୁ ଅନ୍ତର୍ଭୁକ୍ତ।

ବର୍ତ୍ତମାନ ସମୟରେ ହାତୀମାନଙ୍କର ପାରମ୍ପରିକ ଚଳାପଥ ବଦଳିବାରେ ଲାଗିଛି। ହାତୀ କରିଡର ପରିବର୍ତ୍ତନ ହେଉଛି, କାରଣ ସେମାନଙ୍କର ବାସସ୍ଥାନ ସଙ୍କୁଚିତ ହେଉଛି, ଖଣ୍ଡଖଣ୍ଡ ହୋଇ ଅଧିକ ବିପଦପୂର୍ଣ୍ଣ ହେଉଛି। ଜଙ୍ଗଲଗୁଡ଼ିକ ଭିତ୍ତିଭୂମି ଏବଂ ମାନବ କାର୍ଯ୍ୟକଳାପକୁ ସ୍ଥାନ ଦେଉଥିବାରୁ ହାତୀମାନେ ସେମାନଙ୍କର ପ୍ରାଚୀନ ପ୍ରବାସୀପଥଗୁଡ଼ିକୁ ପରିବର୍ତ୍ତନ କରିବାକୁ ବାଧ ହେଉଛନ୍ତି, ଯାହା ସେମାନଙ୍କୁ ରାସ୍ତା, ରେଳପଥ ଏବଂ ଜନବସତି ସହ ନିକଟତର କରୁଛି ଏବଂ ଦୁର୍ଘଟଣାର ଆଶଙ୍କା ବୃଦ୍ଧିକରୁଛି।

ଓଡ଼ିଶାରେ ଟ୍ରେନ୍-ହାତୀଧକ୍କାକୁ ଏଡ଼ାଇବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ୟାମେରା ସିଷ୍ଟମ କାର୍ଯ୍ୟକାରୀ କରାଯାଇଥିଲା ଏବଂ ୨୦୨୪ ଶେଷଭାଗରେ ବ୍ୟବହାର ହୋଇଥିବା ରିପୋର୍ଟ କରାଯାଇଥିଲା। ବିଶେଷକରି ଡିସେମ୍ବର



୨୦୨୪ରେ ରାଉରକେଲା ବନଖଣ୍ଡରେ ସ୍ଥାପିତ ଏକ ଏଆଇଭିତ୍ତିକ ଥର୍ମାଲ କ୍ୟାମେରା ସିଷ୍ଟମ ରେଳଟ୍ରାକ୍‌ରେ ହାତୀଙ୍କ ଏକ ପଲକୁ ଚିହ୍ନଟ କରିଥିଲା ଏବଂ କର୍ତ୍ତୃପକ୍ଷଙ୍କୁ ସତର୍କ କରିଥିଲା, ଯେଉଁମାନେ ହାତୀଙ୍କୁ ସୁରକ୍ଷିତ ଭାବରେ ପାରକରିବା ପାଇଁ ଏକ ମାଲବାହୀ ଟ୍ରେନ୍ ବିଳମ୍ବ କରିଥିଲେ(ଙ୍

ହାତୀ-ଟ୍ରେନ୍‌ଧକ୍କାକୁଏଡ଼ାଇବା ପାଇଁଓଡ଼ିଶାରେ ବ୍ୟବହୃତ ପ୍ରଯୁକ୍ତିବିଦ୍ୟା ହେଉଛି ଏକ ପ୍ରକାର ସଫଳ ପ୍ରୟାସ। ଏହା ଏଆଇଚାଳିତ କ୍ୟାମେରା ସିଷ୍ଟମ ଯୋଗୁ ସମ୍ଭବ ହେଉଛି। ଏହି ଉନ୍ନତ ଏଆଇ କ୍ୟାମେରାଗୁଡ଼ିକ ହାତୀ ବାସସ୍ଥାନରେ ରେଳଟ୍ରାକ୍ ସହ ସ୍ଥାପିତ ହୋଇଛି। ଏଆଇ କ୍ୟାମେରାଗୁଡ଼ିକ ଟ୍ରାକ୍ ପାଖକୁ ଆସୁଥିବା ହାତୀମାନଙ୍କୁ ଚିହ୍ନଟ କରନ୍ତି ଏବଂ ତୁରନ୍ତ ନିୟନ୍ତ୍ରଣ କକ୍ଷକୁ ସତର୍କ ପଠାନ୍ତି। ଏହି ପ୍ରାରମ୍ଭିକ ସତର୍କତା ରେଳ କର୍ତ୍ତୃପକ୍ଷଙ୍କୁ ସମୟସୀମା ମଧ୍ୟରେ ଟ୍ରେନ୍‌ଗୁଡ଼ିକୁ ଅଟକାଇବା କିମ୍ବା ବିଳମ୍ବ କରିବାକୁ ସୁବିଧା ଦେଇଥାଏ। ଫଳରେ ଟ୍ରେନ ଯୋଗୁ ହାତୀପଲ ସହ ଧକ୍କାକୁ ରୋକାଯାଇଥାଏ।

ଏହି ସିଷ୍ଟମରେ ଉଚ୍ଚ ରିଜୋଲ୍ୟୁଶନ ଏଆଇ ଏବଂ ଟାୱାରରେ ଲଗାଯାଇଥିବା ଥର୍ମାଲ କ୍ୟାମେରା ଅନ୍ତର୍ଭୁକ୍ତ, ଯାହା ହାତୀମାନଙ୍କ ଚଳିତ୍ର ଏବଂ ସ୍ଥାନ ବିବରଣୀ କଏଦ କରିଥାଏ। ଜଣାଯାଏ, ଏଭଳି ପ୍ରଯୁକ୍ତିବିଦ୍ୟା ଆପଣାଇଥିବା ଯୋଗୁ ରେଳଲାଇନ ଉପରେ ହାତୀ ତଥା ଅନ୍ୟାନ୍ୟ ବନ୍ୟପ୍ରାଣୀ ଏବଂ ଟ୍ରେନ୍ ଉଭୟର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଜଙ୍ଗଲ ଏବଂ ରେଳ ବିଭାଗ ମଧ୍ୟରେ ସମନ୍ୱିତ କାର୍ଯ୍ୟକୁ ସକ୍ଷମ କରାଯାଇପାରୁଛି। ଏହି ପ୍ରଯୁକ୍ତିବିଦ୍ୟା ଓଡ଼ିଶାର ରାଉରକେଲା ବନାଞ୍ଚଳରେ ସଫଳତାର ସହ ନିୟୋଜିତ ହୋଇଛି ଏବଂ ଟ୍ରେନ୍ ସମ୍ବନ୍ଧୀୟ ହାତୀ ମୃତ୍ୟୁ ହ୍ରାସ କରିବା ପାଇଁ ବ୍ୟାପକ ପ୍ରଶମନ ପ୍ରୟାସର ଏକ ଅଂଶ। ମାତ୍ର ହାତୀମୃତ୍ୟୁ ହାର ପାଇଁ ଆହୁରି ଅନେକ କାରଣ ରହିଛି, ବଢୁଛି ଅଥବା ତାହା ଏବେ ନୂତନକରି ଉଭାହେଉଛି।

୨୦୧୯ରୁ୨୦୨୪ ମଧ୍ୟରେ ଓଡ଼ିଶାରେ ଟ୍ରେନ୍ ଦୁର୍ଘଟଣା ଯୋଗୁ ୧୪ହାତୀଙ୍କ ମୃତ୍ୟୁ ରେକର୍ଡ କରାଯାଇଛି। ଆହୁରି ବ୍ୟାପକ ଭାବରେ କହିବାକୁ ଗଲେ ୨୦୧୫-୧୬ରୁ ୨୦୨୩-୨୪ ପର୍ଯ୍ୟନ୍ତ ଓଡ଼ିଶାରେ ଟ୍ରେନ୍ ଧକ୍କା ଯୋଗୁ ୨୬ ହାତୀଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାଗୁଡ଼ିକ ସାଧାରଣତଃ ରାତିରେ କିମ୍ବା କମ୍ ଦୃଶ୍ୟମାନତାରେ ପାରମ୍ପରିକ ହାତୀପଥକୁ ଛେଦନ କରୁଥିବା ସ୍ଥାନରେ ଘଟେ। ଏହି ସମୟ ମଧ୍ୟରେ ରାଜ୍ୟରେ ବିଦ୍ୟୁତ୍ ଆଘାତ ଏବଂ ଶିକାର ଯୋଗୁ ହାତୀଙ୍କ ମୃତ୍ୟୁର ମଧ୍ୟ ବହୁସଂଖ୍ୟା ହୋଇଛି। ଟ୍ରେନ-ହାତୀ ଧକ୍କା ହ୍ରାସ କରିବା ପାଇଁ ପ୍ରୟାସରେ ଏଆଇଚାଳିତ କ୍ୟାମେରା ସତର୍କତା ବ୍ୟବସ୍ଥା ଏବଂ ହାତୀ ବାସସ୍ଥାନରେ ରେଳଟ୍ରାକ୍‌ରେ ସୁରକ୍ଷା ବ୍ୟବସ୍ଥା ଉନ୍ନତ କରିବା ପାଇଁ ଜଙ୍ଗଲ ଏବଂ ରେଳ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ଅନ୍ତର୍ଭୁକ୍ତ।

ଏହି ପରିପ୍ରେକ୍ଷୀରେ ଅନ୍ୟାନ୍ୟ ସ୍ଥାନରୁ ସମ୍ମିଳିତ ଅନୁଭୂତି ତଥା ବିଶେଷକରି ଓଡ଼ିଶା ରାଜ୍ୟର କୁଶଳତା ଓ ଅନୁଭବ ବିନିଯୋଗ ହୋଇପାରିଲେ ଟ୍ରେନ-ହାତୀ-ଦୁର୍ଘଟଣା କମିପାରନ୍ତା ବୋଲି ମନେକରାଯାଏ।

**ବନ୍ୟପ୍ରାଣୀ ଅନୁସନ୍ଧାନ ଅଧିକାରୀ (ଅବସରପ୍ରାପ୍ତ), ଓଡ଼ିଶା**
**ମୋ: ୮୭୬୩୦୧୩୬୭୧**

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀଜଗନ୍ନାଥଙ୍କ ଜମି ଅସୁରକ୍ଷିତ

ମହାଶୟ,

୨୦୨୨ ମସିହାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ରେକର୍ଡ ଜମିର ପରିମାଣ ଯେତିକି ଥିଲା ୨୦୨୫ରେ ସେତିକି ଅଛି। ରାଜ୍ୟର ୨୪ ଜିଲାରେ ଶ୍ରୀଜଗନ୍ନାଥଙ୍କ ନାମରେ ମୋଟ ୬୦.୪୨୬,୯୪୩ ଏକର ଜମି ଚିହ୍ନଟ ହୋଇଛି। ଏହା ଭିତରୁ ୩୮,୦୬୧,୮୯୨ ଏକର ଜମି ମହାପ୍ରଭୁ ସର୍ବମଙ୍ଗଳ ଶ୍ରୀଜଗନ୍ନାଥଙ୍କ ନାମରେ ରେକର୍ଡ ହୋଇଛି। ଏହା ବାଦ୍ ଅନ୍ୟ ସବୁ ରାଜ୍ୟରେ ମହାପ୍ରଭୁଙ୍କ ନାମରେ ୩୯୫.୨୫୨ ଏକର ଜମି ରହିଛି ବୋଲି ବିଧାନସଭାରେ ମନ୍ତ୍ରୀ ସ୍ପଷ୍ଟିକରଣ ଦେଇଛନ୍ତି। ଓଡ଼ିଶା ପ୍ରିଭେନସନ ଅଫ୍ ଲ୍ୟାଣ୍ଡ ଏନକ୍ଲୋଚମେଣ୍ଟ ୧୯୭୨ ଅନୁଯାୟୀ ଜବରଦଖଲ ହଟାଇବାକୁ ପଦକ୍ଷେପ ନିଆଯାଇଛି। ଏହାସତ୍ତ୍ୱେ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ଶ୍ରୀଜଗନ୍ନାଥଙ୍କ ନାମରେ ଚିହ୍ନଟ ଜମିକୁ ମହାପ୍ରଭୁଙ୍କ ନାମରେ ରେକର୍ଡ କରାନଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ତଥ୍ୟରୁ ଜଣାପଡ଼ିଛି ଯେ ଏହି ୩ ବର୍ଷ ଭିତରେ ପ୍ରଶାସନ ସର୍ବମଙ୍ଗଳ ଶ୍ରୀଜଗନ୍ନାଥ ନାମକୁ ଇଞ୍ଚେ ବି ଜବି ଆଣିନପାରିବା ରାଜ୍ୟରେ ଆଲୋଚନାର ବିଷୟ ହୋଇଛି।

**–ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଜଣଙ୍କ ଜୀବନଜୀବିକା ସଂଘର୍ଷ ପଥରେ ଅନେକ ସମୟରେ ବଡ଼ ପରିବର୍ତ୍ତନ ଆସେ। ଏହି କ୍ରମରେ କୃଷିକୁ ଜୀବିକା କରିବା ପାଇଁ ଆଗକୁ ଆସି ସଫଳତା ପାଇଛନ୍ତି ମହାରାଷ୍ଟ୍ରର ବୈଶାଳୀ ପାଟିଲ। ଜଲଗାଁଓ ଜିଲାର ରଭେର ତହସିଲ ଅଞ୍ଚଳରେ ସେ ଏବେ ଜଣେ ସଫଳ ମହିଳା ଚାଷୀ ଭାବେ ପରିଚିତ। ସବୁଠୁ ବଡ଼କଥା ହେଉଛି, ବୈଶାଳୀ ପୁରାତନ କିସମର ଖପ୍‌ଲି ଗହମ ଚାଷକରି ରୋଜଗାରକ୍ଷମ ହେବା ସହ ଏହି ଚାଷକୁ ବ୍ୟାପକ କରି ଅନେକ କୃଷକଙ୍କୁ ସଶକ୍ତ କରିଛନ୍ତି। ଖପ୍‌ଲି ଗହମ ବିଶେଷକରି ଫାଇବର(ତନ୍ତୁ) ଓ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର। ବୈଶାଳୀଙ୍କ ପରିବାର କଦଳୀ, ବାଦାମ, ନଡ଼ିଆ ଓ ଡାଲିଜାତୀୟ ଚାଷ କରୁଥିଲେ ମଧ୍ୟ ସେ ୨୦୧୮ରେ ୨ ଏକରରେ ଏହି ଖପ୍‌ଲି ଗହମ ଚାଷ ଆରମ୍ଭ କରି ଅଧିକ ଅମଳ କରିପାରିଥିଲେ। ଅଧିକ ଅମଳ ଓ ଏହାର ପୌଷ୍ଟିକ ଗୁଣ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କୃଷକମାନେ ଜାଣିବା ପରେ ସେମାନେ ଏହି ଚାଷ ପ୍ରତି ଆଗ୍ରହୀ ହୋଇଥିଲେ। ବୈଶାଳୀ ସେମାନଙ୍କୁ ବିହନ ଯୋଗାଇଦେବା ଯୋଗୁ ଏବେ ୧,୫୦୦ ଏକରରେ ଏହି ଗହମ ଚାଷ ହୋଇପାରିଛି। ସେ ଖପ୍‌ଲି ଗହମ ବିହନ ପାଇଁ ପ୍ରଥମ ସିଡ୍ ଡିଲର ଲାଇସେନ୍ସଧାରୀ ହୋଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୪ ଡିସେମ୍ବର ୧୯୭୬

- କେନ୍ଦ୍ର ମନ୍ତ୍ରିମଣ୍ଡଳରେ ହିତେନ୍ଦ୍ର ଦେଶାଇ ଏବଂ ବୀରଭଦ୍ର ସିଂହ ସ୍ଥାନ ପାଇଥିବା ବେଳେ ପ୍ରତିରକ୍ଷା ଉପମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ରାଷ୍ଟ୍ରମନ୍ତ୍ରୀ ପାହ୍ୟାକୁ ଉନ୍ନିତ।
- ବୃହତ୍ତର ବମ୍ବେକୁ ଜନସାଧାରଣଙ୍କ ଯାତାୟାତ ସୁବିଧା ପାଇଁ ରାସ୍ତା ପରିବହନର ଉନ୍ନତି ନିମନ୍ତେ ଭାରତ ସରକାର ଓ ବିଶ୍ୱବ୍ୟାଙ୍କ ମଧ୍ୟରେ ଏକ ଋଣ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ସେହି ଗିରି କୋଳେ ଲାଖିଲା ମନର ଦରଜ
ସେହି ଝରଣାରେ ଲୁଚିଲା ରାଗିଣୀ-ମୁରୁଜ ।
କେତେ ବିଲବନେ ରହିଗଲା ଆଖି
ବିପୁଳ ଜୋଛନା ପରଶ ମୁଁ ଚାଖି
କେତେ ସକାଳେ ମୋ ଉଇଁଥିଲା ଶୁଭ ସୁରୁଜ
ସେହି ଘାଟି ପଥେ ଲୁଚିଲା ରାଗିଣୀ ମୁରୁଜ ।
–(ଜୟପୁର ଘାଟି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

ଗୋପାଳପୁର,(ନବୀନ ରାଜ ଆଚାରୀ): ଗୋଳନ୍ଥରା ଥାନା ଅଞ୍ଚଳ ଚିକରଡା ଗ୍ରାମରେ ଜଣେ ମହିଳା ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଚିକରଡା ଗ୍ରାମର ପି. ସାବିତ୍ରୀ ରେଡ୍ଡୀ (୬୦)। ଚିକରଡା ଗ୍ରାମ ପି.ବୋଇରାଗୀ ରେଡ୍ଡୀ ତାଙ୍କ ସ୍ତ୍ରୀ ପି.ସାବିତ୍ରୀଙ୍କ ମଧ୍ୟରେ ମଙ୍ଗଳବାର କୌଣସି କଥା ନେଇ ଝଗଡା ହୋଇଥିଲା। ମାନସିକ ଭାରସାମ୍ୟ ହରାଇ ଅନ୍ୟ ଏକ କୋଠରୀରେ ସାବିତ୍ରୀ ବିଷାକ୍ତ ପଦାର୍ଥ ଖାଇଦେଇଥିଲେ। ପରିବାର ଲୋକ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ମୃତ୍ୟୁ ଘଟିଛି।

# ନାରାୟଣ ଥିଲେ ଏକ ଅନୁଷ୍ଠାନ



ସ୍ୱର୍ଗତ ନାରାୟଣ ସାମଲ

ବିଶିଷ୍ଟ ଆଇନଜୀବୀ ସ୍ୱର୍ଗତ ନାରାୟଣ ସାମଲଙ୍କ ଆଜି ୭ମ ଶ୍ରାଦ୍ଧବାର୍ଷିକୀ। ଏକାଗ୍ରତା ଓ ସମୟାନୁବର୍ତ୍ତିତା ମଣିଷକୁ କିପରି ସଫଳତାର ଶୀର୍ଷରେ ପହଞ୍ଚାଇଥାଏ, ସେ ଥିଲେ ତାହାର ଜ୍ୱଳନ୍ତ ଉଦାହରଣ। ସେ କନିଷ୍ଠ ଆଇନଜୀବୀଙ୍କ ପାଇଁ ମଧ୍ୟ ଥିଲେ ପ୍ରେରଣାଦାତା। ସେ ଆଇନ ବ୍ୟବସାୟ ଓ ଆଇନଜୀବୀଙ୍କୁ ଏତେ ଭଲପାଉଥିଲେ ଯେ, ଆଇନଜୀବୀ ତଥା ତତ୍କାଳୀନ ଜିଲା ଖାଉଟି ଅଦାଲତ ସଭାନେତ୍ରୀ ପ୍ରତିଭା କୁମାରୀ ସିଂଙ୍କୁ ବିବାହ କରିଥିଲେ। ତିନି ପୁତ୍ର ଦେବୀଦତ୍ତ, ଦେବାଶିଷ ଓ ଦେବବ୍ରତଙ୍କୁ ଆଇନ ଶିକ୍ଷାଦେଇ ଅବହେଳିତ, ନିଷ୍ପେଷିତଙ୍କୁ ନ୍ୟାୟ ଦେବାକୁ ପ୍ରେରଣା ଦେଇଥିଲେ।

ନାରାୟଣ କେବଳ ଜଣେ ଆଇନଜୀବୀରେ ସୀମିତ ନ ଥିଲେ। ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ତାଙ୍କର ଅବଦାନ ଥିଲା ଅବିସ୍ମରଣୀୟ। ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ପ୍ରବାହ ସାହିତ୍ୟ ପରିଷଦ' ତାଙ୍କର ମାନସ ସନ୍ତାନ। ଗୌରୀ ଫିଲିଂ ଷ୍ଟେଶନ, ଗୌରୀ ଫ୍ଲାଏ ଆଶ୍ ବ୍ରିକ୍ସ, ଗୌରୀ କଟନ୍ ଭଳି ଉଦ୍ୟୋଗ ପ୍ରତିଷ୍ଠା କରି ସାଜିଥିଲେ ଅନେକଙ୍କ ନିଯୁକ୍ତିଦାତା। କାମାକ୍ଷାନଗର ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟ, କାମାକ୍ଷାନଗର ମହାବିଦ୍ୟାଳୟ, ଭୁବନର ବାଜିରାଉତ ମହାବିଦ୍ୟାଳୟ, ବାଲିଗୋରଡ଼ର ମୂଷା ମଲ୍ଲିକ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେଥିପାଇଁ ଓଡ଼ିଶାର ବିଭିନ୍ନ ଅନୁଷ୍ଠାନ ତଥା ବହୁ ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ସେ ସମ୍ବର୍ଦ୍ଧିତ ହୋଇଥିଲେ। ତାଙ୍କ ମହାନତାକୁ ମନେରଖିବା ପାଇଁ କାମାକ୍ଷାନଗର ସିଭିଲ କୋର୍ଟ ପରିସରରେ ସ୍ଥାପିତ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସମସ୍ତଙ୍କୁ ପ୍ରେରଣା ଦେଉଛି।

୧୫ ଏପ୍ରିଲ ୧୯୪୭ରେ ନାରାୟଣ କାମାକ୍ଷାନଗର ବାଲିଗୋରଡ଼ ପଞ୍ଚାୟତ ନୂଆପାଣି ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ସାମ୍ୟବାଦୀ ଚିନ୍ତାଧାରାରେ ଅନୁପ୍ରାଣିତ ଏହି ବ୍ୟକ୍ତି କ୍ଷମତା ନୁହେଁ, ବରଂ ତ୍ୟାଗ ଓ ନ୍ୟାୟ ପ୍ରତି ଦୃଢ଼ ପ୍ରତିବଦ୍ଧତାରୁ ମାନବିକତା ଅର୍ଜନ କରାଯାଏ ବୋଲି ପ୍ରମାଣ କରିଥିଲେ। କାମାକ୍ଷାନଗର ମାଟିର ସେ ଥିଲେ ସୁଯୋଗ୍ୟ ସନ୍ତାନ। ତାଙ୍କର ମହାନ୍ ଆତ୍ମା ସ୍ୱର୍ଗରୁ ଥାଇ ଆମ୍ଭଙ୍କୁ ମାର୍ଗଦର୍ଶନ କରୁ, ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା। ତାଙ୍କର ପୁଣ୍ୟ ଶ୍ରାଦ୍ଧବାର୍ଷିକୀରେ ଅଯୁତ ଅଯୁତ ପ୍ରଣାମ।

**-ସୂର୍ଯ୍ୟନାରାୟଣ ସାହୁ**
**ଆଇନଜୀବୀ, କାମାକ୍ଷାନଗର, ଢେଙ୍କାନାଳ**

# ଚାଷୀ ଓ ସରକାରଙ୍କୁ ଠକିଛନ୍ତି ବୀମା କମ୍ପାନୀ

## ରଷିକୂଲ୍ୟା ରୟତ ମହାସଭାର ଅଭିଯୋଗ

ବ୍ରହ୍ମପୁର,୨୩।୧୨(ସ୍ମୃତି ରଞ୍ଜନ ମହାଳିକ)
ପ୍ରାକୃତିକ ବିପର୍ଯ୍ୟୟରେ ଫସଲ କ୍ଷତି ହେଲେ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ କେନ୍ଦ୍ର ସରକାର ଫସଲ ବୀମା ଯୋଜନା ଲାଗୁ କରିଛନ୍ତି। କିନ୍ତୁ ଗଞ୍ଜାମ ଜିଲା ଚାଷୀ ଏହାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି । ବୀମା କମ୍ପାନୀ ଉଭୟ ସରକାର ଓ ଚାଷୀଙ୍କୁ ଠକିଛନ୍ତି ବୋଲି ରଷିକୂଲ୍ୟା ରୟତ ମହାସଭା ଅଭିଯୋଗ କରିଛି। ମହାସଭାର ଉପଦେଷ୍ଟା ରବି ରଥ ଓ ସମ୍ପାଦକ ସୀମାଞ୍ଚଳ ନାହାକ କହିଛନ୍ତି ଯେ, ଗତ ୨୦୨୪ ଡିସେମ୍ବର ମାସରେ ପାଚିଲା ଧାନ କଟା ହୋଇ ଜମିରେ ପଡିଥିଲା । ଅଦିନିଆ ଲଗାଣ ବର୍ଷା ଯୋଗୁଁ ଧାନ ଫସଲ ନଷ୍ଟ ହୋଇଥିଲା। ଜିଲା ପ୍ରଶାସନ ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିଥିଲେ। ଦୁର୍ଦ୍ଦିନ ସମୟରେ ଚାଷୀମାନେ ନଷ୍ଟ ହୋଇଥିବା ଧାନକୁ ପାଣିରୁ ଛାଣି ଆଣିବାରେ ବ୍ୟସ୍ତ ଥିବା ବେଳେ ବୀମା କମ୍ପାନୀର କୌଣସି କର୍ମଚାରୀଙ୍କ ଦେଖା ମିଳି ନ ଥିଲା। ଫସଲ ବୀମା ନିୟମ ଅନୁଯାୟୀ ଗୋଟିଏ ପଞ୍ଚାୟତର ୪ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି ଫସଲ ବୀମା ପ୍ରଦାନ କରାଯାଉଥିଲା। ଏବେ ବୀମା କମ୍ପାନୀ ଅନ ଲାଇନ ବ୍ୟବସ୍ଥା କରିବା ଫଳରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଶିକ୍ଷିତ ଚାଷୀମାନେ ଜି.ଓ.ଟେକ କରି ଅନଲାଇନ କରିବା ସମ୍ଭବ ହେଉ ନାହିଁ। ଯଦ୍ୱାରା ଜିଲାରେ ବୀମା ପଞ୍ଜୀକୃତ ମୋଟ ୧ ଲକ୍ଷ ୪୫ ହଜାର ୯୫୩ ଚାଷୀଙ୍କ ମଧ୍ୟରୁ ୪୧୫୯୫ ଚାଷୀଙ୍କୁ ବୀମା ରାଶି ପ୍ରଦାନ କରାଯାଇଛି। ଧାନ ଓ ଅନ୍ୟାନ୍ୟ ଫସଲ ପାଇଁ ଚାଷୀମାନେ ବିଭିନ୍ନ ବ୍ୟାଙ୍କ ଓ ସମବାୟ ସମିତିରୁ କୃଷି ଋଣ ଆଣିଥାନ୍ତି। ସେହି ସମୟରେ ବ୍ୟାଙ୍କ ଓ ସମବାୟ ସମିତି ବୀମା ପଞ୍ଜିକରଣ କରିଥାନ୍ତି। ଚାଷୀଙ୍କ ଠାରୁ ଗୋଟିଏ ପ୍ଲଟ ପାଇଁ କେବଳ ୧ ଟଙ୍କା ପ୍ରିମିୟମ ନିଆଯାଉଥିବା ବେଳେ ଅବଶିଷ୍ଟ ପ୍ରିମିୟମ ଦେୟ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବୀମା କମ୍ପାନୀକୁ ଦେଇଥାନ୍ତି। ଗତ ବର୍ଷ ଏକ ବୀମା କମ୍ପାନୀ ପ୍ରିମିୟମ ବାବଦ ଜିଲାରୁ ୭୬କୋଟି ୨୩ ଲକ୍ଷ ୩୦୧୧୯ ଟଙ୍କା ନେଇଛି । କିନ୍ତୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ୯ କୋଟି ୨୯ ଲକ୍ଷ ୧୬୪୭୧ ଟଙ୍କା କମ୍ପାନୀ ପ୍ରଦାନ କରିଛି ବୋଲି ଅଭିଯୋଗ ହୋଇଛି। ବୀମା କମ୍ପାନୀ ପକ୍ଷରୁ ମଧ୍ୟ ଜିଲା କୃଷି ବିଭାଗକୁ ଅଣଦେଖା କରାଯାଉଛି। ପୂର୍ବରୁ ବୀମା କମ୍ପାନୀ ଅଧିକାରୀମାନେ କୃଷି କର୍ମଚାରୀଙ୍କ ସହ ମିଶି ଚାଷଙ୍କୁ ଲିଫ୍ଲେଟ ବାଣ୍ଟିବା ଓ ମାଇକ ଦ୍ୱାରା ପ୍ରଚାର କରି ଚାଷୀଙ୍କୁ ସଚେତନ କରୁଥିଲେ। ଏବେ ସେମାନଙ୍କ ଦେଖା ମିଳୁନି ଓ ଯୋଗାଯୋଗରେ ନାହାଁନ୍ତି ବୋଲି କୃଷି ଅଧିକାରୀମାନେ କହୁଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବୀମା କର୍ମଚାରୀମାନେ କ୍ଷେତ୍ର ପରିଦର୍ଶନ କରୁ ନ ଥିବା ଓ ରାଜସ୍ୱ ବିଭାଗ ଆକଳନକୁ ବିଚାରକୁ ନେଉ ନ ଥିବା ସଂପାଦକ ଓ ଉପଦେଷ୍ଟା ଅଭିଯୋଗ କରିଛନ୍ତି। ଚାଷୀଙ୍କୁ ଠକିବା ପାଇଁ ବୀମା କମ୍ପାନୀ ଅନ ଲାଇନ ବ୍ୟବସ୍ଥା କରିଛି। ବୀମା କମ୍ପାନୀ ଚାଷୀ ସମେତ ସରକାରଙ୍କୁ ମଧ୍ୟ ଠକିଛି। ଏଣୁ ଜିଲା ପ୍ରଶାସନ ଆକଳନ ପ୍ରକାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ସହାୟତା ପ୍ରଦାନ କରିବାକୁ ରୟତ ମହାସଭା ଦାବି କରିଛି।

## ତାଲା ବନ୍ଦ ଘରୁ ଲକ୍ଷେ ଟଙ୍କା ଚୋରି

ବ୍ରହ୍ମପୁର,୨୩।୧୨(ସୁବାସ ଚନ୍ଦ୍ର ପାଢ଼ୀ)
ବୈଦ୍ୟନାଥପୁର ଥାନା ଲାଞ୍ଜିପଲ୍ଲୀ କୃଷ୍ଣନଗର ପ୍ରଥମ ଲାଇନରେ ଥିବା ଏକ ତାଲା ବନ୍ଦ ଘରୁ ନଗଦ ଲକ୍ଷେ ଟଙ୍କା ଚୋରି ହୋଇଛି । ଏନେଇ ଘର ମାଲିକ ସନ୍ତୋଷ କୁମାର ବେହେରା ଅଭିଯୋଗ କରିଛନ୍ତି। ପୋଲିସ ନଂ. ୬୨୫/୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଲାଞ୍ଜିପଲ୍ଲୀର ସନ୍ତୋଷ ଆଜକୁ ୭ ମାସ ତଳେ କୃଷ୍ଣନଗର ପ୍ରଥମ ଲାଇନରେ ଥିବା ରଘୁନାଥ ବେହେରାଙ୍କ ଘର କିଣି କିଛି ସାମଗ୍ରୀ ରଖି ତାଲା ପକାଇଥିଲେ। ୩ ଦିନ ତଳେ ସେ ଉକ୍ତ ଘରକୁ ପ୍ରବେଶ କରିବା ବେଳେ ଏକ ନୂତନ ତାଲା ପଡିଥିବା ଦେଖିଥିଲେ । ଭିତରକୁ ଯାଇ ଯାଞ୍ଚ ପରେ ଲକରରୁ ନଗଦ ୧ ଲକ୍ଷ ଟଙ୍କା ଚୋରି ହୋଇଯାଇଥିବା ସେ ଜାଣିବାକୁ ପାଇଥିଲେ । କିଛି ଦୁର୍ବୃତ୍ତ ଘର ଭିତରେ ପଶି ମଦ୍ୟପାନ କରିଥିବା ବେଳେ ଘର ଭିତରେ ଖାଲିମଦ ବୋତଲ ପଡିଥିବା ସେ ଦେଖିବାକୁ ପାଇଥିଲେ।

# ରାମାନୁଜଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ

ବ୍ରହ୍ମପୁର,୨୩।୧୨(ସ୍ମୃତି ରଞ୍ଜନ ମହାଳିକ)

ଗୋସାଣୀ ନୂଆ ଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟର ପୂର୍ବତନ ସଭାପତି ଭଗବାନ ଚୌଧୁରୀ ଯୋଗଦେଇ ଗଣିତର ଜନକ ରାମାନୁଜଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଧାନଚାର୍ଯ୍ୟ ନାରାୟଣ ପଣ୍ଡା, ସଂପାଦକ ପ୍ରକାଶ ଚନ୍ଦ୍ର ପାତ୍ର ଗଣିତ ଦିବସ ତାତ୍ପର୍ଯ୍ୟ ସଂପର୍କରେ କହିଥିଲେ। ସହ ପ୍ରଧାନଚାର୍ଯ୍ୟ ପତିତପାବନ ଶତପଥୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସଭାପତି ପ୍ରଦୀପ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ଲଲି କୁମାରୀ ପାଢି ରାମାନୁଜଙ୍କ ଜୀବନୀ ସଂପର୍କରେ କହିଥିଲେ। ବରିଷ୍ଠ ଆଚାର୍ଯ୍ୟ ବିବେକାନନ୍ଦ ପାଢି ଧନ୍ୟବାଦ ଦେଇଥିଲେ।

# ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ, ଗୁରୁତରଙ୍କୁ କଟକ ସ୍ଥାନାନ୍ତର

ବ୍ରହ୍ମପୁର , ୨୩।୧୨(ସୁବାସ ଚନ୍ଦ୍ର ପାଢ଼ୀ): ନିମଖଣ୍ଡି ଥାନା ଅନ୍ତର୍ଗତ ବୋରିଗାଁ ବଡ଼ ବନ୍ଧ ସାହିରେ ସୋମବାର ରାତିରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଛି। ଏଥିରେ ପ୍ରଫୁଲ୍ଲ ରାଉତ ନାମକ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେହିପରି ୪ ପଡୋଶୀ ଘରର କାନ୍ଥ ଭାଙ୍ଗିଛି। ଗୁରୁତରଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ ଅଭିଯୋଗ ହୋଇନଥିବା ପୋଲିସ କହିଛି। ପ୍ରଫୁଲ୍ଲ ଘରେ ଏକୁଟିଆ ଥିବା ସମୟରେ ରାତ୍ର ପ୍ରାୟ ୧୧ ଟା'ରେ ଗ୍ୟାସରେ ଡାଲି ଗରମ କରୁଥିବା ବେଳେ ହଠାତ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଥିଲା। ଫଳରେ ଘରର କବାଟ ଝରକା ଭାଙ୍ଗିଯାଇଥିଲା। ପ୍ରଫୁଲ୍ଲ ଗୁରୁତର ଆହତ ହୋଇଥିଲେ। ପ୍ରଫୁଲ୍ଲଙ୍କ ହାତ, ଗୋଡ଼ ସହ ଶରୀରର ବିଭିନ୍ନ ଅଙ୍ଗ କ୍ଷତ ହୋଇଛି । ଗୁରୁତର ଅବସ୍ଥାରେ ପ୍ରଫୁଲ୍ଲଙ୍କୁ ପ୍ରଥମେ ବ୍ରହ୍ମପୁର ଏମକେସିଜି ମେଡିକାଲ ଓ ପରେ କଟକ ବଡ଼ ମେଡ଼ିକାଲକୁ ପଠାଇ ଦିଆଯାଇଛି । ତାଙ୍କ ଘର ଛାତ ଓ ଘର ଭିତରେ ଥିବା ବହୁ ଆସବାବପତ୍ର ନଷ୍ଟ ହୋଇଛି । ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ବାସିନ୍ଦା ପ୍ରଫୁଲ୍ଲଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ ।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001**

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ₹18 ଲକ୍ଷ ଟଙ୍କା ଆନୁମାନିକ ମୂଲ୍ୟ ରେ **ନିଜର ମୁଖ୍ୟ କାର୍ଯ୍ୟାଳୟ ଭବନର ଦ୍ୱିତୀୟ ମହଲାରେ ଅଡିଟୋରିୟମ୍ ପାଇଁ ଭେରିଏବଲ୍ ରେଫ୍ରିଜରେଣ୍ଟ ଫ୍ଲୋ (ଭିଆରଏଫ/ଭିଆରଭି) ଟେକ୍ନୋଲୋଜି ଆଧାରିତ ଏୟାର କଣ୍ଡିସନିଂ ସିଷ୍ଟମର ଡିଜାଇନ୍, ଯୋଗାଣ, ସ୍ଥାପନା, ପରୀକ୍ଷଣ ଏବଂ କମିଶନିଂ (ଡିଏସଆଇଟିସି) ନିମନ୍ତେ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି 30 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଜାନୁଆରୀ 05, 2026 ଅପରାହ୍ଣ 04:00 ଟା** ଅଟେ ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

# ଆଇଆରପିଏମ୍ ବିଭାଗ ପକ୍ଷରୁ ଜାତୀୟ ସମ୍ମିଳନୀ




କାର୍ଯ୍ୟକ୍ରମରେ କୁଳପତିଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୨୩।୧୨(ସୁବାସ ଚନ୍ଦ୍ର ପାଢ଼ୀ):

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆଇଆରପିଏମ୍ ବିଭାଗ ଓ ଆଲୁମିନି ଆସୋସିଏସନ ସହଯୋଗରେ ଦୁଇ ଦିନିଆ ମାନବ ସମ୍ବଳ ପରିଚାଳନାରେ କୃତ୍ରିମ ବୁଦ୍ଧିମତା (ଏଆଇ)ର ପ୍ରଭାବ ଶୀର୍ଷକ ଜାତୀୟ ସମ୍ମିଳନୀ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗ ଦେଇ ଏହାକୁ ଉଦଘାଟନ କରିବା ସହ ଉଚ୍ଚଶିକ୍ଷାରେ ଏଆଇର ବ୍ୟବହାର ଆଗାମୀ ଦିନରେ ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ବିବେଚିତ ହେବ ବୋଲି କହିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠି ଯୋଗ ଦେଇ ଏଆଇ ଏବଂ ମାନବସମ୍ବଳ ଭଳି ଉଦୀୟମାନ କ୍ଷେତ୍ରରେ ଗବେଷଣା, ନବସୃଜନ ଏବଂ ଗବେଷଣା ପାଣ୍ଠିକୁ ସୁଦୃଢ଼ କରିବା ପାଇଁ ଶିଳ୍ପ-ଶିକ୍ଷା ସହଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ସିଆଇଟିୟୁର ଜାତୀୟ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ମହାନ୍ତି ଯୋଗ ଦେଇ ନିଯୁକ୍ତି କ୍ଷେତ୍ରରେ ଏଆଇର ଉପଯୋଗ ଉପରେ କହିଥିଲେ। ସମ୍ବଲପୁର ଆଇଆଇଏମର ପ୍ରଧ୍ୟାପକ ପ୍ରଫେସର ଅତ୍ରୀ ସେନଗୁପ୍ତା ମାନବ ସମ୍ବଳ ପରିଚାଳନାରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଉପରେ କହିଥିଲେ। ସମ୍ମିଳନୀର ସଂଯୋଜକ ଡ. ଭାରତ କୁମାର ଲାକ୍ରା ସ୍ୱାଗତ ଭାଷଣ ଓ ଡ. ଇତିଶ୍ରୀ ଗୀତା କୁମାରୀ ଅତିଥି ପରିଚୟ ଦେଇଥିଲେ। ଡ. ଉମ୍ମିଲ ସିଂହ ଧନ୍ୟବାଦ ଦେଇଥିଲେ। ଆଲୁମିନି ଆସୋସିଏସନର ସଭାପତି ପ୍ରଫେସର ଭବାନୀ ପ୍ରସାଦ ରଥ, ଆସୋସିଏସନର ସଚିବ ଡ. ସତ୍ୟବ୍ରତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ବ୍ରହ୍ମପୁର,୨୩।୧୨( ସୁବାସ ଚନ୍ଦ୍ର ପାଢ଼ୀ):
ଗଞ୍ଜାମ ଜିଲା ଜଜ୍ ଅଶାନ୍ତ କୁମାର ଦାସ ମଙ୍ଗଳବାର ଏକ ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ବ୍ରହ୍ମପୁର ଗେଟବଜାର ବିଲସାହି ମୂଳନିବାସୀ ତଥା ନୂଆପଡା ଗ୍ରାମ ପଞ୍ଚାୟତ ଅଧୀନ ଡେଙ୍ଗାପଦର ଗ୍ରାମରେ ରହୁଥିବା ବିଜୁ ବେହେରା(୨୯)।

୨୦୨୩ ମାର୍ଚ୍ଚ ୭ ତାରିଖରେ ବାଲିପଡା ଗ୍ରାମର ଜୁରିଆ ବିଷୋୟୀ (୫୫) ନୂଆପଡାରେ ଥିବା ତାଙ୍କ ଜମିକୁ କାମ କରିବାକୁ ଯାଇଥିଲେ। ସେଠାରୁ ସେ ଡେଙ୍ଗାପଦର ଗ୍ରାମକୁ କୌଣସି କାମରେ ଯାଇଥିଲେ। ବିଜୁ ଡେଙ୍ଗାପଦରରେ ନିଜ ଶ୍ୱଶୁର ଘରେ ରହୁଥିବା ବେଳେ କୌଣସି କଥାକୁ ନେଇ ସେ ଜୁରିଆଙ୍କ ସହ ଝଗଡା କରିଥିଲେ। ପରେ ଏକ କାଠ ଫାଳିଆରେ ପିଟିଥିଲେ। ମଧ୍ୟାହ୍ନରେ ଉକ୍ତ ଗ୍ରାମର ଏକ କୋଠଘର ନିକଟରେ ଜୁରିଆ ରକ୍ତାକ୍ତ ଅବସ୍ଥାରେ ପଡିଥିଲେ। ଜୁରିଆଙ୍କ ଭାଇ ରାମ ବିଷୋୟୀ ଏହା ଜାଣିବା ପରେ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଜୁରିଆଙ୍କ ମୃତ୍ୟୁ ଘଟିଥିଲା। ଭାଇଙ୍କୁ ବିଜୁ କାଠଫାଳିଆରେ ପିଟି ହତ୍ୟା କରିଥିଲେ ବୋଲି ସଦର ଥାନାରେ ରାମ ଅଭିଯୋଗ କରିଥିଲେ। ପୋଲିସ ନଂ.୧୫୨/୨୩ରେ ଏକ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ମହେନ୍ଦ୍ର ସାହୁ ହତ୍ୟା ଅଭିଯୁକ୍ତ ବିଜୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୧୫ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା ବିଜୁଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୨ ଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଆଧାରରେ ଜିଲା ଜଜ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଗଞ୍ଜାମ ଜିଲା ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳ ଓ ସହଯୋଗୀ ରଜତ ଦାଶ ମାମଲା ପରିଚାଳନା କରୁଥିଲେ।

**ସର୍ବସାଧାରଣଙ୍କ ନିମନ୍ତେ ବିଜ୍ଞପ୍ତି**

**ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ ଲିମିଟେଡ୍**

**ପରିବେଶ ମଞ୍ଜୁରୀ**

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍ଇଆଇଏଏ) ଓଡ଼ିଶା, ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ମୌଜା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶାରେ ଅବସ୍ଥିତ ପ୍ଲଟ୍ ନଂ.- ୨୧୬୧/୭୪୬୦ ଏବଂ ୧୫ଟି ଅନ୍ୟାନ୍ୟ ପ୍ଲଟ୍ ଏବଂ ଖାତା ନଂ.- ୬୦୩/୫୪୮୫ ଓ ୧୩ଟି ଅନ୍ୟାନ୍ୟ ଖାତା ଉପରେ ନିର୍ମିତ ହେଉଥିବା "ଇଭୋସ୍ ଅମାନୀ" ନାମ ଓ ଶୈଳୀର ଆବାସିକ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି ।

ଇସି ଚିହ୍ନଟୀକରଣ ସଂଖ୍ୟା: ଇସି୨୪ବି୦୩୮ଓଆର୍୧୬୧୯୨୧ (EC24B038OR161921), ତା୦୯।୦୨।୨୦୨୪ରିଖ ଅଧୀନରେ ପରିବେଶ ମଞ୍ଜୁରୀର ନକଲ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍ଇଆଇଏଏ), ଓଡ଼ିଶା ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍ପିସିବି)ରେ ଉପଲବ୍ଧ ଏବଂ ତାହାକୁ ପ୍ରାଧିକରଣ/ବୋର୍ଡର ୱେବସାଇଟ୍‌ରେ ମଧ୍ୟ ଦେଖାଯାଇପାରିବ ।

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍ଇଆଇଏଏ) ଇଆଇଏ ନୋଟିଫିକେଶନ୍, ୨୦୦୬ ଅନୁସାରେ ଉପରୋକ୍ତ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି ।

**ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍**
**କଳିଙ୍ଗ କେଶରୀ ରଥ (ପରିଚାଳନା ନିର୍ଦ୍ଦେଶକ)**
**ପ୍ରାଧିକୃତ ସ୍ୱାକ୍ଷରକର୍ତ୍ତା**

**OFFICE OF THE CDM & PHO-CUM-DMD, KHORDHA**
DISTRICT PROGRAMME MANAGEMENT UNIT
**NATIONAL HEALTH MISSION**
**Advt. No.20336** **dated 22/12/25**

**CORRIGENDUM NOTICE**

**No.E-622** : In pursuance to the Advertisement No. 19151 dt- 02-12-2025 published in the daily Odia Newspaper "Samaj" and "Dharitri" on dt 03-12-2025 for **"Supply of Food Catering Services under NHM, Khordha"** that the last date of Submission of Tender are hereby extended up to 30-12-2025 by 12.30 PM. The tender will be opened on 30-12-2025 3.30 PM in the Office of the undersigned. The term and Conditions are remain unchanged and same vide above mentioned advertisement.

**Sd./- CDM & PHO-cum-DMD, Khordha**
**OIPR-10029/11/0018/2526**

**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**

**लापता: आवश्यक सूचना**



गुमशुदा मो0 इरसाद हुसैन उम्र-करीब 26 वर्ष।

उपरोक्त प्रसंग एवं विषय के संबंध में सूचित करना है कि आवेदक अफजल मलिक के द्वारा अपने भाई अफजल मलिक उम्र-करीब 26 वर्ष की गुमशुदगी के संबंध में साकची थाना में लिखित आवेदन दिये हैं। आवेदन में इनके द्वारा बताया गया कि गुमशुदा मो0 इरसाद हुसैन उम्र-करीब 26 वर्ष, पिता-मो0 अहतेशाम मलिक, पता-ओल्ड पुरुलिया रोड मानगो, थाना-मानगो, जिला-पूर्वी सिंहभूम, जमशेदपुर जो दिनांक12.10.25 को अपने लॉज, आमबगान मस्जिद से अनयंत्र कहीं और जाने के लिए निकला था और आजतक वापस नहीं लौटा है। परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। गुमशुदा महिला का हुलिया निम्न प्रकार है :-रंग-गोरा, कद-05 फीट 10 इंच, बाल-काला, दाढ़ी बड़ा हुआ एवं मानसिक रुप से कमजोर।

अतः अनुरोध है कि गुमशुदा मो0 इरसाद हुसैन उम्र-करीब 26 वर्ष को खोजबीन/पता कराने हेतु कम से कम तीन राष्ट्रीय स्तर के समाचार पत्रों एवं तीन राज्य स्तर के समाचार पत्रों में प्रकाशित कराये जाने का कष्ट किया जाय।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657-2431006
पुलिस अधीक्षक नगर, पूर्वी सिंहभूम, जमशेदपुर : 9471190203
पुलिस उपाधीक्षक, नगर : 9431706483
थाना प्रभारी, साकची : 9431706591

वरीय पुलिस अधीक्षक, पूर्वी सिंहभूम, जमशेदपुर
PR 369250 Police (25-26)_D

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108

**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**

**लापताः आवश्यक सूचना**



गुमशुदा महिला भानुमति भकत, उम्र-करीब 46 वर्ष।

उपरोक्त प्रसंग एवं विषय के संबंध में सूचित करना है कि आवेदक हराधन भकत के द्वारा अपनी माँ **भानुमति भकत, उम्र-करीब 46 वर्ष** की गुमशुदगी के संबंध में जादुगोड़ा थाना में लिखित आवेदन दिया गया है। आवेदन में इनके द्वारा बताया गया है कि **गुमशुदा भानुमति भकत, उम्र-करीब 46 वर्ष, पति-स्व0 भुपेन भकत, पता-ग्राम-भुटकाड (कालापाथर), थाना-जादुगोड़ा, जिला-पूर्वी सिंहभूम, जमशेदपुर** जो दिनांक-06.11.2025 को अपने घर से बिना बताये निकली है अभी तक वापस नहीं लौटी है। आवेदक एवं इनके परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। **गुमशुदा महिला का हुलिया निम्न प्रकार है :-उम्र-46 वर्ष, रंग-साँवला, कद-05 फीट 01 इंच, भाषा-हिन्दी एवं बंगला।**

अतः अनुरोध है कि **गुमशुदा महिला भानुमति भकत, उम्र-करीब 46 वर्ष को खोजबीन/ पता** कराने हेतु कम से कम तीन राष्ट्रीय स्तर के समाचार पत्रों एवं तीन राज्य स्तर के समाचार पत्रों में प्रकाशित कराये जाने का कष्ट किया जाय।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657-2431006
पुलिस अधीक्षक ग्रामीण, पूर्वी सिंहभूम, जमशेदपुर : 9470199228
पुलिस उपाधीक्षक, मुसाबनी : 9431706492
थाना प्रभारी, जादुगोड़ा : 9431706523

वरीय पुलिस अधीक्षक, पूर्वी सिंहभूम, जमशेदपुर
PR 369252 Police(25-26)#D

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108

**OFFICE OF THE EXECUTIVE ENGINEER. MINOR IRRIGATION DIVISION, JAMTARA**

**e-Procurement Tender Notice**
**Two Envelope System**

**Tender Reference No:- WRD/MID/JAMTARA/B.D./S.L.I.-01/2025-26**
**Letter No:-______/M.I.D.JAMTARA Date:-______/**

| | | |
|---|---|---|
| 1 | Name of Work: | Construction of Chief Minister Solar Based Lift Irrigation Scheme at Rajaya under Block - Jamtara, District- Jamtara |
| 2 | Estimated Cost (in Rs.) | Rs. 1,18,75,985.74 |
| 3 | Cost of tender document (in Rs) | Rs. 10,000.00 only (non-refundable). |
| 4 | Earnest Money Deposit (in Rs.) | Rs. 1,19,000.00 |
| 5 | Time of Completion | 11 Months |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publication of Tender on website (http://jharkhandtenders.gov.in) | Date: 30.12.2025 Time: 11:00 AM |
| 8 | Last Date/Time for downloading of bidding documents and Submission of Tender on Website | Date: 15.01.2026 Time: 05:00 PM |
| 9 | Submission of Tender Fee and EMD | Start Date:- 30.12.2025 Time: 11:00 AM Last Date:- 15.01.2026 Time: 05:00 PM |
| 10 | Technical Bid Opening Date | Date: 17.01.2026 Time: 05:00 PM |
| 11 | Officer Inviting Bids | Executive Engineer, Minor Irrigation Division, Jamtara |
| 12 | Contact No. of Procurement Officer email of Procurement Officer | Mob- 8405978740 Email Id-eemijamtara95@gmail.com |
| 13 | Help line No. of Procurement Cell | Mob - 6204257133 |

- Note:- Estimated cost may increase or decrease.
- Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
- **Only e-Tender will be accepted.**
- Further details can be seen on website http://jharkhandtenders.gov.in

**Executive Engineer, Minor Irrigation Division, Jamtara**
**PR 369209 Minor Irrigation(25-26)#D**

Your classified advertisement published in Dharitri will be listed free in Dharitri online edition :
**www.dharitri.com**

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**Admission Open! Admission Open!!**
From Play Group to Class-8
**St.Xaviers Public School**
Mundeilo, Parjang, Dkl.
Urgent requirement for CBSE Pattern
**Principal-01.**
Med BEd (2-5 yr. Experience)
**Teacher-04.** (Bsc Bed./Msc/Bsc)
**Contact : 8260211012/7477211012**

**LEPRA SOCIETY requires**
Male ORW for Target Intervention (IDU) project, Bhubaneswar. Qualification & Experience:- 8th standard or above having 2yrs of experience in social sector.
**Salary :- Rs.10, 500/-(PM)**
Apply to hrd@leprahealthinaction.in by 31st December 2025. For apply detail visit www.leprasociety.in (Careers column)

**ଶେଫ୍/ହେଲ୍ପର ଆବଶ୍ୟକ**
ଇଣ୍ଡିଆନ୍। ଚାଇନିଜ୍। ତନ୍ଦୁର। କଣ୍ଟିନେଣ୍ଟାଲ୍
ଦରମା : 12,000 ରୁ 15,000 + ଇନ୍‌ସେଣ୍ଟିଭ୍
**ରାନ୍ଧୁଣୀ/ହେଲ୍ପର ଆବଶ୍ୟକ**
ରୋଟି। ପରଠା। ରୋଲ୍ସ। ରାଉଣ୍ଡ ମିଲ୍
ଦରମା : 7,000 ରୁ 10,000 + ଇନ୍‌ସେଣ୍ଟିଭ୍
**ସ୍ଥାନ : ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**
**ଯୋଗାଯୋଗ : 8144327308/9861244466**

**ବଗିଚା କାମ ପାଇଁ ମାଳୀ ଆବଶ୍ୟକ।**
ରହିବାକୁ ଘର ଫ୍ରୀ, ଦରମା 12500/-
**Lady Office Asst.**
ରହିବା ଖାଇବା ଫ୍ରୀ। ଦରମା 10000 pm
**At - Phulanakhara, Cuttack**
**Mob : 7809525452**

**अखिल भारतीय आयुर्विज्ञान संस्थान (एम्स), भुवनेश्वर**
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory body under aegis of Ministry of Health and Family Welfare, Govt. of India)
Sijua, Post-Dumuduma, Bhubaneswar (Odisha) -751019

**File No.: RECT-11012/3/2025-RECU SEC/20638** **Date: 22.12.2025**

**NOTIFICATION**

**RECRUITMENT OF ASSISTANT PROFESSOR (GROUP 'A') POSTS FOR VARIOUS DEPARTMENTS OF AIIMS BHUBANESWAR ON DIRECT RECRUITMENT BASIS-2025.**

**All India Institute of Medical Sciences (AIIMS), Bhubaneswar,** an Autonomous Institute of National Importance, is one of the new AIIMS and apex healthcare Institute being established by the Ministry of Health & Family Welfare, Government of India under the **Pradhan Mantri Swasthya Suraksha Yojana (PMSSY)** with the aim to address regional disparities in quality tertiary healthcare across the country while promoting self-sufficiency in undergraduate, postgraduate, and higher medical education, research and training.

Online applications are invited from eligible Indian citizens and other candidates as permitted under applicable laws for the post of **Assistant Professor** in various departments of the **AIIMS Satellite Centre, Balasore,** on a **Direct Recruitment Basis.** The link for submission of online applications, along with detailed information regarding the advertised posts, shall be activated from the date of publication of this advertisement in the **Employment News/Rozgar Samachar.** All relevant details, including the cut-off dates and other important instructions pertaining to this recruitment, will be provided exclusively on the official website of AIIMS Bhubaneswar.


| Name of the Department | Assistant Professor | | | | |
|---|---|---|---|---|---|
| | UR | OBC | SC | ST | EWS |
| Anaesthesiology | -- | -- | -- | -- | 01 |
| Biochemistry | 01 | -- | -- | -- | -- |
| Cardiology | -- | 01 | -- | -- | -- |
| Dentistry | -- | -- | 01 | -- | -- |
| Dermatology | 01 | -- | -- | -- | -- |
| ENT | 01 | -- | -- | -- | -- |
| General medicine | -- | 01 | -- | -- | -- |
| General surgery | 01 | -- | -- | -- | -- |
| Hospital Administration | -- | -- | 01 | -- | -- |
| Microbiology | -- | 01 | -- | -- | -- |
| Neurology | 01 | -- | -- | -- | -- |
| Neuro surgery | 01 | -- | -- | -- | -- |
| Obstetrics and Gynaecology | 01 | -- | -- | -- | -- |
| Ophthalmology | -- | 01 | -- | -- | -- |
| Orthopedics | 01 | -- | -- | -- | -- |
| Paediatrics | -- | -- | 01 | -- | -- |
| Pathology | -- | -- | -- | 01 | -- |
| Radio diagnosis | -- | 01 | -- | -- | -- |
| Grand Total | 08 | 05 | 03 | 01 | 01 |

**Abbreviation used:**
**EWS**- Economically Weaker Section, **OBC**-Other Backward Classes, **SC**- Schedule Caste, **ST**-Schedule Tribe, **UR**- Unreserved
For comprehensive details regarding educational qualifications, age requirements, and eligibility criteria, please refer to **Advertisement No. RECT-11012/3/2025-RECU SEC (I/20637/2025) Dated 22.12.2025,** available on the Institute's official website at **https://aiimsbhubaneswar.nic.in/recruitment-notice/**

Sd/-
(Prof. (Dr.) Ashutosh Biswas)
Executive Director
AIIMS, Bhubaneswar

## ପହଲଗାମ୍ ଆକ୍ରମଣର ପ୍ରତିଶୋଧ

# ଅପରେଶନ ସିନ୍ଦୂର





# ଯୁଦ୍ଧ ଓ ସଂଘର୍ଷ

ଆଧୁନିକ ବିଶ୍ୱ ଇତିହାସରେ ୨୦୨୫ ଥିଲା ସବୁଠୁ ସଂଘର୍ଷମୟ ବର୍ଷ। ବିଶ୍ୱର ବିଭିନ୍ନ ଭାଗରେ ଯୁଦ୍ଧ, ସଂଘର୍ଷ, ଗୃହଯୁଦ୍ଧ, ଭୂରାଜନୈତିକ ଉତ୍ତେଜନା, ସୀମା ବିବାଦ, ଆତଙ୍କବାଦୀ ଆକ୍ରମଣ ଆଦି ଦେଖିବାକୁ ମିଳିଥିଲା। [illegible]





## ଇସ୍ରାଏଲ୍-ହମାସ୍ ଯୁଦ୍ଧର ପରିସର ବୃଦ୍ଧି



[illegible]

## ବାଂଲାଦେଶରେ ଭାରତ ବିରୋଧୀ ହିଂସା



[illegible]

## ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଅମୀମାଂସିତ

[illegible]





## ଜାଫର ଏକ୍ସପ୍ରେସ୍ ହାଇଜାକ୍ କଲେ ବଲୁଚ୍ ବିଦ୍ରୋହୀ



[illegible]

## ଆମେରିକାର ମିଶନ୍ ମିଡ୍‌ନାଇଟ୍ ହାମର



[illegible]

## ଟ୍ରମ୍ପଙ୍କ ଯୁଦ୍ଧ ବିରତି ଉଦ୍ୟମ




[illegible]

### ଯୁଦ୍ଧରେ ବିଜୟ ଘୋଷଣା କଲେ ଖାମେନେଇ

## ୧୨ ଦିନିଆ ଯୁଦ୍ଧ

### ଇସ୍ରାଏଲ-ଇରାନ୍ ଘମାଘୋଟ ଲଢ଼େଇ



[illegible]

## ପାକ୍-ଆଫଗାନ ସୀମା ସଂଘର୍ଷ



[illegible]

## ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଛତ୍ରପୁର,(ଦିଲୀପ ସାମଲ): ଛତ୍ରପୁର କଲେଜ ଛକ ନିକଟ ଜାତୀୟ ରାଜପଥରେ କୌଣସି ଏକ ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ବଧୂ ନୂଆପଲ୍ଲୀ ଗ୍ରାମର ରଘୁ ସ୍ୱାଇଁ। ସେହି ଗ୍ରାମର ଜିତେନ୍ଦ୍ର ବିଶ୍ୱାଳ ଆହତ ହୋଇଛନ୍ତି। ରଘୁ ଓ ଜିତେନ୍ଦ୍ର ଗୋଟିଏ ବାଇକ୍‌ରେ ବ୍ରହ୍ମପୁରରୁ ନିଜ ଗ୍ରାମ ଅଭିମୁଖେ ଯାଉଥିବା ବେଳେ ଛତ୍ରପୁର କଲେଜ ଛକଠାରେ କୌଣସି ଏକ ଗାଡି ଧକ୍କା ଦେବାରୁ ଉଭୟେ ରାସ୍ତାରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ରଘୁଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଛତ୍ରପୁର ଏସଡ଼ିପିଓ ଚନ୍ଦନ ଘଡେଇ ଓ ଥାନାଧିକାରୀ ସବ୍ୟସାଚୀ ମଲ୍ଲ ଏବଂ ପୋଲିସ କର୍ମଚାରୀ ମାନେ ପହଞ୍ଚିଥିଲେ।

**ସଂକ୍ଷେପରେ**

### ବିରଞ୍ଚି ନାରାୟଣ ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡ଼ା

ବୁଗୁଡ଼ା,୨୩।୧୨(କାଳିଚରଣ ଦାଶ)

ସ୍ଥାନୀୟ ବିରଞ୍ଚି ନାରାୟଣ ପବ୍ଲିକ୍ ସ୍କୁଲର ୧୧ତମ ବାର୍ଷିକ କ୍ରୀଡା ଉଦ୍‌ଘାଟିତ ହୋଇଛି। ଏହି ଦ୍ୱିଦିବସୀୟ ବାର୍ଷିକ କ୍ରୀଡାର ଉଦ୍‌ଘାଟନୀ ଉତ୍ସବରେ ସ୍କୁଲ ଅଧକ୍ଷ ବାଲଗୋପାଳ ଶତପଥୀ ଅଧକ୍ଷତା କରିଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍କୁଲ ଟ୍ରଷ୍ଟି ଏ.ଜାନକୀ ରାଣୀ ପାତ୍ର ଓ ସମ୍ମାନିତ ଅତିଥି ଭାବେ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ କ୍ରୀଡା ଶିକ୍ଷକ ବି.ଗୋପାଳ ପାତ୍ର ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିବା ସହ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଶ୍ରୀବିରଞ୍ଚି ନାରାୟଣ ମନ୍ଦିରରୁ କ୍ରୀଡା ଜ୍ୟୋତି ଆସି ପହଞ୍ଚିବା ପରେ ସ୍କୁଲର ଶୈକ୍ଷିକ ଉପଦେଷ୍ଟା ସୁରେଶ ଚନ୍ଦ୍ର ଦାଶଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ ସହ ପ୍ରତିଯୋଗିଙ୍କ ଶପଥ ପାଠ କରାଯାଇଥିଲା। ଏହି ଅବସରରେ ଦୌଡ, ଲଙ୍ଗଜମ୍ପ, ହାଇଜମ୍ପ , ସଟପୁଟ୍ ଥ୍ରୋ, ଡିସକ୍ସ ଥ୍ରୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗିଙ୍କୁ ଚୟନ କରାଯାଇଥିଲା। କ୍ରୀଡା ପ୍ରତିଯୋଗିତା ଗୁଡ଼ିକୁ ଶିକ୍ଷୟିତ୍ରୀ ସୁନିତା ରାଉତ, ରଞ୍ଜିତା ପ୍ରଧାନ, ରଶ୍ମିତା ଦାଶ, କୁସୁମବାଳା ତ୍ରିପାଠୀ, ଗୀତାଞ୍ଜଳି ଚୌଧୁରୀ, ସନ୍ତୋଷିନୀ ବେହେରା ଓ ଶିକ୍ଷକ ପ୍ରଭଞ୍ଜନ ଖଣ୍ଡୁଆଳ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ନନ୍ଦିନୀ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

### ଭାଜପାର ନୂତନ କର୍ମକର୍ତ୍ତା ଚୟନ

ଦାରିଙ୍ଗବାଡି, ୨୩।୧୨ (ଅରୁଣ ସାହୁ)

କନ୍ଧମାଳ ଜିଲାର ୧୨ ବ୍ଲକ୍‌ରେ ମୋଟ ୨୧ ଜଣ ଜିଲାସ୍ତରୀୟ କର୍ମକର୍ତ୍ତା ସଭାପତି ପଣ୍ଡିତ ବିଶି ମାଝୀଙ୍କ ନେତୃତ୍ୱରେ ଚୟନ କରାଯାଇଛି। ଏଥିରେ ଦାରିଙ୍ଗବାଡ଼ି ଏବଂ ରାଇକିଆ ବ୍ଲକ୍ ଅଞ୍ଚଳର ୩ ଜଣଙ୍କୁ ଗୁରୁ ଦାୟିତ୍ୱ ବଣ୍ଟନ କରାଯାଇଛି। ସେମାନଙ୍କ ମଧ୍ୟରେ ରାଇକିଆ ବ୍ଲକ୍ ସୁଗଡବାଡ଼ି ପଞ୍ଚାୟତରେ ରହୁଥିବା ସୁକାନ୍ତ କୁମାର ସାହୁ ଓରଫ ଟୁଟୁଙ୍କୁ ଜିଲା ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି। ଅନ୍ୟଙ୍କ ମଧ୍ୟରେ ଦଳର ଦାରିଙ୍ଗବାଡି ବ୍ଲକ୍‌ର ବରିଷ୍ଠ ନେତା ଅଜିତ୍ ସାହୁଙ୍କୁ ଜିଲା ଉପସଭାପତି ଏବଂ ସନ୍ତୋଷ ସାହୁଙ୍କୁ ଜିଲା ସମ୍ପାଦକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ଦାରିଙ୍ଗବାଡି ଭାଜପାମଣ୍ଡଳ ସଭାପତିଙ୍କ ସମେତ ଅନ୍ୟମାନେ ନୂତନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ସ୍ୱଦେଶୀ ସଂକଳ୍ପ କାର୍ଯ୍ୟକ୍ରମ

ଆସିକା,୨୩।୧୨(ସୁରେନ୍ଦ୍ର ନାଥ ସାହୁ):

ଆସିକା ବିଜ୍ଞାନ କଲେଜରେ ସୋମବାର ଆତ୍ମ ନିର୍ଭର ଭାରତ ଓ ସ୍ୱଦେଶୀ ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ବିଭୂତି ଭୂଷଣ ବେବର୍ତ୍ତା, ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ଅଜିତ କୁମାର ମୁନି, ଅଧ୍ୟାପକ ସରୋଜ କୁମାର ପଣ୍ଡା, ରାଜେଶ କୁମାର ସାହୁ, ସାହାଲ କୁମାର ସ୍ୱାମୀ, ଦୟାନିଧି ବଡରଇତ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଦୈନନ୍ଦିନ ଜୀବନରେ ବିଦେଶୀ ବସ୍ତୁକୁ ବର୍ଜନ କରି ସ୍ୱଦେଶୀ ସାମଗ୍ରିକ ବ୍ୟବହାର ଉପରେ ସଂକଳ୍ପବଦ୍ଧ ହେବା ଲାଗି ଆହ୍ୱାନ ଦିଆଯାଇଥିଲା । ଯୁବ ପିଢିଙ୍କ ମଧ୍ୟରେ ସ୍ୱଦେଶ ପ୍ରୀତି ଓ ସ୍ୱଦେଶ ବସ୍ତୁର ଆଗ୍ରହକୁ ଉଦ୍‌ଜୀବିତ କରିବା ପାଇଁ ସରକାରଙ୍କ ଦ୍ୱାରା ଅନୁମୋଦିତ ସ୍ୱଦେଶୀ ସଂକଳ୍ପ ପତ୍ରକୁ ଅଧ୍ୟାପକ ଓ ଛାତ୍ରୀଛାତ୍ର ସମସ୍ତେ ପଠନ କରିଥିଲେ। ଦେଶର ସାମାଜିକ, ଆର୍ଥିକ ଓ ସାମରିକ ସ୍ଥିତିକୁ ସୁଦୃଢ କରିବା ଲାଗି ଏବଂ ମେକ ଇନ ଇଣ୍ଡିଆ ଯୋଜନାର ସଫଳ ରୂପାୟନ ନିମନ୍ତେ ସମସ୍ତେ ଯତ୍ନବାନ ହେବା ଲାଗି ଆହ୍ୱାନ ଦିଆଯାଇଥିଲା।

### ବଟି ମାଗିବା ଅଭିଯୋଗ, ୪ ଗିରଫ

ଛତ୍ରପୁର,୨୩।୧୨(ଦିଲୀପ ସାମଲ):

ବଟି ମାଗିବା ଅଭିଯୋଗରେ ଛତ୍ରପୁର ପୋଲିସ ୪ଜଣଙ୍କୁ ଗିରଫ କରି ସେମାନଙ୍କ ଠାରୁ ଖଣ୍ଡା ଜବତ କରିଛି। ସେମାନେ ହେଲେ ସୁନ୍ଦରପୁର ଗ୍ରାମର ପ୍ରତାପ ନାହାକ(୩୨), ବଳରାମପୁରର କେ.ଲବ ପାତ୍ର(୪୫), ବିଜୁ ଦାସ(୪୨) ଓ ଗଣେଷ ବେହେରା(୨୫)। ଏହି ଘଟଣାରେ ଅନ୍ୟ ୨ ଜଣ ଫେରାର ରହିଥିବା ବେଳେ ଖୁବଶୀଘ୍ର ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି। ସୋମବାର ରାତିରେ ସୁନ୍ଦରପୁର ଅଞ୍ଚଳର କାଜୁ ବ୍ୟବସାୟୀ ପଦ୍ମଲୋଚନ ପଣ୍ଡାଙ୍କୁ ଅଭିଯୁକ୍ତ ମାନେ ଅଟକାଇ ଖଣ୍ଡା ଦେଖାଇ ବଟି ମାଗିଥିଲେ । ଏନେଇ ପଦ୍ମଲୋଚନ ଥାନାରେ ଏତଲା ଦେଇଥିଲେ। ପୋଲିସ ୭୮୧/୨୫ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିଛି ।

# ହୋଇପାରିଲାନି ବାରାଣସୀ ମହୋତ୍ସବ ଆଲୋଚନା

କାଶୀନଗର, ୨୩।୧୨ (ପି.ମୁରଲୀ)

ଚଳିତ ବର୍ଷର ବାରାଣସୀ ମହୋତ୍ସବକୁ ସଫଳତାର ସହ ପାଳନ କରିବା ପାଇଁ ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାବନା ଗୃହରେ ମଙ୍ଗଳବାର ଏକ ବୈଠକ ଆୟୋଜନ କରାଯାଇଥିଲା। ତେବେ ଗତ ବାରାଣସୀ ଉତ୍ସବର ଆୟ ବ୍ୟୟ ହିସାବ ଏ ଯାଏ ଦିଆଯାଇ ନ ଥିବାକୁ କେନ୍ଦ୍ର କରି ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଚଳିତ ବର୍ଷର ବାରାଣସୀ ମହୋତ୍ସବ କରାଯିବ କି ନାହିଁ ସେ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ହୋଇ ପାରି ନ ଥିବା ବେଳେ ପରବର୍ତ୍ତୀ ବୈଠକ ଆସନ୍ତା ୩୦ ତାରିଖରେ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ମଙ୍ଗଳବାର ସମିତି ଅଧ୍ୟକ୍ଷା ବି .ସାୟାମ୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମ୍ବରୁଧର ମଲ୍ଲିକ, ସହକାରୀ ନିର୍ବାହୀ




ଯନ୍ତ୍ରୀ ରଜତ ପାଢ଼ୀ ମଞ୍ଚାସୀନ ଥିବା ବେଳେ ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧି, ବିଭାଗୀୟ ଅଧିକାରୀ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଦ୍ଦେଶ୍ୟ ଜ୍ଞାପନ କରିବା ପରେ ଶିଆଳି ସରପଞ୍ଚ ରାମ ପ୍ରସାଦ ପଟ୍ଟନାୟକ ଏଯାଏଁ ଧାନମଣ୍ଡି ଖୋଲା ନ ଯିବା, ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ ନହେବା ଆଦି ଇତ୍ୟାଦି ଅଭିଯୋଗ ଆଣି ଜନସାଧାରଣ ସମସ୍ୟାର କାଦୁଅରେ ବୁଡି ରହିଥିବା ବେଳେ ଉତ୍ସବ ପାଳନର କିଛି ଯଥାର୍ଥତା ନାହିଁ ବୋଲି କହିଥିଲେ। ଏହାସହ ତାଙ୍କ ପଞ୍ଚାୟତ ଦେଇ ଯାଇଥିବା ୧୧ କେ.ଭି. ଲାଇନର ତାର ଚିତ୍ର ସମ୍ବଳିତ ଏକ ବ୍ୟାନର ଦେଖାଇ ଅଘଟଣ ଘଟିଲେ ଦାୟୀ କିଏ ବୋଲି ପ୍ରଶ୍ନ ଉଠାଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଭିଯୋଗ ପ୍ରଶ୍ନର ଉତ୍ତର ଦେବା ବେଳେ ହୋହଲ୍ଲା ହୋଇଥିଲା। ଉପସ୍ଥିତ ବୁଦ୍ଧିଜୀବୀ ଗଜପତି ସଂସ୍କୃତି ପରିଷଦ ଅଗଣତାନ୍ତ୍ରିକ ଭାବେ ଗଠିତ ହୋଇଛି ବୋଲି ମତ ଦେବା ସହ ଜିଲାର ସବୁ ବ୍ଲକ୍, କାଶୀନଗରର ଏନ୍ଏସିର ପ୍ରତିନିଧିଙ୍କୁ ପରିଷଦରେ ସାମିଲ କରିବାକୁ ଦାବି ଜଣାଇଥିଲେ। ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ରାଜ୍ୟ ସଭାପତି ତଥା କାଶୀନଗର ନାଗରିକ ମହାସଭା ସଭାପତି କବି ପ୍ରଶାନ୍ତ ମିଶ୍ର, ଏନ୍ଏସି ଉପାଧ୍ୟକ୍ଷ ରଘୁରାମ ସାହୁ, ଭାଜପା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନଳିନୀକାନ୍ତ ପାତ୍ର, କାଶୀନଗର ପ୍ରେସ୍ କ୍ଲବ ସଭାପତି ରାଜେଶ ମିସାଲ ପ୍ରଭୃତିଙ୍କ ଦ୍ୱାରା ସ୍ୱାକ୍ଷରିତ ଓ ଗଜପତି ଜିଲା ପରିଷଦ ଅଧ୍ୟକ୍ଷଙ୍କୁ ପ୍ରଦତ୍ତ ଏ ସମ୍ପର୍କିତ ପତ୍ରର ନକଲ ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦିଆଯାଇ ଆଲୋଚନା ହୋଇଥିଲା। ଗଜପତି ଉତ୍ସବ ଅବସରରେ ପଲୀଶ୍ରୀ ମେଳା ସକାଶେ ଆସୁଥିବା ସରକାରୀ ଅନୁଦାନର ଅଂଶ ବ୍ଲକ୍ ଓ ଏନ୍ଏସିକୁ କାହିଁକି ଦିଆ ଯାଉନାହିଁ ବୋଲି କେତେ ଜଣ ଲୋକପ୍ରତିନିଧି ପ୍ରଶ୍ନ କରିଥିଲେ।

# ଦାରିଙ୍ଗବାଡ଼ି ଶୀତ ମହୋତ୍ସବକୁ ଆସିବେ ମୁଖ୍ୟମନ୍ତ୍ରୀ

## ପୂର୍ବରୁ ବାଚସ୍ପତି, ପରିବହନ ମନ୍ତ୍ରୀ ଯୋଗଦେବାକୁ ପ୍ରତିଶ୍ରୁତି ଦେଇଥିଲେ



ଦାରିଙ୍ଗବାଡି, ୨୩।୧୨ (ଅରୁଣ ସାହୁ)

ଓଡ଼ିଶାର କାଶ୍ମୀର ଦାରିଙ୍ଗବାଡ଼ିରେ ଶୀତ ମହୋତ୍ସବ ପାଳନ ପାଇଁ ଦିନ ଯେତେକି ନିକଟତର ହେଉଛି ସେତିକି ଉତ୍ସାହ ଦେଖାଯାଉଛି। ଆସନ୍ତା ୮ରୁ ୧୧ ପର୍ଯ୍ୟନ୍ତ ୪ ଦିନ ଧରି ଏହି ମହୋତ୍ସବ ପାଳନ କରାଯିବ। ଏଥିରେ ରାଜ୍ୟର ମୁଖିଆମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ମଧ୍ୟ ଉଦ୍‌ଯାପନୀ ଉତ୍ସବରେ ଯୋଗଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମଙ୍ଗଳବାର କମିଟି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଥିବାବେଳେ ସେ ଦାରିଙ୍ଗବାଡ଼ି ଆସି ଏହି ମହୋତ୍ସବରେ ଯୋଗଦେବାକୁ ସହମତି ପ୍ରକାଶ କରିଛନ୍ତି। ଶୀତ ମହୋତ୍ସବ ପାଳନ କମିଟିରେ କର୍ମକର୍ତ୍ତା ତଥା ବ୍ଲକ୍ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ କମିଟିର ସମ୍ପାଦକ ତଥା ବିଡ଼ିଓ ପ୍ରୀତିରଞ୍ଜନ ରଥ, ଭାଜପାମଣ୍ଡଳ ସଭାପତି ମିଟୁ ସାହୁ, ଜିଲା ସମ୍ପାଦକ ସନ୍ତୋଷ ସାହୁ ପ୍ରମୁଖ ଭୁବନେଶ୍ୱରରେ ପହଞ୍ଚି ସେଠାରୁ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ମହୋତ୍ସବରେ ଅତିଥି ଭାବେ ଯୋଗଦେବାକୁ ନିମନ୍ତ୍ରଣ କରିଥିଲେ। ତେବେ ସେ ଏହି ୪ ମଧ୍ୟରେ ଯେକୌଣସି ଦିନ ଯୋଗ ଦେଇପାରନ୍ତି ବୋଲି କହିଛନ୍ତି।

# ବଡ଼ଦିନ ପାଇଁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଖଜୁରିପଡ଼ା,୨୩।୧୨(ବିଦୁର ବେହେରା)

ବଡ଼ଦିନ ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଜିଲାର ସମସ୍ତ ଥାନା ଅଞ୍ଚଳରେ ପୋଲିସ୍ ସଜାଗ ରହିଛି। ଏହି କ୍ରମରେ ଖଜୁରିପଡ଼ା ପୋଲିସ ପକ୍ଷରୁ ସହରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଥାନା ଅଧିକାରୀ ଚାପ ଧାରୀ ପ୍ରଧାନଙ୍କ ନେତୃତ୍ୱରେ ଥାନା ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡି କରାଯାଇଛି। ମଙ୍ଗଳବାର ଦିନ ତମାମ ଥାନାର ସମସ୍ତ ପୋଲିସ କର୍ମଚାରୀଙ୍କ ଦ୍ୱାରା ଥାନା ଅଞ୍ଚଳର ବହୁ ସମ୍ବେଦନଶୀଳ ଏବଂ ଗୁରୁତ୍ୱପୂର୍ଣ୍ଣ ଗ୍ରାମରେ ଫ୍ଲାଗ ମାର୍ଚ୍ଚ କରାଯାଇଛି।

**ବାଲିଗୁଡ଼ା (ସଞ୍ଜୟ କୁମାର ପାଣିଗ୍ରାହୀ):** ବାଲିଗୁଡ଼ା ଟାଉନ ସମେତ ଏହାର ଆଖପାଖ ଅଞ୍ଚଳରେ ବଡ଼ଦିନ ଓ ନୂଆବର୍ଷ ଶାନ୍ତି ଶୃଙ୍ଖଳାର ସହ ପାଳନ ପାଇଁ ଥାନାଧିକାରୀ ସମ୍ବିତ ସ୍ୱାଇଁଙ୍କ ନେତୃତ୍ୱରେ ପ୍ରଶାସନ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଏଥିସହ ପାଟ୍ରୋଲିଂ ବ୍ୟବସ୍ଥା ସମେତ ସେହି ସେକ୍ଟରର ସମସ୍ତ ସମସ୍ୟା ଉପରେ କଡା ନଜର ରଖିବା ପାଇଁ ଏସଡିପିଓ ଉପଖଣ୍ଡ ସ୍ତରୀୟ ସମସ୍ତ ଅଧିକାରୀ ମାନଙ୍କୁ କୁହାଯାଇଛି। ଆବଶ୍ୟକ ସ୍ଥଳେ କେତେକ ସ୍ଥାନରେ ନାକା କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ଏସଡିପିଓ କହିଛନ୍ତି।



ଖଜୁରିପଡ଼ା ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ ପ୍ରଦର୍ଶନ କରାଯାଉଛି।

**ରାଇକିଆ, (ପ୍ରଦୀପ ବେହେରା):** ବଡ଼ଦିନ ପାଇଁ ରାଇକିଆ ପୋଲିସ ତରଫରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ରାଇକିଆ ଥାନା ପରିସରରୁ ଫ୍ଲାଗମାର୍ଚ୍ଚରେ ପୋଲିସ ଏବଂ ସୁରକ୍ଷା କର୍ମୀମାନେ ବାହାରି ଦେରେଡାକିଆ ଛକ, ଟୁନପଲୀ ଛକ ଦେଇ ସହର ପରିକ୍ରମା କରିଥିଲେ। ଏହି ସମୟରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବା ସହିତ ବିଭିନ୍ନ ଚର୍ଚ୍ଚରେ ସୁରକ୍ଷା କର୍ମୀ ମୁତୟନ ଏବଂ ବିଭିନ୍ନ ଯାନ ବାହନ ମଧ୍ୟ ଯାଞ୍ଚ କରାଯିବ।ବଡ଼ଦିନ ଓ ନବ ବର୍ଷକୁ ଦୃଷ୍ଟିରେ ରଖି ପୂର୍ବରୁ ବ୍ଲକ ପରିସରରେ ବିଭିନ୍ନ ସମ୍ପ୍ରଦାୟର ବୁଦ୍ଧିଜୀବୀଙ୍କୁ ନେଇ ସମନ୍ୱୟ ଓ ଶାନ୍ତି ବୈଠକ ଆୟୋଜନ ହୋଇଥିବା ବେଳେ ରାଇକିଆ ପୋଲିସ ସଦାସର୍ବଦା ଜନସାଧାରଣଙ୍କ ସାଥିରେ ଥିବା ଥାନା ଆଇଆଇସି ଆଶୁତୋଷ ପାଇକରାୟ କହିଛନ୍ତି।

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କ.ନୂଆଗାଁ,୨୩।୧୨(କାଳୀ ପ୍ରସାଦ ତ୍ରିପାଠୀ):

କ.ନୂଆଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶୁଭାଞ୍ଜଳି ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ବ୍ଲକ ଅଧୀନ ୧୪ଟି ପଞ୍ଚାୟତରୁ ୨୩୯ ଜଣ ଆସିଥିଲେ। ପରୀକ୍ଷା ନିରୀକ୍ଷା ପରେ ସେଥିମଧ୍ୟରୁ ୧୭୩ ଜଣ ଭିନ୍ନକ୍ଷମ ଜଣାପଡିଥିବା ବେଳେ ୬୬ ଜଣଙ୍କ ଆବେଦନ ନାକଚ ହୋଇଯାଇଛି । ଶିବିରରେ ଉପସ୍ଥିତ ସମସ୍ତ ଭିନ୍ନକ୍ଷମମାନଙ୍କୁ ୬ ଜଣ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇ ପ୍ରମାଣ ପତ୍ର ଦିଆଯାଇଛି। ସାରଙ୍ଗଗଡର ସାଙ୍ଗରା ପ୍ରଧାନ ଓ ଶଙ୍କର ନାୟକଙ୍କୁ ହୁଇଲ ଚେୟାର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଜପା ଜିଲା ସଭାପତି ତଥା ଏମ୍‌ପି ପ୍ରତିନିଧି ପଣ୍ଡିତ କୁମାର ବିଶିମାଝୀ,ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁଲୋଚନା ଦଳବେହେରା, ଜିଲା ପରିଷଦ ସଭ୍ୟା ଅନିତା ମଲିକ, ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ତାମିଲନାଡୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

## ମୃତଦେହ ଆଣିବାକୁ ଜିଲାପାଳଙ୍କୁ ଗୁହାରି

ଦିଗପହଣ୍ଡି,୨୩।୧୨(ଅଶେଷ ନାଥ ମିଶ୍ର):

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଟି.ଗୋବିନ୍ଦପୁର ପଞ୍ଚାୟତ ନୂଆଗାଁର ଅରକ୍ଷିତ ନାୟକ(୧୯)ଙ୍କ ତାମିଲନାଡୁର ତ୍ରିପୁର କାଙ୍ଗିଆମଠାରେ ମୃତ୍ୟୁ ଘଟିଛି। ସେ ସେଠାକାର ଏକ ଅଏଲ କମ୍ପାନୀର ପାଚେରୀ ନିର୍ମାଣ କାମରେ ନିୟୋଜିତ ଥିଲେ। ସୋମବାର ସକାଳେ ଲୁହା ପାଇପ ଭାରା ଭାଙ୍ଗିଯିବା କାରଣରୁ ଅରକ୍ଷିତ ସେଠାରେ ଚାପିହୋଇ ଗୁରୁତର ହୋଇ ଯାଇଥିଲେ। ତାଙ୍କୁ ଅନ୍ୟ ଶ୍ରମିକମାନେ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଏହି ଖବର ପାଇବା ପରେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ମୃତଦେହ ଭିଟାମାଟିକୁ ଆଣିବା ପାଇଁ ଗ୍ରାମବାସୀ ଏବଂ ସରପଞ୍ଚ ପ୍ରତିନିଧି ମଙ୍ଗଳା ଗମାଙ୍ଗ ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତି ଭାସନଙ୍କ ନିକଟରେ ଗୁହାରି କରିଥିଲେ। ଜିଲାପାଳ ଏ ନେଇ ଶ୍ରମ ଅଧିକାରୀଙ୍କୁ ଅବଗତ କରାଇଥିଲେ। ସେଠାକାର ପୋଲିସ ପ୍ରଶାସନ ସହ ଯୋଗାଯୋଗ କରାଯାଇ ଅରକ୍ଷିତଙ୍କ ମୃତଦେହ ଗାଁକୁ ଆଣିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ମୃତକଙ୍କ ପରିବାରର ଆର୍ଥିକ ସ୍ଥିତିକୁ ଅନୁଧ୍ୟାନ କରାଯାଇ ଅନୁକମ୍ପା ମୂଳକ ସରକାରୀ ସହାୟତା ଦିଆଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ସରପଞ୍ଚ ପ୍ରତିନିଧି ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ ଏବଂ ବିଡ଼ିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ ଜଣାଇଥିବା କହିଛନ୍ତି। ସଚନାଯୋଗ୍ୟ, ଅରକ୍ଷିତଙ୍କ ବାପା ଅଲେଖ ନାୟକଙ୍କ କିଛିବର୍ଷ ହେଲା ମୃତ୍ୟୁ ହୋଇଛି। ଘରେ ମା ଏବଂ ୪ ଭଉଣୀ ଅଛନ୍ତି। ସେ ଗତ ପ୍ରାୟ ୩ ମାସ ପୂର୍ବେ ଦାଦନ ଖଟିବାକୁ ତାମିଲନାଡୁ ଯାଇଥିଲେ ବୋଲି ଗ୍ରାମର କେତେଜଣ କହିଛନ୍ତି।

# ପରିବା ବୋଝେଇ ମିନିଟ୍ରକ୍ ଦୁର୍ଘଟଣାଗ୍ରସ୍ତ, ଚାଳକ ମୃତ

ଦାରିଙ୍ଗବାଡ଼ି,୨୩।୧୨ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଦଣ୍ଡିମା ଗ୍ରାମ ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ହେଲ୍‌ପର ଆହତ ହୋଇଛନ୍ତି। ଚାଳକ ଜଣଙ୍କ ହେଲେ ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧିକାରୀଗୁଡ଼ା ଗ୍ରାମର ପ୍ରହ୍ଲାଦ ଗଣ୍ଡ (୨୭) ଏବଂ ହେଲ୍‌ପର ଉକ୍ତ ଥାନା ନେହୁରା ଗ୍ରାମର ଛଏନ୍ଦ୍ର ବତ୍ରା (୨୩) ।

ପ୍ରକାଶ ଯେ, ନବରଙ୍ଗପୁର ଜିଲା ଉମରକୋଟ ଅଞ୍ଚଳରୁ ଏକ ପରିବା ବୋଝେଇ ମିନିଟ୍ରକ (ଓଡି ୨୪ ଏମ ୫୮୬୫) ୫୯ ନଂ. ଜାତୀୟ ରାଜପଥର ବାଲିଗୁଡ଼ା, ଦାରିଙ୍ଗବାଡି, ଦେଇ ବ୍ରହ୍ମପୁର ଅଭିମୁଖେ ଯାଉଥିଲା ତେବେ ପ୍ରବଳ କୁହୁଡ଼ି ଯୋଗୁ ଦଣ୍ଡିମା ନିକଟରେ ଏକ ଗଛକୁ ଧକ୍କା ଦେଇଥିଲା। ଫଳରେ ଉକ୍ତ ମିନିଟ୍ରକ୍ ଭିତରେ ହିଁ ଚାଳକ ଚାପି ହୋଇ ରହିଯାଇଥିଲେ। ତେବେ କୌଶଳ କ୍ରମେ ମିନିଟ୍ରକ ଭିତରୁ ହେଲପର ବାହାରି ପାଖ ଗାଁ ଲୋକଙ୍କୁ ଜଣାଥିଲେ। ଗ୍ରାମବାସୀ



ଦୁର୍ଘଟଣାଗ୍ରସ୍ତ ଗାଡ଼ି।

ସେଠାରେ ପହଞ୍ଚି ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ ବି ସଫଳ ହୋଇ ନ ଥିଲେ। ଏନେଇ ଖବର ପାଇ ଦାରିଙ୍ଗବାଡ଼ି ପୋଲିସ ଏବଂ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର ପାଇଁ ପ୍ରୟାଶ କରିଥିଲେ। ଅବଶ୍ୟକୀୟ ଯନ୍ତ୍ରପାତି ନ ଥିବାରୁ ତାହା ସମ୍ଭବ ହୋଇପାରି ନ ଥିଲା। ପରେ ବାଲିଗୁଡା ଅଗ୍ନିଶମ ବିଭାଗ ଅଧିକାରୀ ସେଠାରେ ପ୍ରାୟ ୨ ଘଣ୍ଟା ପରିଶ୍ରମ କରି ସକାଳ ୬ଟା ବେଳେ ଉଦ୍ଧାର କାର୍ଯ୍ୟ ସାରିଥିଲେ। ସେତେବେଳକୁ ଚାଳକଙ୍କର ମୃତ୍ୟୁ ହୋଇସାରି ଥିଲା। ଦୁର୍ଘଟଣାଗ୍ରସ୍ତ ମିନିଟ୍ରକକୁ ଜବତ କରିବା ସହ ମୃତଦେହକୁ ଦାରିଙ୍ଗବାଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଥିବା ପୋଲିସ କହିଛି। ହେଲପର ଛଏନ୍ଦ୍ର ବତ୍ରାଙ୍କୁ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛି। ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଏନେଇ ହେଲପର ବତ୍ରା କହିଛନ୍ତି ଯେ, ପ୍ରବଳ କୁହୁଡି ହୋଇଥିଲା ମୁଁ ଚାଳକଙ୍କୁ ଗାଡ଼ି ଧୀରେ ଚଳାଇବାକୁ କହିଥିଲି। ଦୁର୍ଘଟଣା ଘଟିବା ପୂର୍ବରୁ ଶୋଇପଡ଼ିଥିଲି ବୋଲି ସେ କହିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଅଧିକା ତଦନ୍ତ ଚଳାଇଛି।

### ୨ ଗାଡ଼ିରୁ ଗଞ୍ଜେଇ ଜବତ, ୪ ଗିରଫ

ଧରାକୋଟ,୨୩।୧୨(ବିଷ୍ଣୁକେଶରୀ ଆଚାର୍ଯ୍ୟ):

ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ଆସିକା- ସୋରଡ଼ା ରାସ୍ତାର ଢ଼ଉଗାଁ ପେଟ୍ରୋଲ ପମ୍ପ ନିକଟରୁ ଗଞ୍ଜେଇ ଚଲାଣ କରୁଥିବା ୨ଟି ଗାଡି ଜବତ କରିବା ସହ ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କନ୍ଧମାଳ ଜିଲାର ଜିନୁଙ୍ଗା ମଲ୍ଲିକ, ରେଣୁକା ମଲ୍ଲିକ, କିରଣ ଦିଗଲ ଓ ଦିଲ୍ଲୀପ ଦିଗଲ। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ବିଶେଷ ସୂତ୍ରରୁ ଖବରପାଇ ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗର ଭାରପ୍ରାପ୍ତ ଅଧିକ୍ଷକ ଶ୍ରୁତିକାନ୍ତ ରାଉତ, ତଦନ୍ତକାରୀ ଅଧିକାରୀ ନାରାୟଣ ଜେନାଙ୍କ ନେତୃତ୍ୱରେ ଏକ ଟିମ ଢଉଗାଁ ନିକଟସ୍ଥ ପେଟ୍ରୋଲ ପମ୍ପଠାରେ କାର (ନଂ. ଓଡି ୦୨ ଜେ ୯୯୪୪) ଓ ବୋଲେରୋ (ନଂ. ଓଡି ୦୨ ଏୱାଇ ୭୨୫୪)କୁ ଯାଞ୍ଚ କରିଥିଲେ। ଗାଡି ଦୁଇଟିରୁ ୫୨ କେଜି ଗଂଜେଇ ମିଳିଥିଲା। ଗାଡି ବାଲିଗୁଡାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲା।

# ଜାତୀୟ ଗଣିତ ଦିବସ ପାଳିତ



ପାରଳାଖେମୁଣ୍ଡି,୨୩।୧୨(ଗିରିଧାରୀ ପରିଛା):ପାରଳାଖେମୁଣ୍ଡି ରାମାନୁଜନ ଗଣିତ କ୍ଲବ ତରଫରୁ ରାମାନୁଜନଙ୍କ ଜୟନ୍ତୀ ଅବସରରେ ଜାତୀୟ ଗଣିତ ଦିବସ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପାଳିତ ହୋଇଛି। ପ୍ରାକ୍ତନ ଶିକ୍ଷକ ମନୋଜ ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଏମ .ଗିରିଧର ମୁଖ୍ୟଅତିଥି ରୂପେ ଯୋଗଦେଇ ରାମାନୁଜନ କ୍ଲବର ସଦସ୍ୟମାନଙ୍କ ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଏସକେସିଜି ସ୍ୱୟଂ ଶାସିତ କଲେଜର ପ୍ରଫେସର ଡ.ମାନସୀ କୁମାରୀ ସାହୁକାର, ସମ୍ମାନିତ ଅତିଥି ଭାବେ ଶିକ୍ଷା ପ୍ରଶିକ୍ଷଣ ବିଦ୍ୟାଳୟର ଶିକ୍ଷିକା ପ୍ରଶିକ୍ଷିକା ଏ.ସନ୍ଧ୍ୟାରାଣୀ, ପ୍ରଧାନ ଗୁରୁଜୀ ସରୋଜ ପଣ୍ଡା ଯୋଗଦେଇଥିଲେ। ଗଣିତ ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ମହାରାଜାଙ୍କ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମୌସୁମୀ ପଲାଇ ପ୍ରଥମ, ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଅଦିତ୍ ପାଣିଗ୍ରାହୀ ଦ୍ୱିତୀୟ ଏବଂ ପ୍ରାଚୀ ପରିଡ଼ା ତୃତୀୟ ସ୍ଥାନ ହାସଲ କରିଥିଲେ। କନିଷ୍ଠ ବିଭାଗରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ତାପସ ବେହେରା ପ୍ରଥମ ,ତନିଷା ଦାସ ଦ୍ୱିତୀୟ ଓ ସେଞ୍ଚୁରିଆନ ବିଦ୍ୟାଳୟର ଛାତ୍ରୀ ସାଲିନୀ ପାଢ଼ୀ ତୃତୀୟ ହୋଇ ପୁରସ୍କାର ପାଇଛନ୍ତି।

# ରାଇକଲା ଜଙ୍ଗଲରେ ୧୩ ଟିକିଆ ହାତୀପଲ



ଜି.ଉଦୟଗିରି,୨୩।୧୨(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ରେଞ୍ଜ ଲିଙ୍ଗାଗଡ଼ ବନାଞ୍ଚଳ ଅନ୍ତର୍ଗତ ରାଇକଲା ଜଙ୍ଗଲକୁ ୧୩ ଟିକିଆ ହାତୀପଲ ମଙ୍ଗଳବାର ସକାଳୁ ଆସିଥିବା ଦେଖିବାକୁ ମିଳିଛି। ଜଙ୍ଗଲର ଅତି ନିକଟରେ ଘର କରି ରହୁଥିବା ପରିବାର ଭୟବିତ ଅବସ୍ଥାରେ ରହିଛନ୍ତି। ସକାଳୁ ଗ୍ରାମବାସୀ ହାତୀପଲ ଦେଖି ଭୟବିତ ହୋଇ ବନବିଭାଗକୁ ସୂଚନା ଦେଇଥିଲେ। ସ୍ଥାନୀୟ ବନଖଣ୍ଡ ଅଧିକାରୀ ମାଣିକେଶରୀ ପଟ୍ଟନାୟକ, ମନୋଜ କୁମାର ମହାପାତ୍ର ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ବିଭାଗ ତରଫରୁ ହାତୀପଲ ଉପରେ କର୍ମଚାରୀମାନେ ତୀକ୍ଷ୍ଣ ଦୃଷ୍ଟି ରଖିଥିବା ବେଳେ ଘୁମୁସର ଉତ୍ତର ବନଖଣ୍ଡ ଅନ୍ତର୍ଗତ ବାଇବାଲି ଜଙ୍ଗଲରୁ ଆସିଥିବା ନେଇ ବନ ଅଧିକାରୀ ସୂଚନା ଦେଇଛନ୍ତି। ହାତୀପଲଙ୍କୁ ବିରକ୍ତ ନ କରିବା ପାଇଁ ବନବିଭାଗ ତରଫରୁ ଗ୍ରାମବାସୀଙ୍କୁ ଅନୁରୋଧ କରାଯାଇଛି। ଏହାସହ ଜଙ୍ଗଲକୁ ଯିବା ପାଇଁ ମଧ୍ୟ ବାରଣ କରାଯାଇଛି। ଜଙ୍ଗଲରେ ଥିବା ହାତୀପଲ ଗତିବିଧି ଉପରେ ବନ କର୍ମଚାରୀ ନଜର ରଖିଥିବା ସୂଚନା ମିଳିଛି। ବିଗତ କିଛି ମାସ ପୂର୍ବରୁ ହାତୀ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୧ରୁ ଊର୍ଦ୍ଧ୍ୱ ଗାଈ, ଛେଳିଙ୍କ ମୃତ୍ୟୁ ଘଟିଥିଲା।

# ସିପିଆଇର ରାଜ୍ୟସ୍ତରୀୟ ଶତବାର୍ଷିକୀ ସମାରୋହ

ଛତ୍ରପୁର,୨୩।୧୨(ଦିଲୀପ ସାମଲ):

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ( ସିପିଆଇ)ର ରାଜ୍ୟସ୍ତରୀୟ ଶତବାର୍ଷିକୀ ମହାସମାରୋହ କମ୍ୟୁନିଷ୍ଟ ଆନ୍ଦୋଳନ ଗଡ଼ ଗଞ୍ଜାମ ଜିଲାର ଛତ୍ରପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଐତିହାସିକ କାନପୁର ସହରରେ ୧୯୨୫ ଡିସେମ୍ବର ୨୬ରେ ପ୍ରତିଷ୍ଠା ଲାଭ କରିଥିଲା। ଏହି ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଆରମ୍ଭରୁ ବିଶିଷ୍ଟ କମ୍ୟୁନିଷ୍ଟ ହସରତ ମୋହିନୀ ପୂର୍ଣ୍ଣ ସ୍ୱାଧୀନତାର ସ୍ୱର ଉତ୍ତୋଳନ କରିଥିଲେ। ମୁକ୍ତି ଆନ୍ଦୋଳନରେ କମ୍ୟୁନିଷ୍ଟ ମାନଙ୍କ ତ୍ୟାଗ ଓ ଆତ୍ମବଳିଦାନ ଅବିସ୍ମରଣୀୟ ବୋଲି ସିପିଆଇ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା କହିଥିଲେ। ଅନ୍ୟତମ ଜାତୀୟ ସମ୍ପାଦକ ସମ୍ପାଦକ କମ୍ରେଡ କେ ରାମକ୍ରିଷ୍ଣା ତେଲଗୁ ଭାଷାରେ ଉଦବୋଧନ ଦେଇଥିଲେ। ଦେଶରେ ସମ୍ପ୍ରତି କ୍ଷମତାରେ ଥିବା ସାମ୍ପ୍ରଦାୟିକ ଫାସିବାଦୀ ଦଳ ଏକତାକୁ




ଧ୍ୱଂସ କରି ଏକଛତ୍ରବାଦ ଜାହିର କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏହାକୁ ଜନ ସାଧାରଣ ଠିକ ମୁକାବିଲା କରିବା ପାଇଁ ସେ ଆହ୍ୱାନ ଦେଇଥିଲେ।

ସମାରୋହରେ ସିପିଆଇ ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ କୁମାର ମିଶ୍ର ଉଦବୋଧନ ଦେଇ ଭାରତରେ ଏବଂ ଓଡିଶାରେ ମୁକ୍ତି ଆନ୍ଦୋଳନର ସଂଗ୍ରାମରେ ତ୍ୟାଗ ଓ ଆତ୍ମ ବଳିଦାନ ଦେଇଥିବା ବ୍ୟକ୍ତିମାନଙ୍କ ସମ୍ପର୍କରେ କହିଥିଲେ। ଏହି ପୃଷ୍ଠଭୂମିରେ ଭାରତର ସମ୍ବିଧାନ, ଓଡ଼ିଶାର ଜମି, ଜଳ, ଜଙ୍ଗଲ ଓ ପରିବେଶ ରକ୍ଷା ଆନ୍ଦୋଳନରେ ପାର୍ଟି ଯେଉଁ ସଂଘର୍ଷ ଚଳାଇଛି, ତାକୁ ଆହୁରି ଶାଣିତ କରିବା ପାଇଁ ଗଣ ଶପଥ କରାଇଥିଲେ ରାଜ୍ୟ ସମ୍ପାଦକ ମିଶ୍ର। ପାର୍ଟିର ଶତବାର୍ଷିକୀ ଦିବସ ୨୬ ଡ଼ିସେମ୍ବରରେ ପ୍ରତ୍ୟେକ ଶାଖା, ଅଞ୍ଚଳ, ଜିଲ୍ଲାରେ ପତାକା ଉତ୍ତୋଳନ, ସଭା ଶୋଭାଯାତ୍ରା କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ ସିପିଆଇ ରାଜ୍ୟ ସହ ସମ୍ପାଦକ ଜୟନ୍ତ ଦାସ। ସମାରୋହରେ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ପ୍ରକାଶ ଚନ୍ଦ୍ର ପାତ୍ର ପାର୍ଟିକୁ ଶକ୍ତିଶାଳୀ କରିବାରେ ଯେଉଁମାନେ ପ୍ରମୁଖ ଭୂମିକା ନେଇଥିଲେ ସେଭଳି ବରିଷ୍ଠ ନେତୃତ୍ୱଙ୍କୁ ଏହି ସମାରୋହରେ ସମ୍ବର୍ଦ୍ଧିତ ହେବାପାଇଁ ଆମନ୍ତ୍ରଣ କରିଥିଲେ। ପ୍ରାରମ୍ଭରେ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ, ଶତବାର୍ଷିକୀ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଏନ ନାରାୟଣ ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ସହ ସମ୍ପାଦକ ନୀଳକଣ୍ଠ ଦାଶ, ଜିଲ୍ଲା ସମ୍ପାଦକ ତଥା ଅଭ୍ୟର୍ଥନା କମିଟି ସାଧାରଣ ସମ୍ପାଦକ ଶ୍ରୀହର୍ଷ ରଥ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ରମଣୀ ରଞ୍ଜନ ରାଉତରାୟ, ଅଖିଳ ଭାରତ ଯୁବ ସଂଘ ରାଜ୍ୟ ସମ୍ପାଦକ କାମଦେବ ନାହାକ ପ୍ରମୁଖ ମଞ୍ଚାସିନ ଥିଲେ। ଆଜି ସକାଳେ ଟାକରଡା ରୟତ ଆନ୍ଦୋଳନ ଶହୀଦ ପୀଠରୁ ଏବଂ ପୂର୍ବାହ୍ନରେ ଲକ୍ଷ୍ମଣ ମହାପାତ୍ରଙ୍କ ଶହୀଦ ସ୍ମୃତି ପୀଠରୁ ଶହୀଦ ଜ୍ୟୋତି ଆସି ସମାରୋହ ମଞ୍ଚରେ ପହଞ୍ଚିଥିଲା। ପୂର୍ବାହ୍ନରେ ଅପର ବସଷ୍ଟାଣ୍ଡରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା।

# ନିଯୁକ୍ତି ଦେବାରେ ବିଫଳ ତାଲିମ ସଂସ୍ଥା

## ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଫୁଲବାଣୀ, ୨୩।୧୨ (ରାକେଶ କୁମାର ରାଉତ) ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଏବେ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ଦକ୍ଷତା ବିକାଶ ହେଲେ ଜଣେ ଯୁବତୀ ଯୁବକ ଅଥବା ଯୁବକ ବେକାରି ରହିବେ ନାହିଁ। ସେମାନଙ୍କୁ ରୋଜଗାର ମିଳିବ। କନ୍ଧମାଳ ଜିଲାରେ ମଧ ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବହୁ ବର୍ଷ ହେଲା ଚାଲି ଆସୁଛି। ଅନେକ ସଂସ୍ଥା ଆସି ଦକ୍ଷତା ବିକାଶ ମାଧ୍ୟମରେ ଯୁବତୀ ଯୁବକଙ୍କୁ ତାଲିମ ଦେଉଛନ୍ତି। କିନ୍ତୁ ସେମାନଙ୍କୁ ନିଯୁକ୍ତି ଦେବାରେ ବିଫଳ ହେଉଛନ୍ତି। ଫଳରେ ଦକ୍ଷତା ବିକାଶ ଏବେ ଦକ୍ଷ ହେବା ବଦଳରେ ଦୁର୍ବଳ ଅବସ୍ଥାକୁ ଚାଲି ଯାଉଛି। ଜିଲାରେ ଏବେ ୩ଟି ସଂସ୍ଥା ତାଲିମ ଦେଉଛନ୍ତି। ଫୁଲବାଣୀରେ ବିଜ୍ଞାନ ଭାରତୀ ଚାରିଟେବୁଲ ଟ୍ରଷ୍ଟ (ଭିସିଟି) ଓ ଉପାସନା ଏବଂ ବାଲିଗୁଡ଼ାରେ ଭିକ୍ଟସ ଡାଇଙ୍ଗ ସଂସ୍ଥା ତାଲିମ ଦେଉଛି। ଭିସିଟି ଏବଂ ଉପାସନା ହସ୍ପିଟାଲ ଆସିଷ୍ଟାଣ୍ଟ ନର୍ସ (ଜିଡିଏ) ତାଲିମ ଦେଉଥିବା ବେଳେ ଭିକ୍ଟସ ସିଲେଇ ଉପରେ ତାଲିମ ଦେଉଛି। ବର୍ତ୍ତମାନ ଭିସିଟିରେ ୫୪ ଜଣ, ଉପାସନା ୩୦ ଏବଂ ଭିକ୍ଟସ ୪୭ ଜଣଙ୍କୁ ଏହି ତାଲିମ ପ୍ରଦାନ କରୁଛି। ଆଗାମୀ ଦିନରେ ଆଉ ୪ଟି ସଂସ୍ଥା ତାଲିମ ଦେବାକୁ ଜିଲାକୁ ଆସିବେ। ସେମାନେ ଯୁବତୀ ଯୁବକମାନଙ୍କୁ ସୋଲାର ପ୍ୟାନେଲ, ସେଲସ୍ ଆଶୋସିଏଟ, ୱେବ ଡେଭଲପର, କମ୍ପ୍ୟୁଟର ହାର୍ଡ ୱେୟାର ଉପରେ ତାଲିମ ଦେବେ।

ଜିଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ଗତ ବର୍ଷ ସିଏମଆଇଟି ସଂସ୍ଥା କମ୍ପ୍ୟୁଟର ହାର୍ଡ ୱେୟାର ଉପରେ ୬୦ ଜଣଙ୍କୁ ତାଲିମ ଦେଇଥିଲା। ସେମାନଙ୍କ ମଧ୍ୟରୁ ମାତ୍ର ୨୫ ଜଣଙ୍କୁ ନିଯୁକ୍ତି ମିଳିଛି। ସେହିପରି ଭିସିଟି ସିଲେଇ ତାଲିମ ୯୦ ଜଣଙ୍କୁ ଦେଇଥିବା ବେଳେ ୭୨ ଜଣଙ୍କୁ ନିଯୁକ୍ତି, ଜିଡିଏର ୨୧୦ ଜଣଙ୍କୁ ତାଲିମ ଦେଇଥିବା ବେଳେ ୧୪୩ ଜଣଙ୍କୁ ନିଯୁକ୍ତି ମିଳିଛି। ସାଇ ଏକ୍ସପୋର୍ଟ ୩୦ ଜଣଙ୍କୁ ସିଲେଇ ତାଲିମ ଦେଇଥିବା ବେଳେ ଜଣଙ୍କୁ ବି ନିଯୁକ୍ତି ଦେବାରେ ବିଫଳ ହୋଇଛି। ବର୍ତ୍ତମାନ ଜିଲାରେ ୩୧ ହଜାର ୮୯୭ ଜଣ ନିୟୋଜନ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୧୮ ହଜାର ୧୬୯ ଯୁବକ ଏବଂ ୧୩ ହଜାର ୭୨୮ ଜଣ ଯୁବତୀ ରହିଛନ୍ତି। ଏ ସଂକ୍ରାନ୍ତରେ ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ପୁରୁଷୋତ୍ତମ ମହାପାତ୍ରଙ୍କୁ ପଚାରିବାରୁ ଆମର ତାଲିମ ପ୍ରଦାନକାରୀ ସଂସ୍ଥା ଉପଯୁକ୍ତ ତାଲିମ ଦେଉଛନ୍ତି। ଯୁବତୀ ଯୁବକମାନେ ଆସି ତାଲିମ ନେଉଛନ୍ତି। କିନ୍ତୁ ଯୁବକମାନେ ବାହାରକୁ ନିଯୁକ୍ତି ପାଇଁ ଯିବାକୁ ଆଗ୍ରହ ହେଉ ନାହାନ୍ତି। ଯେତିକି ନିଯୁକ୍ତି ପାଉଛନ୍ତି ସେମାନଙ୍କ ମଧ୍ୟରେ ଅଧିକାଂଶ ଯୁବତୀ। ତାଲିମ ପ୍ରଦାନକାରୀ ସଂସ୍ଥା ୭୦ ପ୍ରତିଶତ ନିଯୁକ୍ତି ଦେବାକୁ ନିୟମ ରହିଛି। ହେଲେ ସେମାନେ ସଫଳ ହେଉ ନାହାନ୍ତି। ଆଗାମୀ ଦିନରେ ଅଧିକ ନିଯୁକ୍ତି ଦେବାକୁ ସଂସ୍ଥା ମାନଙ୍କୁ କୁହାଯିବ ବୋଲି କହିଛନ୍ତି।

## ଧରାପଡ଼ିଲା ୨ ବାଇକ୍ ଚୋରି ଗ୍ୟାଙ୍ଗ, ୬ ଗାଡ଼ି ଜବତ

ଛତ୍ରପୁର,୨୩।୧୨(ଦିଲୀପ ସାମଲ)

୨ ବାଇକ୍ ଚୋରି ଗ୍ୟାଙ୍ଗକୁ ଛତ୍ରପୁର ପୋଲିସ ଧରିଛି। ସେମାନଙ୍କ ନିକଟରୁ ୬ଟି ବାଇକ ଜବତ ହୋଇଥିବା ବେଳେ ୨ ନାବଳକ ସମେତ ୫ଜଣ ଗିରଫ ହୋଇଛନ୍ତି। ସେଲେ ବ୍ରହ୍ମପୁର ସଦର ଥାନା ଲାଣ୍ଡି ଅଞ୍ଚଳର ଆକାଶ ମହରାଣା(୨୦), ଶିବରାମ ପ୍ରଧାନ(୨୦) ଓ ସୁଜନ ସେଠୀ(୧୯) ଓ ଅନ୍ୟ ୨ ଜଣ ଦିଗପହଣ୍ଡି ବକ୍ଷପଲ୍ଲୀ ଅଞ୍ଚଳର ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଛତ୍ରପୁର ଥାନା ଅଞ୍ଚଳରେ କିଛି ଦିନ ହେଲା ବାଇକ୍ ଚୋରି ହେଉଥିବା ନେଇ ଅଭିଯୋଗ ହେଉଥିଲା। ନଭେମ୍ବର ୧ରେ ପିଙ୍ଗୁଳା ଗ୍ରାମର ଫାଇନେନ୍ସ କମ୍ପାନୀ କାର୍ଯ୍ୟାଳୟ ନିକଟରୁ ମନୋଜ କୁମାର ମିଶ୍ରଙ୍କ ଏକ ବାଇକ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ୭୧୬/୨୫ ମାମଲା ରୁଜୁ ହୋଇଥିଲା। ସେହିପରି ଡିସେମ୍ବର ୧୮ରେ ରେଙ୍ଗୀ ସାହି ନିକଟରୁ ସୁବାଷ ପ୍ରଧାନଙ୍କ ଗାଡ଼ି ଚୋରି ଅଭିଯୋଗରେ ୭୭୬/୨୫ ଓ କିଚେନ ୯୯ ଦେବଦତ୍ତ ପଣ୍ଡାଙ୍କ ଗାଡ଼ି ଚୋରି ହୋଇଥିବା ବେଳେ ୭୭୮/୨୫ ମାମଲା ରୁଜୁ ହୋଇଥିଲା।

## ବ୍ୟାଙ୍କ କର୍ମଚାରୀ କହି ଲୋକଙ୍କୁ ଠକୁଥିବା ବ୍ୟକ୍ତି ଗିରଫ

ଖଲ୍ଲିକୋଟ,୨୩।୧୨(ପ୍ରଶାନ୍ତ କୁମାର ମିଶ୍ର)

ବ୍ୟାଙ୍କ କର୍ମଚାରୀ ପରିଚୟ ଦେଇ ଠକୁଥିବା ଜଣେ ବ୍ୟକ୍ତି ଗିରଫ ହୋଇଥିବା ବେଳେ ତାଙ୍କ ଠାରୁ ୧ ଲକ୍ଷ ୩୭ ହଜାର ଟଙ୍କା, ୩୫ ଗ୍ରାମ ସୁନା ଓ ଏକ ବ୍ଲାଙ୍କ ଚେକବୁକ ଜବତ ହୋଇଛି। ଗିରଫ ଠକ ଜଣକ ହେଲେ ପୁରୀ ଜିଲା କୃଷ୍ଣ ପ୍ରସାଦ ଥାନା ଗୋପାଳପୁର ଗ୍ରାମର ଜ୍ଞାନ ରଞ୍ଜନ ଦାଶ। ଖଲ୍ଲିକୋଟ ଥାନା ଅଞ୍ଚଳ ଆଲପୁର ଗ୍ରାମରେ ବାସନ୍ତୀ ନାହକ ନାମକ ବୃଦ୍ଧା ଏକୁଟିଆ ଥିବା ସମୟରେ ଅଭିଯୁକ୍ତ ତାଙ୍କ ଘରକୁ ଯାଇଥିଲେ। ସେ ନିଜକୁ କେଶପୁର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ବ୍ୟାଙ୍କ କର୍ମଚାରୀ କହି ୪ ଲକ୍ଷ ୫୦ ହଜାର ଟଙ୍କାର ଏକ ବ୍ଲାଙ୍କ ଚେକ ଦେବା ସହ ତାଙ୍କ ଠାରୁ ୫୦ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଏତଲା ପରେ ପୋଲିସ ବିଭିନ୍ନ ଜାଗାରେ ଚଢ଼ାଉ କରି ଠକ ଜ୍ଞାନ ରଞ୍ଜନଙ୍କୁ ଗିରଫ କରିବାରେ ସଫଳ ହୋଇଛି। ତେବେ ତଦନ୍ତ ପରେ ଜଣାପଡିଛି ଅଭିଯୁକ୍ତ ଜଣକ ଗଞ୍ଜାମର ଖଲ୍ଲିକୋଟ, ରମ୍ଭା ଥାନା, ଖୋର୍ଦ୍ଧା ଜିଲାର ଟାଙ୍ଗୀ, ନିରାକାରପୁର ଥାନା ଓ ନୟାଗଡ଼ ଜିଲାର ଚାନ୍ଦପୁର, ରଣପୁର ଅଞ୍ଚଳରେ ସମାନ ଭାବରେ ଠକେଇ କରୁଥିଲେ। ଠକେଇର ଶିକାର ହୋଇଥିବା ଲୋକ ମାନଙ୍କୁ ପୋଲିସ ଟଙ୍କା ଫେରାଇଛି।

## ଗୋଚାଲାଣ ଗାଡ଼ି ପୋଡି ଘଟଣା ଚପାଇବାକୁ ଉଦ୍ୟମ

ବୁଗୁଡା,୨୩।୧୨(କାଳି ଚରଣ ଦାଶ)

ଘୋଳପୁର-ଭୋଗଡ଼ା ରାସ୍ତାରେ ସୋମବାର ରାତିରେ ୨ ପୃଥକ୍ ସ୍ଥାନରେ ୨ଟି ଅବୈଧ ଗୋଚାଲାଣ ପିକଅପ୍ ଗାଡ଼ିକୁ ପୋଡା ଯାଇଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଉଭୟ ଗାଡ଼ିରେ ଚାଲାଣ ହେଉଥିବା ସମସ୍ତ ଗୋରୁଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଗୋଟିଏର ମୃତ୍ୟୁ ହୋଇଛି। ଘଟଣା ସ୍ଥଳରେ ପୋଲିସ ଏବଂ ଦମକଳବାହିନୀ ପହଞ୍ଚି ଥିବାବେଳେ ଏହି ଗୋଚାଲାଣପରେ କେଉଁମାନେ ସମ୍ପୃକ୍ତ ଏବଂ ଗାଡ଼ି କିପରି ପୋଡ଼ିଲା ସେନେଇ ଲୋକେ ପାଟି ଖୋଲୁନାହାନ୍ତି। ଏଥିପ୍ରତି ସ୍ଥାନୀୟ ପ୍ରଶାସନର କୌଣସି ତତ୍ପରତା ଦେଖାଯାଇନି। ଏହାକୁ ଚପାଇବାକୁ ଉଦ୍ୟମର ରହସ୍ୟ କ'ଣ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# କୁର୍ମୀ କ୍ଷତ୍ରିୟ ପ୍ରଦେଶ ସଂସ୍ଥାର ମହାସଭା ପ୍ରସ୍ତୁତି

## ୫୦ ହଜାରରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗଦେବେ



ବିଧାୟକ ମହାସଭା କାର୍ଯ୍ୟ ସମୀକ୍ଷା କରୁଛନ୍ତି।

ଭଞ୍ଜନଗର,୨୩।୧୨(ବାବୁଲା ପ୍ରଧାନ) ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ ଟିଳିସିଙ୍ଗି ଠାରେ ଆସନ୍ତା ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ କୁର୍ମୀ କ୍ଷତ୍ରିୟ ପ୍ରଦେଶ ସଂସ୍ଥାର ମହାସଭା ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଭଞ୍ଜନଗର ବିଧାୟକ ତଥା କୁର୍ମୀ କ୍ଷତ୍ରିୟ ପ୍ରଦେଶ ସଂସ୍ଥାର କର୍ମକର୍ତ୍ତା ପ୍ରଦ୍ୟୁମ୍ନ କୁମାର ନାୟକ ମଙ୍ଗଳବାର ସଭାସ୍ଥଳ ପରିଦର୍ଶନ କରି କାର୍ଯ୍ୟକ୍ରମ କିଭଳି ହେବ ସେ ନେଇ ସମୀକ୍ଷା କରିଥିଲେ। ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ନାୟକ କହିଥିଲେ କୁର୍ମୀ କ୍ଷତ୍ରିୟ ପ୍ରଦେଶ ସଂସ୍ଥାର ସଭାରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗଦେବେ। କାର୍ଯ୍ୟକ୍ରମ କିଭଳି ଭଲରେ ହେବ ସେଥିପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଇଛି। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଛତ୍ରପତି ଶିବାଜୀ ମହାରାଜ ଆମ ଜାତି ପାଇଁ ଗର୍ବର ବିଷୟ। ପ୍ରଥମଥର ପାଇଁ ଭଞ୍ଜନଗର ଧରଣୀରେ କାର୍ଯ୍ୟକ୍ରମ ହେବାକୁ ଯାଉଛି ବୋଲି ବିଧାୟକ ନାୟକ କହିଥିଲେ। ଏଥିସହ ସେ କହିଥିଲେ ଆଜି ୭ କୋଟି ଟଙ୍କା ବ୍ୟୟରେ ଦୁଇଟି ରାସ୍ତାର ଶିଳାନ୍ୟାସ କରାଯାଇଛି। ଆଗାମୀ ଦିନରେ ଭଞ୍ଜନଗର ବ୍ଲକ ଗାଲେରୀ ଅଞ୍ଚଳବାସୀ ତାହାର ସୁଫଳ ପାଇବେ। ଭଞ୍ଜନଗର ଏନଏସିକୁ ମ୍ୟୁନିସିପାଲଟି ଏବଂ ଜଗନ୍ନାଥପ୍ରସାଦ ପଞ୍ଚାୟତକୁ ଏନଏସିରେ ପରିଣତ କରାଯିବା ଆମ ପାଇଁ ଗର୍ବର ବିଷୟ। ଉକ୍ତ ଦୁଇ ସହରର ବିକାଶ ପାଇଁ ସବୁ ପ୍ରକାର ସହାୟତା ସରକାର ଯୋଗାଇ ଦେବେ। ଆଗାମୀ ଦିନରେ ଆହୁରି ଅନେକ କିଛି ବିକାଶ କରିବା ଲକ୍ଷ୍ୟ ରଖାଯାଇଛି ବୋଲି ବିଧାୟକ କହିଥିଲେ। ବିଧାୟକଙ୍କ ଆଜିର ବିଭିନ୍ନ କାର୍ଯ୍ୟକ୍ରମ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ର ଯନ୍ତ୍ରୀ ମାନେ, ଏମ ପି ପ୍ରତିନିଧି ସନ୍ତୋଷ ତିଆଡ଼ି, ଶିବ ଶଙ୍କର ପ୍ରଧାନ, ରବିନ୍ଦ୍ର ଗୌଡ ଏବଂ ଜାତିର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ଗଞ୍ଜାମ ଜିଲାରେ ଖୋଲିଲା ଧାନମଣ୍ଡି

ଦିଗପହଣ୍ଡି/ଆସିକା/ଶେରଗଡ଼/ଧରାକୋଟ/ଗଞ୍ଜାମ/ବେଲଗୁଣ୍ଠା,୨୩।୧୨ (ଅଶେଷ ନାଥ ମିଶ୍ର/ ସୁରେନ୍ଦ୍ରନାଥ ସାହୁ/ସୂର୍ଯ୍ୟନାରାୟଣ ଦାଶ/ବିଷ୍ଣୁକେଶରୀ ଆଚାର୍ଯ୍ୟ/ ଅନାଥ ତରାଇ/କୃଷ୍ଣ ଚନ୍ଦ୍ର ପଟ୍ଟନାୟକ):



ଦିଗପହଣ୍ଡି ବ୍ଲକ ଫାସିଗୁଡାରେ ଧାନମଣ୍ଡି ଖୋଲିବା ପୂର୍ବରୁ ବିଧାୟକ ଏବଂ ଜିଲାପାଳ ପୂଜାର୍ଚ୍ଚନା କରୁଛନ୍ତି।

ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଧାନମଣ୍ଡି ଶୁଭାରମ୍ଭ ହୋଇଛି। ଜିଲାପାଳ ଭି.କୀର୍ତ୍ତି ଭାସନ ମଙ୍ଗଳବାର ଦିଗପହଣ୍ଡି ବ୍ଲକ ଫାସିଗୁଡା ଗ୍ରାମ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ପହଞ୍ଚି ହୋମ, ପୂଜାର୍ଚ୍ଚନା କରିବା ସହ ଧାନମଣ୍ଡି ଶୁଭାରମ୍ଭ କରିଥିଲେ। ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର, ଜିଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ, ଡିଆରସିଏସ୍ ଯୋଗମାୟା ସାବତ, ଏଆରସିଏସ୍ ଦେବାଶିଷ ସ୍ୱାଇଁ, ଏସିଏସଓ ଦେବସ୍ମିତା ମଲ୍ଲିକ, ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ, ଦିଗପହଣ୍ଡି ଏନଏସି ଅଧକ୍ଷ ପ୍ରଫୁଲ ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଆସିକା ବ୍ଲକର ବଡଖୋଲି ପ୍ରାଥମିକ ସେବା ସମିତିରେ ଧାନମଣ୍ଡି ଖୋଲାଯାଇ ଧାନକିଣା ଆରମ୍ଭ ହୋଇଛି । ଆସିକା ବିଧାୟକ ସରୋଜ କୁମାର ପାଢୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହାର ଉଦଘାଟନ କରିଥିଲେ । ତହସିଲଦାର ସଙ୍ଗୀତା ସେନ, ସମବାୟ ବିଭାଗ ସହକାରୀ ନିବନ୍ଧକ ବିଜୟ କୁମାର ସାହୁ, ଅତିରିକ୍ତ ବିଡିଓ ସୁଶାନ୍ତ କୁମାର ବେହେରା, ଯୋଗାଣ ଅଧିକାରୀ ଶର୍ମିଷ୍ଠା ଦଳ ବେହେରା, ଆତ୍ମାର ଅଧକ୍ଷ ବିଜୟ କୁମାର ସ୍ୱାଇଁ, ସମିତିର ସଭାପତି ବିଜୟ କୁମାର ନାୟକ, ସରପଞ୍ଚ ଦୁର୍ଗାପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ଶେରଗଡ଼ ବ୍ଲକ୍ ଧଳପୁର ବାପୁଜୀ ସମବାୟ ସମିତି ପରିସରରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ତହସିଲଦାର ତ୍ରିଦେବ ରଥ ଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଶୁଭାରମ୍ଭ କରିଥଲେ। ଯୋଗାଣ ନିରିକ୍ଷକ ବିଭୁପ୍ରସାଦ ସାହୁ, ବାପୁଜୀ ସମବାୟ ସମିତିର ସମ୍ପାଦକ ସୁଧାଂଶୁ ଶେଖର ପ୍ରଧାନ, ଶେରଗଡ଼ ସମ୍ପାଦକ ସତ୍ୟ ନାରାୟଣ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଚାଷୀମାନେ କଟନି ଛଟନି ବନ୍ଦ କରିବା ଓ ତୁରନ୍ତ ଟୋକନ ଦେବାକୁ ଦାବି କରିଥିଲେ।

ଧରାକୋଟ ବ୍ଲକ ଜାନବିଲିସ୍ଥିତ ଆରଏମସି ଗୋଦାମ ପରିସରରେ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ତହସିଲଦାର ଲମ୍ବୋଦର ମାରାଣ୍ଡି, ସମବାୟ ସମ୍ପ୍ରସାରଣ ଅଧିକାରୀ ବିନୋଦା ନାହାକ, ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ସଦସ୍ୟ ସୁବାସ ଚରଣ ଖୁଣ୍ଟିଆ,ପଞ୍ଚାନନ ଗୌଡ଼, ମହିଳା ଚାଷୀ ସୁଷମା ଗନ୍ତାୟତ, ପ୍ରତିମା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହିଥିଲେ।

ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ମଲାଡ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଧାନ ମଣ୍ଡିର ଶୁଭାରମ୍ଭ ହୋଇଛି। ଏଥିରେ ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ର, ସ୍ଥାନୀୟ ସରପଞ୍ଚ ମମତା ବେହେରା ଏବଂ ବିଧାୟକଙ୍କ ପ୍ରତିନିଧି ମାନସ ରଞ୍ଜନ ନାହାକଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଉପସ୍ଥିତ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ।

ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ଆମ୍ବପୁଆ ସେବା ସମବାୟ ସମିତି ପରିସରରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଧାନମଣ୍ଡି ଉଦ୍‌ଘାଟନ କରିଛନ୍ତି। ଏଫ୍ଏକ୍ୟୁ ମାନର ଧାନ ଦେଇ ଉଚିତ୍ ମୂଲ୍ୟ ନିଅନ୍ତୁ । କୌଣସି ପ୍ରକାର କଟନି ଛଟନୀ କରାଗଲେ ଜଣାନ୍ତୁ ବୋଲି ଉପସ୍ଥିତ ଚାଷୀଙ୍କୁ ପରାମର୍ଶ ଦେଇଛନ୍ତି।

# ବାଲିଗୁଡ଼ା ଉପଖଣ୍ଡରେ ୨ ଦିନ ମଦ ଦୋକାନ ବନ୍ଦ

ବାଲିଗୁଡା,୨୩।୧୨(ସଞ୍ଜୟ କୁମାର ପାଣିଗ୍ରାହୀ)

ବଡଦିନ ପର୍ବ ପାଇଁ କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ହୋଇଛି। ସମଗ୍ର ବାଲିଗୁଡା ଟାଉନ ସମେତ ଆଖପାଖ ଅଞ୍ଚଳରେ ବଡ଼ଦିନ ଉତ୍ସବ ଓ ନୂଆବର୍ଷ କିପରି ଶାନ୍ତି ଶୃଙ୍ଖଳାର ସହ ପାଳନ ହେବ ସେନେଇ ଓଡ଼ିଶା ଉତ୍ପାଦ ଶୁଳ୍କ ଆଇନ, ୨୦୦୮ର ଧାରା ୨୬ (୧) ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାର କରାଯିବ। କନ୍ଧମାଳ ଜିଲାର ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ବାରଖାମା, ତୁମୁଡିବନ୍ଧ, ଦାରିଙ୍ଗବାଡି ଏବଂ ବ୍ରାହ୍ମଣୀଗାଁରେ ଥିବା ସରକାରୀ ବିଦେଶୀ ମଦ ଦୋକାନ ଗୁଡ଼ିକ ୨୪ ଓ ୨୫ ତାରିଖ ଦୁଇଦିନ ବନ୍ଦ ରହିବା ପାଇଁ ଜିଲାସ୍ତରୀୟ ମାଜିଷ୍ଟ୍ରେଟ ତଥା ଜିଲାପାଳ ନିର୍ଦ୍ଦେଶ କରିଛନ୍ତି।

# ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ଜାତୀୟ କୃଷକ ଦିବସ

ପାରଳାଖେମୁଣ୍ଡି, ୨୩।୧୨ (ଗିରିଧାରୀ ପରିଚ୍ଛା)

ଭାରତର ସୁନାମଧନ୍ୟ ପ୍ରଧାନମନ୍ତ୍ରୀ ଡକ୍ଟର ଚୌଧୁରୀ ଚରଣ ସିଂଙ୍କ ଜନ୍ମବାର୍ଷିକୀ ଅବସରରେ ପାରଳାଖେମୁଣ୍ଡି ସ୍ଥିତ ଏମ୍ଏସ୍ ସ୍ୱାମିନାଥନ ସ୍କୁଲ ଅଫ ଏଗ୍ରୀକଲ୍‌ଚର୍, ସେଞ୍ଚୁରିଆନ ୟୁନିଭର୍ସିଟିର ଡିପାର୍ଟମେଣ୍ଟ ଅଫ ଆଗ୍ରୋନୋମି ଆଣ୍ଡ ଆଗ୍ରୋଫରେଷ୍ଟ୍ରୀ ଜାତୀୟ କୃଷକ ଦିବସ ପାଳିତ ହୋଇଛି। ଏଥିରେ ଉପଲକ୍ଷେ ବିଶ୍ୱବିଦ୍ୟାଳୟର କୃଷି ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକମାନେ ମିଶି ସମାଜପାଇଁ କୃଷକର ଭୂମିକା ଦର୍ଶାଇ ଏକ ସଚେତନତା ଶୋଭାଯାତ୍ରାର ଆୟୋଜନ କରିଥିଲେ। ଏଥିରେ ଅଞ୍ଚଳର ୫୦ରୁ ଉର୍ଦ୍ଧ୍ୱ ଚାଷୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମଟି ଏମ୍ଏସ୍ ସ୍ୱାମିନାଥନ ସ୍କୁଲ ଅଫ ଏଗ୍ରୀକଲ୍‌ଚର୍‌ର ଅଧକ୍ଷ ପ୍ରଫେସର୍ ସାଗର ମୈତ୍ର ଓ କ୍ଷେତ୍ରବିଜ୍ଞାନ (ଆଗ୍ରୋନୋମୀ) ବିଭାଗର ମୁଖ୍ୟ ଡା. ତନ୍ମୟ ଶଙ୍କରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧ୍ୟାପକଗଣ ପ୍ରଫେସର୍ ସୁପ୍ରଦୀପ ସରକାର, ପ୍ରଫେସର୍ ୱାଇ. ନଞ୍ଜା ରେଡ୍ଡୀ ଏବଂ ପ୍ରଫେସର୍ ବି. ଚକ୍ରପାଣି ଯୋଗଦେଇ କୃଷି କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଓ ତାର ସମାଧାନ ବିଷୟରେ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ଏକ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇ କୃତି ପ୍ରତିଯୋଗିଙ୍କୁ ପୁରସ୍କାର କରାଯାଇଥିଲା। ଚାଷୀମାନଙ୍କୁ ଡ୍ରାଗନ ଫ୍ରୁଟ ଚାରା, ଜିଆ ଖତ ଇତ୍ୟାଦି ବିତରଣ କରି ସମ୍ମାନିତ କରାଯାଇଥିଲା।

# ଅନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ରମ୍ଭା,୨୩।୧୨(ବନବାସୀ ସେଠୀ)

ରମ୍ଭା ହାଇସ୍କୁଲ ସ୍ଥିତ ମିନି ଷ୍ଟାଡିୟମରେ ରମ୍ଭା କପ୍ ସିଜନ-୪ ପକ୍ଷରୁ ଅନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ରମ୍ଭା କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ରମ୍ଭା ଏନ୍ଏସି ଅଧକ୍ଷା ମାନସୀ ସ୍ୱାଇଁ, ବିଧାୟକ ପ୍ରତିନିଧି ମାନସ ନାହାକ, ଅଧକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ, ଉପାଧକ୍ଷ କାଳିଆ ତରେଇ, ରମ୍ଭା କ୍ରିକେଟ କ୍ଲବ୍ ସଭାପତି ପ୍ରତିନିଧି ସୀମାଞ୍ଚଳ ବାଡ଼ତ୍ୟା, ଉପସଭାପତି ହିମାଂଶୁ ବୈଠାରୁ, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଶିକ୍ଷକ ରାମଚନ୍ଦ୍ର ବାଡ଼ତ୍ୟା, ଛତ୍ରପୁର ପୂର୍ବତନ ଭାଜପା ମଣ୍ଡଳ ସଭାପତି ସଞ୍ଜିତ ରାଉଳ, ଯୁବ ସଭାପତି ସୁରେଶ ରେଡ଼ି, ଏନ.ଦୁର୍ଯ୍ୟୋଧନ ରେଡ୍ଡୀ, ଟୁର୍ନାମେଣ୍ଟ ସଂଗଠକ ସଭାପତି ଟି.ବାପୁଜୀ ସୁବୁଦ୍ଧି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିନ ଆନ୍ଧ୍ରପ୍ରଦେଶର ଆଇସିସି ଇଚ୍ଛାପୁର ଟିମ୍ ଓ ଖଲ୍ଲିକୋଟ ଟିମ୍ ମଧ୍ୟରେ ଖେଳ ହୋଇଥିଲା। ଖଲ୍ଲିକୋଟ ଟିମ୍ ଅଧିନାୟକ ଉପେନ୍ଦ୍ର ପ୍ରଧାନ ଟସ୍ ଜିତି ବେଟିଂ କରି ୧୪୯ ରନ କରି ଅଲ ଆଉଟ ହୋଇଥିବା ବେଳେ ଆଇସିସି ଇଚ୍ଛାପୁରମ ୫ ୱିକେଟରେ ୧୫୦ ରନ କରି ବିଜୟୀ ହୋଇଛି। ସନ୍ତୋଷ କୁମାର ନାହାକ ଓ ମହେଶ ମୁଦ୍ରା ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର ସତ୍ୟନାରାୟଣ ପରିଡା କରିଥିବା ବେଳେ ଏମ୍ପାୟାର ଅବଦୁଲ ରହିମ ଖାନ ଓ ସୁଶାନ୍ତ କୁମାର ପଣ୍ଡା ରହିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-KDJR-527, ତା.17.12.2025ରିଖ

କାର୍ଯ୍ୟର ନାମ : 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ସିଗ୍ନାଲ / କେନ୍ଦୁଝରଗଡ଼ଙ୍କ ଅଧିକାର କ୍ଷେତ୍ର ଅଧୀନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ।

ଟେଣ୍ଡର ମୂଲ୍ୟ (₹): 74,67,830.67, EMD (₹) : 1,49,400.00

ବିଡ୍ ଆରମ୍ଭ ହେବା ତାରିଖ : ତା.25.12.2025ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 08.01.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼

PR-926/Q/25-26


# ତାରାତାରିଣୀ ମନ୍ଦିରକୁ ମୋବାଇଲ ମନା

ପୁରୁଷୋତ୍ତମପୁର,୨୩।୧୨(ସବିତା ମିଶ୍ର):

ନୂଆ ବର୍ଷରେ ଗଞ୍ଜାମ ଜିଲାର ଅଧିଷ୍ଠାତ୍ରୀ ଦେବୀ ତାରାତାରିଣୀଙ୍କ ପୀଠରେ ମା'ଙ୍କ ଦର୍ଶନ ନିମନ୍ତେ ପର୍ଯ୍ୟଟକଙ୍କ ପ୍ରବଳ ଗହଳି ଲାଗି ରହିବ। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ନିର୍ଦ୍ଦେଶରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏଥିନେଇ ମନ୍ଦିର ନିର୍ବାହୀ ଅଧିକାରୀ ତଥା ତହସିଲଦାର ବିନୋଦ କୁମାର ବେହେରାଙ୍କ ସଂଯୋଜନାରେ ଛତ୍ରପୁର ଉପଜିଲାପାଳ ଶୁବାଷିଶ ବରାଳଙ୍କ ଅଧକ୍ଷତାରେ ଏକ ବୈଠକ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୁଷୋତ୍ତମପୁର ଏସଡିପିଓ ସୁଜିତ କୁମାର ନାୟକ, ଆଇଆଇସି ରାଜେଶ କୁମାର ନାୟକ, ଉନ୍ନୟନ ପରିଷଦର ସଂପାଦକ ପ୍ରମୋଦ କୁମାର ପଣ୍ଡା, ସେବାୟତ ସଂଘ ସଭାପତି ତପନ ରଣା, ବାପୁଜି ରଣାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଓ ମନ୍ଦିରର ସେବାୟତମାନେ ଯୋଗ ଦେଇଥିଲେ। ବୈଠକରେ ମନ୍ଦିରର ଉନ୍ନତି ଓ ଭକ୍ତ ମାନଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ଅନେକ ନିଷ୍ପତ୍ତି ନିଆଯାଇଛି। ଭକ୍ତ ହୁଅନ୍ତୁ କି ସେବାୟତ ଯେ ବି ମଦ୍ୟପାନ କରି ଆସିଲେ ମନ୍ଦିର ମଧ୍ୟକୁ ପ୍ରବେଶ ସହ ଦର୍ଶନ ଉପରେ ସମ୍ପୂର୍ଣ୍ଣ ରୂପେ ରୋକ୍ ଲାଗାଯାଇଛି। ମନ୍ଦିର ପରିସରରେ ଦୀପ ଲଗାଇବାକୁ କରିବାକୁ ବାରଣ କରାଯାଇଛି। ସେବାୟତମାନେ ଭକ୍ତଙ୍କୁ ଉତ୍ତମ ବ୍ୟବହାର କରିବେ। ଭକ୍ତମାନଙ୍କ ଠାରୁ ଦର୍ଶନ ଓ ନଡିଆ ଭାଙ୍ଗିବା ପାଇଁ ଦକ୍ଷିଣା ନେବେନି। ପର୍ଯ୍ୟଟକଙ୍କ ପାନୀୟ ଜଳର ସୁବିଧା ଲାଗି ପାହାଡ ଉପର ରାସ୍ତା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପାଣ ଟ୍ୟାପ ତୁରନ୍ତ ଲଗାଇବା, ମନ୍ଦିରର ସୁରକ୍ଷା ଦୃଷ୍ଟିରୁ ମନ୍ଦିର ପରିସର ମଧ୍ୟକୁ ମୋବାଇଲ ନେବା ଓ ଫଟୋ ଉଠାଇବାକୁ ବାରଣ କରାଯାଇଛି। ଏହାକୁ ଉଲଙ୍ଘନ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମନ୍ଦିର ଗର୍ଭଗୃହକୁ ସର୍ବସାଧାରଣଙ୍କ ପ୍ରବେଶ ଉପରେ ରୋକ ଲଗାଯାଇଛି। ପାହାଡ ରାସ୍ତା ଆଲୋକିକରଣ ସହ ମନ୍ଦିରର ତଳ ଭାଗରେ ଏକ ସ୍ଥାୟୀ ହେଲିପ୍ୟାଡ୍ ନିର୍ମାଣ କରିବା ଭଳି ଅନେକ ପଦକ୍ଷେପମାନ ପ୍ରଶାସନ ପକ୍ଷରୁ ନିଆଯାଇଛି। ଏଥିରେ ବିଦ୍ୟୁତ ବିଭାଗିୟ ନିର୍ବାହିଯନ୍ତ୍ରୀ ବିଶ୍ୱରଞ୍ଜନ ମହାପାତ୍ର, ଅଗ୍ନିଶମ ଅଧିକାରୀ ଆଲୋକ କୁମାର ଦଳାଇ, ପୂର୍ତ୍ତବିଭାଗିୟ ଯନ୍ତ୍ରୀ ସୁରେଶ କୁମାର ମିଶ୍ରଙ୍କ ସମେତ ବହୁ ଅଧିକାରୀ ଯୋଗଦେଇଥିଲେ।


**ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ**

**ODISHA ELECTRICITY REGULATORY COMMISSION**

BIDYUT NIYAMAK BHAWAN

PLOT NO.4, CHUNOKOLI, SHAILASHREE VIHAR, BHUBANESWAR -751021

TEL. No.: 2721048, 2721049

Together, Let us light up our lives

E-MAIL: oerc@odisha.gov.in / orierc@gmail.com, WEBSITE: www.orierc.org

କେସ୍ ନମ୍ବର - ୭୭ /୨୦୨୫

**ସର୍ବସାଧାରଣ ସୂଚନା**

**ଓଇଆର୍‌ସି (ହ୍ୱିଲିଂ ଶୁଳ୍କ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨ର ପାରା ୩.୨ ଅନୁଯାୟୀ ନିଜର ଲାଇସେନ୍ସପ୍ରାପ୍ତ ଯୋଗାଣ କ୍ଷେତ୍ରରେ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ପୁଞ୍ଜିନିବେଶ ଯୋଜନାର ଅନୁମୋଦ ପାଇଁ ଆବେଦନର ଶୁଣାଣି।**

ମେସର୍ସ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିସିଓଡିଏଲ) (ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨ର ଅନୁଚ୍ଛେଦ ୩.୨ ଅନୁଯାୟୀ ନିଜର ଲାଇସେନ୍ସପ୍ରାପ୍ତ ଯୋଗାଣ କ୍ଷେତ୍ରରେ ଆର୍ଥିକବର୍ଷ ୨୦୨୬-୨୭ ଲାଗି ପୁଞ୍ଜିନିବେଶର ଅନୁମୋଦନ ସକାଶେ ଏକ ଆବେଦନ ଦାଖଲ କରିଛି। ଆୟୋଗ ଏହାକୁ **ମାମଲା ସଂ ୭୭/୨୦୨୫** ଭାବେ ପଞ୍ଜିକୃତ କରିଛନ୍ତି ଏବଂ ଏହି ମାମଲାକୁ ତା ୨୩.୧୨.୨୦୨୫ ରିଖର ଆଦେଶ ଜରିଆରେ ଏକ ଜନଶୁଣାଣି ମାଧ୍ୟମରେ ଫଇସଲା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏ ବାବଦରେ ମେସର୍ସ ଟିପିସିଓଡିଏଲ ଦ୍ୱାରା ଦାଖଲ କରାଯାଇଥିବା ଆବେଦନ ସମେତ ସମସ୍ତ ପରିଶିଷ୍ଟ ଓଇଆର୍‌ସି ୱେବ୍‌ସାଇଟ୍ (www.orierc.org) ତଥା ମେସର୍ସ ଟିପିସିଓଡିଏଲ୍ ୱେବ୍‌ସାଇଟ (www.tpcentralodisha.com) ରେ ମଧ୍ୟ ଉପଲବ୍ଧ । ଉପରୋକ୍ତ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ / ସଂଗଠନ ମେସର୍ସ ଟିପିସିଓଡିଏଲର ଆବେଦନ ଉପରେ ସେମାନଙ୍କର ମତାମତ / ଆପତ୍ତି / ପ୍ରସ୍ତାବ, ଯଦିଥାଏ **ତା ୦୫.୦୧.୨୦୨୬** ସୁଦ୍ଧା ସତ୍ୟପାଠ ଜରିଆରେ ଦାଖଲ କରିପାରିବେ ଓ ତାହାର ଏକ ନକଲ ଆବେଦନକାରିଙ୍କ ନିକଟକୁ ପଠାଇବେ । ମେସର୍ସ ଟିପିସିଓଡିଏଲ୍‌କୁ ନିର୍ଦ୍ଦେଶ ଦିଆଯାଉଅଛି କି, ପ୍ରତିବାଦୀଙ୍କ ଆପତ୍ତି / ପ୍ରସ୍ତାବର ପ୍ରତ୍ୟୁତ୍ତର ଯଦି ଥାଏ, ଆୟୋଗଙ୍କ ନିକଟରେ ଶୁଣାଣି ତାରିଖ କିମ୍ବା ତାହା ପୂର୍ବରୁ ଦାଏର କରିବେ ଏବଂ ପ୍ରତିବାଦୀଙ୍କୁ ତାହାର ଏକ ନକଲ ପଠାଇବେ । ମେସର୍ସ ଟିପିସିଓଡିଏଲ୍‌ର ଉପରୋକ୍ତ ଆବେଦନ ଉପରେ ଧାର୍ଯ୍ୟ ତାରିଖ ସୁଦ୍ଧା ନିଜର ଆପତ୍ତି / ପ୍ରସ୍ତାବ / ମତାମତ ଦାଏର କରିଥିବା ବ୍ୟକ୍ତିମାନେ ଆୟୋଗଙ୍କ ଦ୍ୱାରା ଶୁଣାଣିରେ ଭାଗ ନେଇପାରିବେ । ଆୟୋଗଙ୍କ ଦ୍ୱାରା **ତା ୦୯.୦୧.୨୦୨୬** ରିଖ ପୂର୍ବାହ୍ନ **୧୧.୦୦** ଘଟିକାରେ ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟଠାରେ ହାଇବ୍ରିଡ୍ ପଦ୍ଧତିରେ ମାମଲାର ଶୁଣାଣି କରାଯିବ। ଏ ବାବଦରେ ଅନ୍ୟ କୌଣସି ବିଜ୍ଞପ୍ତି ଜାରି କରାଯିବ ନାହିଁ।

ତାରିଖ : ୨୩.୧୨.୨୦୨୫

ଆୟୋଗଙ୍କ ଆଦେଶକ୍ରମେ

ସ୍ୱା/- ସଚିବ

ଓଡିଆ ଭାଷାରେ ପ୍ରକାଶିତ ବିଜ୍ଞପ୍ତିରେ ଯଦି କୌଣସି ଅସଂଗତି ଥାଏ, ତେବେ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତିକୁ ପ୍ରାମାଣିକତା ପାଇଁ ବିବେଚନା କରାଯିବ।



**GOVERNMENT OF ODISHA**

**OFFICE OF THE CHIEF CONSTRUCTION ENGINEER**

**JEYPORE (R&B) CIRCLE, JEYPORE**

// No. 5027 //Dt. 22.12.2025 //

1st Corrigendum to EOI Identification No. CCEJC (R&B)-01/2025-26

**Expression of Interest**

**No.B-889** : The following modifications are made to EOI Identification no. CCEJC (R&B) – 01/2025-26 Vide Letter No. 4946 Dated. 12.12.2025.

1. Letter of invitation of the Authority along with all other relevant details of Expression of Interest (EOI) will be available in the website https://tendersodisha.gov.in from 10:30 A.M. of 31.12.2025 to 4:00 P.M. of 27.01.2026. Further details with any addendum, corrigendum and cancellation can be seen in the website.
2. Expression of Interest (EOI) shall be received only “On-line” latest by 4:00 P.M. of 27.01.2026.
3. Proposals received “On-line” shall be opened at 11:00 A.M. on 28.01.2026 in the Office of the Chief Construction Engineer, Jeypore (R&B) Circle, Jeypore in the presence of bidders who wish to attend. Bidders who participated in the bid can witness the opening of bids after logging on the site through their DSC.
4. If the office happens to be closed on the stipulated date of opening of Bids as specified, the bids will be opened on the next working day at the same time and venue.

Sd./- Biswanath Marndi
Chief Construction Engineer,
Jeypore (R&B) Circle, Jeypore

OIPR-34108/11/0042/2526



**ODISHA HYDRO POWER CORPORATION LTD**

CIN: U40101OR1995SGC003963

(GOVERNMENT OF ODISHA UNDERTAKING)

**OFFICE OF THE GENERAL MANAGER (EL.)**

**CHIPLIMA HYDRO ELECTRIC PROJECT, CHIPLIMA**

At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)

WEB: www.ohpcltd.com, Ph.-(0663) 2460661, Email-hpschiplima@yahoo.in, Fax No. (0663) 2460505

No.-CHEP/TW-02 (Vol.-VI) (Part File-I)/4971 Date: 22.12.2025

TENDER CALL NOTICE NO.-CHEP-48/2025-26

**No.CAD-2800** : Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Authorized Dealers / Authorized Distributors / General Order Suppliers meeting eligibility criteria only for procurement of the following materials;

| Description | Cost of Tender Paper (Non-Refundable) | EMD (Refundable) |
|---|---|---|
| Supply of LED lights of different ratings for illumination of Chiplima Power House Building and Premises | Rs.2,360/- (Rs.2,000/- + GST @18%) | Rs.2,700/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from **dtd.26.12.2025 up to 12:30 PM of dtd.08.01.2026.**

Sd./- C & P Head, CHEP,
Chiplima

OIPR-04006/11/0120/2526



**OFFICE OF THE PRINCIPAL**

**ATHMALLIK COLLEGE, ATHMALLIK**

Dist-Angul

e-mail id - athmallik.college@gmail.com

No.980 Dt.23.12.2025

**QUOTATION CALL NOTICE**

Sealed quotations are invited from different Registered Firms / Authorised dealers/ Suppliers having valid license DGS & GeM rate contract Registration / TIN/PAN, GST and Income Tax clearance for supply of Canon Xerox Machine Model No.2224N Image Runner (both side printing) along with the requisite documents. The quotation should reached the undersigned on or before 31.12.2025 by 2 pm through speed post / Registered post. The authority reserves the right to accept or reject any or all quotations without assigning any reason thereof.

**For contact-**

**9937161781-Principal, Dr. Trilochan Pradhan**

**9337066395 - Account Bursar, Sri Braja Gopal Mishra**

Sd./- Principal-cum-Secretary
Athmallik College, Athmallik

# ଥାନା ଆଗରେ ୨ କିନ୍ନର ଗୋଷ୍ଠୀ ମୁହାଁମୁହିଁ

## ବାଂଲାଦେଶୀ ସନ୍ଦେହରେ ୪ କିନ୍ନରଙ୍କୁ ପୋଲିସ ଜିମା

ଭଦ୍ରକ,୨୩।୧୨(ସନାତନ ରାଉତ)

ଭଦ୍ରକ ସହରରେ ୨ କିନ୍ନର ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ମଙ୍ଗଳବାର ଉଗ୍ରରୂପ ନେଇଛି। ଟାଉନ ଥାନା ଆଗରେ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ବାଂଲାଦେଶୀ ସନ୍ଦେହରେ ୪ କିନ୍ନରଙ୍କୁ ଅପରଗୋଷ୍ଠୀ ପୋଲିସ ଜିମା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ କିଛିଦିନ ଧରି ୨ କିନ୍ନର ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ସୋମବାର ଶ୍ରାବଣୀ କିନ୍ନରଙ୍କ ବିରୋଧରେ ସଞ୍ଜନା ସାସମଲଙ୍କ ଗୋଷ୍ଠୀ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଗୁଣ୍ଡା ଲଗାଇ ସେମାନଙ୍କୁ ଆକ୍ରମଣ କରୁଥିବା ଓ ବିଭିନ୍ନ ସମୟରେ ମାଡ଼ ମାରୁଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ସେହିପରି ଶ୍ରାବଣୀଙ୍କ ଗୋଷ୍ଠୀ ପକ୍ଷରୁ ପାଲଟା ଅଭିଯୋଗ କରାଯାଇଥିଲା। ସଞ୍ଜନାଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୭୩୭/୨୫) ଓ ଶ୍ରାବଣୀଙ୍କ ଗୋଷ୍ଠୀର ସୀମା ଟାଙ୍ଗୁରୁଙ୍କ ଅଭିଯୋଗକ୍ରମେ ଅନ୍ୟ ଏକ ମାମଲା (ନଂ.୭୩୮/୨୫) ରୁଜୁ ହୋଇଛି। ମଙ୍ଗଳବାର ଶ୍ରାବଣୀଙ୍କ ଗୋଷ୍ଠୀ ସଞ୍ଜନାଙ୍କ ଗୋଷ୍ଠୀର ୪ଜଣଙ୍କୁ ବାଂଲାଦେଶୀ ଅଭିଯୋଗ କରି ସେମାନଙ୍କୁ ଧରି ଆଣି ଟାଉନ ଥାନାରେ ଜିମା ଦେଇଥିଲେ। ଏହାକୁ ନେଇ ଥାନା ପରିସରରେ ୨ ଗୋଷ୍ଠୀର କିନ୍ନର ନାରାବାଜି କରିବା ସହ ହୋହଲ୍ଲା କରିଥିଲେ। ଶ୍ରାବଣୀ କହିଛନ୍ତି, ବାଂଲାଦେଶୀ କିନ୍ନରମାନଙ୍କୁ ସଞ୍ଜନା ତାଙ୍କ ଗୋଷ୍ଠୀରେ ସାମିଲ କରି ସଂଖ୍ୟା ବୃଦ୍ଧି କରିବାକୁ ଚାହୁଁଛନ୍ତି। ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ବାଂଲାଦେଶୀ କିନ୍ନର ଭଦ୍ରକରେ ରହି ବିଭିନ୍ନ ଅନୈତିକ ଓ ଆପରାଧିକ କାର୍ଯ୍ୟ କରୁଛନ୍ତି। ଏହାଦ୍ୱାରା କିନ୍ନରସମାଜ ବଦ୍‌ନାମ ହେଉଛି। ସକାଳେ ୪ଜଣ ବାଂଲାଦେଶୀ କିନ୍ନର ଏକ ଅଟୋରେ ସେମାନଙ୍କ ବ୍ୟାଗ୍ ଧରି ପଳାଇ ଯାଉଥିବା ବେଳେ ସେମାନଙ୍କୁ ଥାନା ଜିମା ଦିଆଯାଇଛି। ସେମାନଙ୍କର ଆଧାର କାର୍ଡ ଯାଞ୍ଚ କରାଯିବାକୁ ସେମାନେ ଦାବି କରିଛନ୍ତି। ପୋଲିସ ୪ଜଣଙ୍କୁ ଥାନାରେ ଅଟକ ରଖି ଆଧାରକାର୍ଡ ଯାଞ୍ଚ ପରେ ସେମାନେ ପଶ୍ଚିମବଙ୍ଗର ହୋଇଥିବା ଜଣାପଡ଼ିଥିଲା। ଅପରାହ୍ନରେ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି।


ଭଦ୍ରକ ଟାଉନ ଥାନା ଆଗରେ କିନ୍ନର ଗୋଷ୍ଠୀ ହୋହଲ୍ଲା କରୁଛନ୍ତି।

# ବୃଦ୍ଧଙ୍କୁ ହତ୍ୟା କରି ପଶ୍ଚିମବଙ୍ଗରେ ଲୁଚାଇଦେଲେ

## ଜମିବାଡ଼ି ଗଣ୍ଡଗୋଳ

ଭୋଗରାଇ, ୨୩।୧୨(ପ୍ରଦୀପ ଦାସ)

ଜମିବାଡ଼ି ଗଣ୍ଡଗୋଳକୁ କେନ୍ଦ୍ର କରି ଏକ ହତ୍ୟାକାଣ୍ଡ ଘଟିଛି। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧୀନ ଡେମୁରିଆ ଗାଁର ସାମାଜିକ କର୍ମୀ ଅଜୟ କୁମାର ଦାସ(୮୩)ଙ୍କୁ ସୋମବାର ରାତିରେ କେତେକ ଦୁର୍ବୃତ୍ତ ସଂଘବଦ୍ଧ ଭାବେ ହତ୍ୟା କରିଥିଲେ। ଏହାପରେ ମୃତଦେହକୁ ପଶ୍ଚିମବଙ୍ଗ ସୀମାନ୍ତ ବିଲମାଧିଆ ଗାଁ ନିକଟ ବିଲରେ ଏକ ଗାତରେ ପୂରାଇ ନଡ଼ା ଘୋଡ଼ାଇ ଦେଇଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ପଶ୍ଚିମବଙ୍ଗ ପଶ୍ଚିମମେଦିନୀପୁର ମୋହନପୁର ଥାନା ପୋଲିସ ପହଞ୍ଚି ମୃତଦେହକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜବତ କରିଥିଲା। ଖଡ଼୍‌ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି।

ସୂଚନାନୁଯାୟୀ, ଡେମୁରିଆ ଗାଁର ସାମାଜିକ କର୍ମୀ ଅଜୟ କୁମାର ଦାସ ସ୍ଥାନୀୟ ଲୋକଙ୍କ କାର୍ଯ୍ୟ ନିମନ୍ତେ ଭୋଗରାଇ ତହସିଲ କାର୍ଯ୍ୟାଳୟକୁ ସୋମବାର ପୂର୍ବାହ୍ନରେ ଯାଇଥିଲେ। ସେଠାରେ କାର୍ଯ୍ୟ ସାରି ଘରକୁ ସନ୍ଧ୍ୟା ସୁଦ୍ଧା ନ ଫେରିବାରୁ ରାତି ପର୍ଯ୍ୟନ୍ତ ଘରଲୋକେ ଖୋଜାଖୋଜି କରିଥିଲେ। ବିଲମାଧିଆ ଗାଁର କାଳିଚରଣ ବେହେରାଙ୍କ ଘରଠାରୁ ସାଇକେଲ ନେଇ ଅଜୟ କୁମାର ଦାସ ଭୋଗରାଇ ତହସିଲ କାର୍ଯ୍ୟାଳୟ ଆଡକୁ ଯାଇଥିଲେ ବୋଲି ଘର ଲୋକ ଜାଣିବାକୁ ପାଇଥିଲେ। କମର୍ଦ୍ଦା ଥାନା ପୋଲିସ ପହଞ୍ଚିଥିଲେ ବି ଏହା ପଶ୍ଚିମବଙ୍ଗ ସୀମା ହୋଇଥିବାରୁ ମୋହନପୁର ଥାନା ପୋଲିସ ପହଞ୍ଚି ସବିଶେଷ ତଥ୍ୟ ସଂଗ୍ରହ କରି ଅଜୟଙ୍କ ମୃତଦେହକୁ ଜବତ କରି ଥାନାକୁ ନେଇଥିଲା। ମୃତ ଅଜୟଙ୍କ ବିବାହିତା ଝିଅ ଅମିତା ଦାସ କହିଛନ୍ତି, ତାଙ୍କ ବାପା ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଉପକାର କରି ଆସୁଥିଲେ। ନଭେମ୍ବର ୧୨ରେ ମଧ୍ୟ କେତେଜଣ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କୁ ଘେରି ହତ୍ୟା ଧମକ ଦେଇଥିଲେ। ପୂର୍ବରୁ ଆମ ପରିବାରରେ ସମ୍ପତ୍ତି ବାଡି ଭାଗବଣ୍ଟାକୁ ନେଇ ବିବାଦ ରହିଛି ଏବଂ ମୋ ବାପାଙ୍କୁ ସୁପରିକଳ୍ପିତ ଭାବେ ବୀଭତ୍ସ ଭାବେ ମୁଣ୍ଡକୁ ହାଣି ହତ୍ୟା କରାଯାଇଛି।

# କେନାଲରୁ ନରକଙ୍କାଳ ଜବତ

ବ୍ରହ୍ମପୁର, ୨୩।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ନିମଖଣ୍ଡି ଥାନା ପୋଲିସ ଏକ କେନାଲ ଭିତରୁ ମଙ୍ଗଳବାର ନରକଙ୍କାଳ ଜବତ କରି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଛି। କଙ୍କାଳଟି ଜଣେ ପୁରୁଷଙ୍କର। ଏହାର କେହି ଦାବିଦାର ନ ଥିବାରୁ ପୋଲିସ ନଂ.୩୬/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ବୁଧବାର କଙ୍କାଳ ବ୍ୟବଚ୍ଛେଦ କରାଯିବ। ରିପୋର୍ଟ ମିଳିବା ପରେ ବ୍ୟକ୍ତିଙ୍କ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ହୁଗୁଳାପଟା ଓ ଗୁରୁଣ୍ଡି ମଧ ଦେଇ ଯାଇଥିବା କେନାଲ ଭିତରେ ନରକଙ୍କାଳ ପଡିଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ପହଞ୍ଚି ତାହାକୁ ଜବତ କରିଥିଲା। ମୃତକଙ୍କ ବୟସ ଆନୁମାନିକ ୩୦ରୁ ୩୫ ବର୍ଷ ହେବ ବୋଲି ପୋଲିସ କହିଛି। ମୃତଦେହ ଅନ୍ୟ କୌଣସି ସ୍ଥାନରୁ ଭାସି ଆସି ଏଠାରେ ଅଟକିଥିବା ସନ୍ଦେହ କରାଯାଉଛି। ପୋଲିସ ଆଖପାଖ ଲୋକଙ୍କୁ ଡାକି କଙ୍କାଳ ଚିହ୍ନଟ କରିବାକୁ ଉଦ୍ୟମ କରୁଛି। ହୁଗୁଳାପଟା ଗ୍ରାମରୁ ୨ କିଲୋମିଟର ଦୂର ଜଙ୍ଗଲ ଅଞ୍ଚଳରେ କେନାଲ ନିକଟକୁ ଯୁବକ ଜଣଙ୍କ କିପରି ଗଲେ ସେ ନେଇ ପ୍ରଶ୍ନ ଉଠିଛି।

# ଡକାୟତି ଯୋଜନା ପଣ୍ଡ: ୯ ଗିରଫ

## ଚୋରି ୧୭ ମୋବାଇଲ, ୧୩ ବାଇକ୍ ସହ ମାରଣାସ୍ତ୍ର ଜବତ

ବାଲେଶ୍ୱର, ୨୩।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ରେଲଷ୍ଟେଶନ ପଛପଟ ମାଲଗୋଦାମ ନିକଟରେ ସହଦେବଖୁଣ୍ଟା ଥାନା ପୋଲିସ ସୋମବାର ବିଳମ୍ବିତ ରାତିରେ ଚଢ଼ାଉ କରି ଡକାୟତି ଯୋଜନା କରୁଥିବା ୯ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨ଟି ତେଲେଙ୍ଗା କଟୁରୀ ସହ ଚୋରି ୧୭ ମୋବାଇଲ ଓ ୧୩ ବାଇକ୍ ଜବତ ହୋଇଛି। ଦୁଇ ନାବାଳକଙ୍କ ସମେତ ଗିରଫ ଅଭିଯୁକ୍ତମାନେ ହେଲେ ଚାନ୍ଦିପୁର ଥାନା ପାତ୍ରପଡ଼ା ଅଞ୍ଚଳର ଧୀରଜ ବେହେରା, ଟାଉନ ଥାନା ଖଲାସିମହଲାର ସରୁଜୁ ଖାଁ, ସ୍କୁଲବଜାରର ସେକ ରଫିକ୍, ବଡ଼ଖୁଆର ସୁଶାନ୍ତ ଜେନା, ସଦର ଥାନା ଟିଆଖିଆ ଗ୍ରାମର ସଞ୍ଜୟ ଦାସ ଓ ଅଶୋକ ଦାସ ଏବଂ ଚୋରି ବାଇକ୍ କିଣିଥିବା ଟାଉନ ଥାନା ବାଲୁବଜାର ଅଞ୍ଚଳର ସେକ ସଲିମ୍ ବୋଲି ମଙ୍ଗଳବାର ସହଦେବଖୁଣ୍ଟା ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇପିଏସ୍ ପ୍ରବେଶନର ତଥା ଭାରପ୍ରାପ୍ତ ସିଟି ଡିଏସ୍‌ପି ମନିସା ସଉଗୁନ ଓ ଆଇଆଇସି ବିରଞ୍ଚି ସାହୁ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଏସ୍‌ଆଇ ଅଭିଷେକ ସାମନ୍ତରାୟ ଉପସ୍ଥିତ ଥିଲେ।

ମାଲଗୋଦାମ ନିକଟ ଏକ ପରିତ୍ୟକ୍ତ ଘରେ ଅଭିଯୁକ୍ତମାନେ ଏକାଠି ହୋଇ ଟ୍ରେନ ଓ ବସ୍‌ରୁ ଓହ୍ଲାଇ ଯାଉଥିବା ଯାତ୍ରୀଙ୍କଠାରୁ ଲୁଟ୍, ଛିନ୍‌ତାଇ କରିବା ଯୋଜନା କରୁଥିଲେ। ଆଇଆଇସି ସାହୁଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲା। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବହୁ ଅପରାଧିକ ମାମଲା ରହିଛି ବୋଲି ପୋଲିସ ସୂଚନା ଦେଇଛି। ଏ ସମ୍ପର୍କରେ ଥାନାରେ ଏକ ମାମଲା (ନଂ.୪୯୯/୨୫) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

# ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଅଭିଯୋଗ

## ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ମୃତଦେହ ଜବତ

ଚାନ୍ଦବାଲି, ୨୩।୧୨(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ଅଧୀନ ବାଲିଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ମଙ୍ଗଳବାର ସନ୍ଧ୍ୟାରେ ଜଣେ ୧୧ ବର୍ଷୀୟା ନାବାଳିକାଙ୍କ ଅର୍ଦ୍ଧ ଉଲଗ୍ନ ମୃତଦେହ ମିଳିଛି। ନାବାଳିକା ଜଣକ ସ୍ଥାନୀୟ ଅଞ୍ଚଳର ହୋଇଥିବାବେଳେ ତାଙ୍କୁ ବଳାତ୍କାର ପରେ ହତ୍ୟା କରି ଫିଙ୍ଗି ଦିଆଯାଇଥିବା ଅଭିଯୋଗ ହେଉଛି। ଚାନ୍ଦବାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାନ୍ଦବାଲି ଡାକ୍ତରଖାନା ପଠାଇଛି। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ଉତ୍ତ୍ୟକ୍ତ ଲୋକେ ବାଲିଗାଁ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ପୋଲିସ ମୁତୟନ ରହିଛି।

# ବ୍ୟାଙ୍କ ଅଧିକାରୀ ପରିଚୟ ଦେଇ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ

## ଅଭିଯୁକ୍ତଙ୍କ ଅସ୍ଥାବର ସମ୍ପତ୍ତି ଜବତ କଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର, ୨୩।୧୨(ସତ୍ୟଜିତ ରାଉତ)

ବ୍ୟାଙ୍କ ଅଧିକାରୀ ପରିଚୟ ଦେଇ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତ ରାମ ନାରାୟଣ ବଳଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗିରଫ ହୋଇ ଜେଲରେ ଥିବା ଭଦ୍ରକ ଜିଲା ପୁରୁଣାବଜାର ଥାନା ଅନ୍ତର୍ଗତ ନୀଳାଦ୍ରିବିହାରର ରାମ ନାରାୟଣଙ୍କ ବହୁ ଅସ୍ଥାବର ସମ୍ପତ୍ତି ଇଓଡବ୍ଲ୍ୟୁ ଜବତ କରିଛି। ଗତ ଅକ୍ଟୋବର ୨୯ ତାରିଖରେ ରାମ ନାରାୟଣଙ୍କୁ ଗିରଫ କରାଯିବା ପରେ ତାଙ୍କୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ବନ୍ଧକ ଥିବା ପ୍ଲଟ୍‌ଗୁଡ଼ିକୁ ବ୍ୟାଙ୍କ ନିଲାମୀ ପ୍ରକ୍ରିୟାରେ କ୍ରୟ କରାଇବା ଆଳରେ ରାମ ଲୋକମାନଙ୍କୁ ଠକେଇ କରିଥିଲେ। ତେବେ ରାମଙ୍କୁ ରିମାଣ୍ଡରେ ଆଣି ଇଓଡବ୍ଲ୍ୟୁ ଟିମ୍ ପଚରାଉଚରା କରିବା ପରେ ତାଙ୍କର ସମ୍ପତ୍ତି ସାମ୍ରାଜ୍ୟ ବିଷୟରେ ଅଧିକ ଜଣାପଡ଼ିଥିଲା। ଠକେଇ ଟଙ୍କାରେ ସମ୍ପତ୍ତି କରିଥିବା ପ୍ରମାଣ ମିଳିବାପରେ ଇଓଡବ୍ଲ୍ୟୁ ପକ୍ଷରୁ ବହୁ ଅସ୍ଥାବର ସମ୍ପତ୍ତିକୁ ଜବତ କରାଯାଇଥିବା ମଙ୍ଗଳବାର ସୂଚନା ଦିଆଯାଇଛି।


ରାମ ନାରାୟଣ ବଳ

ଡିସେମ୍ବର ୨୦ତାରିଖରେ ଅଭିଯୁକ୍ତ ରାମ ନାରାୟଣଙ୍କ ଭଦ୍ରକ ଜିଲା ପୁରୁଣା ବଜାର ନୀଳାଦ୍ରିବିହାରସ୍ଥିତ ବାସଭବନ, ବାଇପାସ୍ ରୋଡରେ ଥିବା ଭଦ୍ରାଣୀ ମୋବାଇଲ୍ ଷ୍ଟୋର୍, ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାହାଞ୍ଜାସ୍ଥିତ ଭଦ୍ରାଣୀ ମ୍ୟୁଜିକ୍, ଭୁବନେଶ୍ୱର ପାହାଳସ୍ଥିତ ଭଦ୍ରାଣୀ ମ୍ୟୁଜିକ୍‌ରେ ଇଓଡବ୍ଲ୍ୟୁ ଟିମ୍ ଚଢ଼ାଉ କରିଥିଲା। ଏହି ସମୟରେ ବାସଭବନରୁ ୩ଟି ସ୍କୁଟି, ଭଦ୍ରାଣୀ ମୋବାଇଲ୍ ଷ୍ଟୋରରୁ ୧୪୪ଟି ଦାମୀ ମୋବାଇଲ ଫୋନ୍, ଭଦ୍ରାଣୀ ମ୍ୟୁଜିକ୍‌ରୁ ଅତ୍ୟାଧୁନିକ ଆଲୋକ ଓ ସାଉଣ୍ଡ ସିଷ୍ଟମ୍ ଥିବା ୪ଟି ଡିଜେ ଗାଡ଼ି, ଭଦ୍ରାଣୀ ଫଟୋଗ୍ରାଫିରୁ ସାଉଣ୍ଡ ସିଷ୍ଟମ୍ ଓ ଫଟୋ ଉତ୍ତୋଳନକାରୀ ସାମଗ୍ରୀ ଏବଂ ୩ଟି ଦାମୀ କାର୍ ଜବତ କରାଯାଇଛି। ଅଭିଯୁକ୍ତ ରାମ ନାରାୟଣ ୨୦୨୩ରୁ ୨୦୨୪ ଯାଏ ଏସ୍‌ବିଆଇ କ୍ୟାପ୍ ସିକ୍ୟୁରିଟିରେ ସେଲ୍ସ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ସେ ପରେ ଷ୍ଟେଟ ବ୍ୟାଙ୍କ ଅଧିକାରୀ ପରିଚୟ ଦେଇ ଅନେକ ବ୍ୟକ୍ତିଙ୍କୁ ଠକେଇ କରିଥିଲେ। ଋଣ ନେଇ ଶୁଝି ପାରି ନ ଥିବା ଲୋକମାନଙ୍କ ଜମିକୁ ବ୍ୟାଙ୍କ ପକ୍ଷରୁ ନିଲାମୀ ପ୍ରକ୍ରିୟାବେଳେ ସେମାନଙ୍କୁ କିଣେଇ ଦେବାକୁ କହି ପ୍ରତିଶ୍ରୁତି ଦେଇ ଠକେଇ କରିଥିଲେ। ଜଣେ ଅଭିଯୋଗକାରୀ ୧୪ କୋଟିର ଠକେଇର ଶିକାର ହୋଇ ଇଓଡବ୍ଲ୍ୟୁ ନିକଟରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ଅକ୍ଟୋବର ୨୮ରେ ମାମଲା (ନଂ.୧୭/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏଭଳି ୯ଜଣଙ୍କୁ ସେ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକିଥିବା ତଦନ୍ତରୁ ଜଣାପଡ଼ିଛି। ଏପରିକି ସେ ଏସ୍‌ବିଆଇର ଇନ୍‌ସ୍ପେକ୍ସନ୍ ଅଫିସର ଭାବେ ପରିଚୟ ଦେବା ସହ ଡିଜିଏମ୍‌ଙ୍କ ଜାଲ୍ ଦସ୍ତଖତ କରାଇ ଏସ୍‌ବିଆଇ ଫେକ୍ ସିଲ୍ ମଧ୍ୟ ବନାଇଥିବା ଜଣାପଡ଼ିଛି।

## Business

# ସମ୍ବଲପୁର ରେଳ ଡିଭିଜନର 'ଡିଭିଜନାଲ ବୈଠକ'

ଭୁବନେଶ୍ୱର, ୨୩।୧୨
(ଅନୁରାଧା ମହାରଣା)



କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସମ୍ବଲପୁର ରେଳ ଡିଭିଜନର 'ଡିଭିଜନାଲ ବୈଠକ'ରେ ମଙ୍ଗଳବାର ଓଡ଼ିଶାର ପଶ୍ଚିମାଞ୍ଚଳ ଓ ପଡ଼ୋଶୀ ଛତିଶଗଡ଼ର ଲୋକ ସଭା ସଦସ୍ୟମାନଙ୍କ ଉପସ୍ଥିତିରେ ରେଳ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଳାହାଣ୍ଡି, ବଲାଙ୍ଗୀର, ବରଗଡ଼ ଏବଂ ଛତିଶଗଡ଼ର ଏମ୍‌ପିମାନେ ଯୋଗଦେଇ ଅଞ୍ଚଳର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ଏହି ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଓଡ଼ିଶାର ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର, ତାଳଚେର-ବିମଳାଗଡ଼, ଜରପଡ଼ା-ସମ୍ବଲପୁର ଏବଂ ଶାସନ-ଝାରସୁଗୁଡ଼ା ତୃତୀୟ ଓ ଚତୁର୍ଥ ଲାଇନ କାର୍ଯ୍ୟର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହି ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଚର୍ଚ୍ଚା ହୋଇଛି। ବରଗଡ଼-ନୂଆପଡ଼ା, ଝାରସୁଗୁଡ଼ା-ବାରକୋଟ ଏବଂ ଏମ୍‌ସିଏଲ୍ ରେଳଲାଇନ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରାଥମିକତା ପ୍ରଦାନ କରାଯାଇଛି। ଓଡ଼ିଶାର ପଶ୍ଚିମାଞ୍ଚଳରୁ ବିଶାଖାପାଟଣା, ରାୟପୁର, ରାଞ୍ଚି ସମେତ ଅନ୍ୟ ରାଜ୍ୟଗୁଡ଼ିକୁ ଅଧିକ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ ଚଳାଚଳ କରାଇବା ପାଇଁ ଦାବି ଏବଂ ଯୋଜନା ଉପରେ ଗୁରୁତ୍ୱାରୋପ କରାଯାଇଛି। ଯାତ୍ରୀସେବାରେ ଉନ୍ନତି ଆଣିବା ପାଇଁ 'ଅମୃତ ଷ୍ଟେଶନ' ଯୋଜନା ଅନ୍ତର୍ଗତ ସମ୍ବଲପୁର ସମେତ ଅନ୍ୟାନ୍ୟ ରେଳ ଷ୍ଟେଶନଗୁଡ଼ିକର ନବୀକରଣ ଓ ଆଧୁନିକୀକରଣ କାର୍ଯ୍ୟକୁ ଆଗେଇନେବା ଦିଗରେ ମଧ୍ୟ ଚର୍ଚ୍ଚା ହୋଇଛି।

# ପ୍ରଦୂଷଣ ନିୟନ୍ତ୍ରଣ ଭେସେଲ 'ସମୁଦ୍ର ପ୍ରତାପ'

ଭୁବନେଶ୍ୱର, ୨୩।୧୨



ଭାରତୀୟ ତଟ ସୁରକ୍ଷା ବାହିନୀ (ଆଇସିଜି) ମଙ୍ଗଳବାର ଗୋଆ ଶିପ୍‌ୟାର୍ଡ ଲିମିଟେଡ୍ (ଜିଏସ୍‌ଏଲ୍)ରେ ୦୨ ପିସିଭି ପ୍ରକଳ୍ପ ଅଧୀନରେ ଏହାର ପ୍ରଥମ ପ୍ରଦୂଷଣ ନିୟନ୍ତ୍ରଣ ଭେସେଲ୍ (ପିସିଭି), ୟାର୍ଡ ୧୨୬୭ ସମୁଦ୍ର ପ୍ରତାପକୁ ସାମିଲ କରିଛି। 'ସମୁଦ୍ର ପ୍ରତାପ' ହେଉଛି ଭାରତୀୟ ତଟ ସୁରକ୍ଷା ବାହିନୀର ପ୍ରଥମ ସ୍ୱଦେଶୀ ଜ୍ଞାନକୌଶଳରେ ଡିଜାଇନ ଏବଂ ନିର୍ମିତ ପ୍ରଦୂଷଣ ନିୟନ୍ତ୍ରଣ ଭେସେଲ୍। ଏହି ଜାହାଜଟି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାରେ ଡିଜାଇନ୍ ହୋଇଥିବାବେଳେ ଏଥିରେ ଏକ ୩୦ଏମ୍‌ଏମ୍ ସିଆର୍‌ଏନ୍-୯୧ ବନ୍ଧୁକ, ସମନ୍ୱିତ ଅଗ୍ନି ନିୟନ୍ତ୍ରଣ ପ୍ରଣାଳୀ ସହିତ ଦୁଇଟି ୧୨.୭ଏମ୍‌ଏମ୍ ସ୍ଥିର ରିମୋଟ ନିୟନ୍ତ୍ରିତ ବନ୍ଧୁକ, ଏକ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ବ୍ରିଜ୍ ସିଷ୍ଟମ, ପ୍ଲାଟ୍‌ଫର୍ମ ପରିଚାଳନା ପ୍ରଣାଳୀ, ସ୍ୱୟଂଚାଳିତ ଶକ୍ତି ପରିଚାଳନା ପ୍ରଣାଳୀ ଆଦି ରହିଛି। ଏଥିରେ ୬୦%ରୁ ଅଧିକ ସ୍ୱଦେଶୀ ସାମଗ୍ରୀ ଅଛି, ଯାହା 'ଆତ୍ମନିର୍ଭର ଭାରତ' ଏବଂ 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପ ସହିତ ସମନ୍ୱିତ। ଏହି ଉନ୍ନତ ବୈଶିଷ୍ଟ୍ୟଗୁଡ଼ିକ ଭାରତ ମହାସାଗର ଅଞ୍ଚଳରେ ତଟରକ୍ଷୀ ବାହିନୀର ପ୍ରଦୂଷଣ ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ କ୍ଷମତା ବୃଦ୍ଧିକରେ। ପ୍ରଦୂଷଣ ନିୟନ୍ତ୍ରଣ ଭେସେଲ୍ ସାମୁଦ୍ରିକ ପ୍ରଦୂଷଣ ନିୟନ୍ତ୍ରଣ ନିୟମାବଳୀ, ସାମୁଦ୍ରିକ ଆଇନ ପ୍ରବର୍ତ୍ତନ, ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଏବଂ ଭାରତର ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର (ଇଇଜେଡ୍)କୁ ସୁରକ୍ଷା ଦେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟ୍‌ଫର୍ମ ଭାବରେ କାର୍ଯ୍ୟ କରିବ।

# ଅକ୍ଷମ ପିଲାଙ୍କ ପାଇଁ ହେବ ସେନ୍ସୋରି ପାର୍କ

## ଓଏଚ୍‌ପିସି, ଏସ୍‌ଭି ନିର୍‌ତାର ମଧ୍ୟରେ ଏମ୍‌ଓୟୁ



ଭୁବନେଶ୍ୱର, ୨୩।୧୨
(ଅନୁରାଧା ମହାରଣା)

ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ ଲିମିଟେଡ୍ (ଓଏଚ୍‌ପିସି) ଏହାର ସିଏସ୍‌ଆର୍ ପଦକ୍ଷେପ ଅଧୀନରେ କଟକ ଜିଲା ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସନ, ପ୍ରଶିକ୍ଷଣ ଓ ଗବେଷଣା ସଂସ୍ଥା (ଏସ୍‌ଭି ନିର୍‌ତାର), ଓଲଟପୁର, କଟକ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ସହଯୋଗ ମାଧ୍ୟମରେ ଦ ହିଲିଂ ହେଭେନ ନାମରେ ଏକ ଆଧୁନିକ ସେନ୍ସୋରି ପାର୍କ ସ୍ଥାପନ କରାଯିବ। ଓଏଚ୍‌ପିସି ଦ୍ୱାରା ସମ୍ପୂର୍ଣ୍ଣ ଅର୍ଥାନୁଦାନ ପ୍ରଦାନ କରାଯାଇଥିବା ଏହି ସେନ୍ସୋରି ପାର୍କ ୭,୬୦୦ ବର୍ଗ ଫୁଟ ଅଞ୍ଚଳରେ ବିକଶିତ ହେବ। ଏହା ବିଶେଷକରି ଅଟିଜମ୍ ସ୍ପେକ୍ଟ୍ରମ ଡିସ୍‌ଅର୍ଡର (ଏଏସ୍‌ଡି) ଥିବା ଶିଶୁମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସହାୟକ କେନ୍ଦ୍ର ଭାବେ କାମ କରିବ। ପାର୍କଟିରେ ସ୍ପର୍ଶ, ଗତି, ସମତୋଳନ, ଦୃଶ୍ୟ, ଶ୍ରବଣ ଓ ଘ୍ରାଣ ସମ୍ବେଦନାକୁ ଉତ୍ସାହିତ କରିବା ଭଳି ବିଭିନ୍ନ ସେନ୍ସୋରି ଉପାଦାନ ରହିବ, ଯାହା ଶିଶୁମାନଙ୍କର ଧ୍ୟାନକ୍ଷମତା, ଆଚରଣ ନିୟନ୍ତ୍ରଣ, ଚଳନ ଦକ୍ଷତା ଓ ସାମାଜିକ ମିଶ୍ରଣକୁ ସୁଦୃଢ଼ କରିବ। ଏହି ପାର୍କ ଏଡିଏଚ୍‌ଡି, ବିକାଶ ଅବରୋଧ, ସେରିବ୍ରାଲ ପଲ୍ସି, ସ୍ନାୟୁ ଓ ଅସ୍ଥି ସମ୍ବନ୍ଧୀୟ ରୋଗରେ ପୀଡ଼ିତ ବ୍ୟକ୍ତିମାନଙ୍କୁ ମଧ୍ୟ ଉପକୃତ କରିବ। ଏହି ବୁଝାମଣାପତ୍ରରେ ଓଏଚ୍‌ପିସି ପକ୍ଷରୁ ସନ୍ଦୀପ ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ) ଏବଂ ଏସ୍‌ଭି ନିର୍‌ତାର ପକ୍ଷରୁ ଡ. ପତିତପାବନ ମହାନ୍ତି, ନିର୍ଦ୍ଦେଶକ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଓଏଚ୍‌ପିସିର ମନୋଜ କୁମାର ମହାନ୍ତି, ଉପ-ମହାପ୍ରବନ୍ଧକ (ମାନବ ସମ୍ବଳ)ଙ୍କ ସହ ଏସ୍‌ଭି ନିର୍‌ତାରର ଉପ-ନିର୍ଦ୍ଦେଶକ ସତ୍ୟଜିତ ପଟ୍ଟନାୟକ ଓ ଅଡିଟ ଅଫିସର ସ୍ୱାଗତ ମିଶ୍ର ଉପସ୍ଥିତ ଥିଲେ।

# ଟ୍ରାଇଡେଣ୍ଟରେ ଆଇଡିଇ ବୁଟ୍ କ୍ୟାମ୍ପ୍

ଭୁବନେଶ୍ୱର, ୨୩।୧୨
(ଅନୁରାଧା ମହାରଣା)

ପିଏମ ଶ୍ରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ପାଇଁ ଉଦ୍ଭାବନ, ଡିଜାଇନ ଏବଂ ଉଦ୍ୟୋଗୀତା (ଆଇଡିଇ) ବୁଟ କ୍ୟାମ୍ପର ଦ୍ୱିତୀୟ ପର୍ଯ୍ୟାୟ ୨୨ରୁ ୨୪ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଟେକ୍ନୋଲୋଜିରେ ଆୟୋଜିତ ହେଉଛି। ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ, ଏଆଇସିଟିଇ ଏବଂ ଶିକ୍ଷା ମନ୍ତ୍ରଣାଳୟର ଉଦ୍ଭାବନ ସେଲ୍ (ଏମ୍‌ଆଇସି) ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ୱାଧୱାନୀ ଫାଉଣ୍ଡେସନ ସହଯୋଗରେ ହେଉଛି। ଏଆଇସିଟିଇ ଅଧ୍ୟକ୍ଷ ପ୍ରଫେସର ସୀତାରାମ ଟିଜି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଧୀରଜ ସାହୁ ଏବଂ ଏଆଇସିଟିଇ ଉପାଧ୍ୟକ୍ଷ ଡ. ଅଭୟ ଜେରେ ଏହି ବୁଟ କ୍ୟାମ୍ପରେ ସାମିଲ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ଯୁଗ୍ମ ସଚିବ କମଳଜିତ ଦାସ, ଏମ୍‌ଆଇସିର ମ୍ୟାନେଜିଂ ଏଡିଟର ବିକାଶ ବର୍ମା, ଭିଆଇଟି-ଏପି ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ଡ. ଦୃପ୍ତ ଦେ ଯୋର୍ଦ୍ଦାର ଏବଂ ୱାଧୱାନୀ ଟ୍ରେନର ଡ. ସପ୍ତପର୍ଣ୍ଣା ଘୋଷ ଉପସ୍ଥିତ ଥିଲେ। ଟିଏଟିର ପ୍ରିନ୍ସିପାଲ ପ୍ରଫେସର ଡ. ଡି.ଏନ୍. ପଟ୍ଟନାୟକ, ଡିନ୍ (ସ୍କୁଲ ଅଫ୍ କମ୍ପ୍ୟୁଟିଂ) ପ୍ରଫେସର ଡ. ଏ. କେ. ସାମଲ ଏବଂ ୧୯୦ରୁ ଅଧିକ ପ୍ରିନ୍ସିପାଲ ଓ ଶିକ୍ଷକ ଯୋଗଦେଇଥିଲେ।




# ନୂଆ ଶ୍ରମ ସଂହିତା କାର୍ଯ୍ୟକାରୀ ନେଇ ଏମ୍‌ସିଏଲ୍‌ର କର୍ମଶାଳା

ଭୁବନେଶ୍ୱର, ୨୩।୧୨
(ଅନୁରାଧା ମହାରଣା)



ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍) ପକ୍ଷରୁ ମଙ୍ଗଳବାର କୋଲ୍ ଇଣ୍ଡିଆରେ ନୂତନ ଶ୍ରମ ସଂହିତା କାର୍ଯ୍ୟକାରୀ କରିବା ପାଇଁ ରୋଡ୍‌ମ୍ୟାପ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋଲ୍ ଇଣ୍ଡିଆ ଲିମିଟେଡ୍ ଏବଂ ଏହାର ସହାୟକ ସଂସ୍ଥାଗୁଡ଼ିକରେ ନୂତନ ଶ୍ରମ ସଂହିତାର ଅନୁପାଳନ ଏବଂ କାର୍ଯ୍ୟକାରିତା ପାଇଁ ରଣନୀତି ଉପରେ ବିଶେଷ ଭାବରେ ଆଲୋଚନା କରାଯାଇଥିଲା। ଏମ୍‌ସିଏଲ୍‌ର ନିର୍ଦ୍ଦେଶକ (କାର୍ମିକ) କେଶବ ରାଓ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଡ. ବିନୟ ରଞ୍ଜନ, ନିର୍ଦ୍ଦେଶକ (କାର୍ମିକ), କୋଲ୍ ଇଣ୍ଡିଆ ଉଦ୍‌ଘାଟନୀ ଅଧିବେଶନରେ ଶ୍ରମ ସଂହିତା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଚ୍. ଏନ୍. ମିଶ୍ରଙ୍କ ସମେତ କୋଲଥ୍ ଇଣ୍ଡିଆ ସହାୟକ ସଂସ୍ଥାର ସମସ୍ତ ନିର୍ଦ୍ଦେଶକ (କାର୍ମିକ) ତଥା ସିସିଏଲର ମିଶ୍ର, ଏନ୍‌ସିଏଲ୍‌ର ମନୀଷ କୁମାର, ଏସ୍‌ଇସିଏଲ୍‌ର ବିରଞ୍ଚି ଦାସ, ଇସିଏଲ୍‌ର ଗୁଞ୍ଜନ କୁମାର ସିହ୍ନା ଏବଂ ଡବ୍ଲ୍ୟୁସିଏଲ୍‌ର ହେମନ୍ତ ଶରଦ ପାଣ୍ଡେ ଓ ଗୌତମ ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଡ. ଟି.କେ. ପଣ୍ଡା ଶିଳ୍ପନୀତି ଏବଂ ଅନୁପାଳନ ଉପରେ ନୂତନ ଶ୍ରମ ସଂହିତାର ପ୍ରଭାବ ଉପରେ ସେ ନିଜର ବିଶେଷଜ୍ଞ ମତାମତ ରଖିଥିଲେ। ସିଏମ୍‌ପିଡିଆଇର ନିର୍ଦ୍ଦେଶକ(ପ୍ରଯୁକ୍ତି/ସିଆର୍‌ଡି) ଶଙ୍କର ନାଗାଚାରୀ ଏବଂ ଇଣ୍ଡିଆନ ଅଏଲ (ଆଇଓସିଏଲ୍)ର ପୂର୍ବତନ ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ରଞ୍ଜନ କୁମାର ମହାପାତ୍ର ମଧ୍ୟ ବକ୍ତବ୍ୟ ରଖିଥିଲେ। ଗୌତମ ବାନାର୍ଜୀ କୋଲ ଇଣ୍ଡିଆର ରୋଲ୍‌ଆଉଟ ଯୋଜନା ଉପସ୍ଥାପନ କରିଥିଲେ।

# ୨୬୩ ଦିନରେ ୨୦୦ ନିୟୁତ ଟନ୍ ପରିବହନ

ଭୁବନେଶ୍ୱର, ୨୩।୧୨

ପୂର୍ବତଟ ରେଳପଥ ୨୦୨୫-୨୬ ମଧ୍ୟରେ ସବୁଠାରୁ କମ୍ ସମୟ ମଧ୍ୟରେ ମାତ୍ର ୨୬୩ ଦିନ ମଧ୍ୟରେ ୨୦୦ ଏମ୍‌ଟି ମାଲ ପରିବହନ ପରିଚାଳନାକରି ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି। ଏହି ସଫଳତା ୨୦୨୪-୨୫ରେ ପୂର୍ବତଟ ରେଳପଥର ଗତ ଶ୍ରେଷ୍ଠ ୨୯୦ ଦିନକୁ ଅତିକ୍ରମ କରିଛି। ୨୭ ଦିନ ପୂର୍ବରୁ ଅର୍ଥାତ୍ ୨୬୩ ଦିନରେ ଏହି ମାଇଲଖୁଣ୍ଟ ହାସଲ କରିଛି। ୨୦୨୩-୨୪ରେ ଏହି ପରିମାଣର ମାଲ ପରିବହନ ପାଇଁ ୨୯୫ ଦିନ ଲାଗିଥିବାବେଳେ ୨୦୨୨-୨୩ରେ ୩୧୦ ଦିନ ସମୟ ଲାଗିଥିଲା। ଏହା ବ୍ୟତୀତ ଡିସେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ୩୮୪.୨୦ ନିୟୁତ ଟନ୍ ମୋଟ ମାଲ ପରିବହନକରି ରେକର୍ଡ କରିଛି। ଯେଉଁଥିରେ ୨୦୨.୫୦ ଏମ୍‌ଟି ଲୋଡିଂ ଏବଂ ୧୮୧.୭୦ ଏମ୍‌ଡି ଅନ୍‌ଲୋଡିଂ କରାଯାଇଛି। ଏହା ୩୪୮.୭୦ ଏମଟି ମାଲ ପରିବହନ ତୁଳନାରେ ୧୦.୨% ସାମଗ୍ରିକ ଅଭିବୃଦ୍ଧି ହାସଲ କରିଛି, ଯେଉଁଥିରେ ପୂର୍ବ ବର୍ଷର ସମାନ ସମୟ ମଧ୍ୟରେ ୧୮୧.୫୪ ଏମ୍‌ଟି ଲୋଡିଂ ଏବଂ ୧୬୭.୧୬ ଏମ୍‌ଟି ଅନ୍‌ଲୋଡିଂ କରାଯାଇଛି।

# ଆଜିଠୁ ବରଗଡ଼ ଧନୁଯାତ୍ରା

- ବରଗଡ଼ ହେବ ମଥୁରା ନଗରୀ
- ଅମ୍ବାପାଲି ପାଲଟିବ ଗୋପପୁର

**ବରଗଡ଼,୨୩।୧୨(ପ୍ରେମାନନ୍ଦ ଖମାରୀ)** ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ବୁଧବାରରୁ ଆରମ୍ଭ ହେବ। ପରମ୍ପରା ଅନୁଯାୟୀ, ବରଗଡ଼ ଏମ୍‌ପି ପ୍ରଦୀପ କୁମାର ପୁରୋହିତ ଏବଂ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ସନ୍ଧ୍ୟା ୭ଟାରେ ସ୍ଥାନୀୟ ହାଟପଦାସ୍ଥିତ ରାଜ ଦରବାରରେ ଉକ୍ତ ମହୋତ୍ସବକୁ ଉଦ୍‌ଘାଟନକରିବା କାର୍ଯ୍ୟକ୍ରମ ରହିଛି। ୨୦୨୬ ଜାନୁଆରୀ ୩ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ଦୀର୍ଘ ୧୧ଦିନବ୍ୟାପୀ ବରଗଡ଼ ସହର ମଥୁରା ନଗରୀ ଏବଂ ଅମ୍ବାପାଲି ଗୋପପୁର ହେବ। ମଝିରେ ବୋହିଯାଇଥିବା ଜୀରାନଦୀ ଯମୁନା ପାଲଟିବ। ମଥୁରା ନଗରୀରେ କଂସ ରାଜୁତି ଏବଂ ଗୋପପୁରରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଦେଖିବାକୁ ମିଳିବ। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଯାଇଛି। ବିଗତ ବର୍ଷ ଭଳି ଏଥର ମଧ୍ୟ ମହୋତ୍ସବର ପ୍ରଥମ ୭ଦିନ ହାଟପଦା ମଞ୍ଚ ଏବଂ ଶେଷ ୪ଦିନ ଲୋକମଣ୍ଡପ ପଡ଼ିଆ ମଞ୍ଚ ରାଜ ଦରବାର ପାଲଟିବ। ଅନ୍ୟପଟେ ଲୋକମଣ୍ଡପ ପଡ଼ିଆ ମଞ୍ଚରେ ପ୍ରଥମ ୭ଦିନ ଏବଂ ହାଟପଦା ମଞ୍ଚରେ ଶେଷ ୪ଦିନ ରଙ୍ଗମହଲ ଦୃଶ୍ୟାଭିନୟ ଅଭିନୀତ ହେବ। ଧନୁଯାତ୍ରା ମହୋତ୍ସବକୁ ସ୍ୱାଗତ କରିବା ପାଇଁ ବୁଧବାର ଅପରାହ୍ନ ୨ଟାରୁ ସ୍ଥାନୀୟ ଗାନ୍ଧିଛକରୁ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମାକରି ସମଲେଶ୍ୱରୀ ମନ୍ଦିର ଅଭିମୁଖେ ବାହାରିବ। ଧନୁଯାତ୍ରା ମହୋତ୍ସବର ପ୍ରଚାରପ୍ରସାର କମିଟି ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ୨୦ରୁ ଅଧିକ ସାଂସ୍କୃତିକ ଦଳ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ତେବେ ଗତବର୍ଷ ଭଳି ଏଥର ମଧ୍ୟ ଜି.ଡି. ଗୋୟଲ ଧର୍ମଶାଳା କଂସଙ୍କ ରାଜମହଲ ହେବ ବୋଲି ଧନୁଯାତ୍ରା ମହୋତ୍ସବ ସମିତିର ଆବାହକ ସୁରେଶ୍ୱର ଶତପଥୀ କହିଛନ୍ତି। ସେହିପରି ମହୋତ୍ସବକୁ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ଏସ୍‌ପି ପି.ଏସ୍. ମୀନା କହିଛନ୍ତି।


## OFFICE OF THE CHIEF DISTRICT MEDICAL & PUBLIC OFFICER, KALAHANDI

Letter No. 8621/ Dt.19.12.2025

### TENDER CALL NOTICE

**No.E-616** : Sealed Tenders are invited from intending firms / suppliers / wholesalers to Request for Proposal (RFP) for Selection of Agency for AMC of Pest Control Services at Govt. Health Institutions for CDM&PHO, Kalahandi for the Year 2025-26. The last date of Submission of Tender is Dt.12.01.2026 at 4.00 P.M. by Speed Post/Registered Post/Courier only. For details information please visit the website https://kalahandi.odisha.gov.in/

Sd./- Chief District Medical & PHO, Kalahandi

OIPR-10076/11/0019/2526

---

NO.KK-308

## ODISHA UNIVERSITY OF TECHNOLOGY AND RESEARCH
## P.O.: MAHALAXMI VIHAR, BHUBANESWAR-751 029

Tender Notice No. OUTR/SMS-Robotics/2025-26/28Date:16-12-2025

**Online-Tenders through e-procurement** under two bid systems are invited from Original Equipment Manufacturers/Distributers/Authorised Dealers for "Supply of Laboratory Equipment and Software for **Robotics Laboratory** of School of Mechanical Sciences"at **OUTR, Bhubaneswar**"

Date & Time of available inTenders Odisha Portal:17-12-2025 at 06.00 p.m.

Last date and time of submission of Bid:08-01-2026 upto 6.00 p.m.

For details : Please visit : http://tendersodisha.gov.in&http://www.outr.ac.in

For Technical query please contact:Prof.Saroj Kumar Pradhan, Phone No- 9437157631,Email:- skpradhan@outr.ac.in

OIPR-16005/11/0144/2526 Sd./- REGISTRAR

---

NO.KK-309

## ODISHA UNIVERSITY OF TECHNOLOGY AND RESEARCH
## P.O.: MAHALAXMI VIHAR, BHUBANESWAR-751 029

Tender Notice No. OUTR/SES-BEE/2025-26/29Date:16-12-2025

Online-Tenders through e-procurement under two bid systems are invited from Original Equipment Manufacturers/Distributor/Authorised Dealers for "Supply of DC Shunt Motor Generator set for Basic Electrical Engineering Laboratory of School of Electrical Sciences" at OUTR, Bhubaneswar.

Date & Time of available in Tenders Odisha Portal:17-12-2025 at 06.00 p.m.

Last date and time of submission of Bid : 08-01-2026 upto 6.00 p.m.

For details : Please visit : http://tendersodisha.gov.in&http://www.outr.ac.in

For Technical query please contact : Prof.Minakhi Behera, Phone No-8895638889,Email:- mbeheraee@outr.ac.in

OIPR-16005/11/0143/2526 Sd./- REGISTRAR

---

## ORISSA WATER SUPPLY & SEWERAGE BOARD

e-mail: eicowssb@gmail.com, Ph: 0674-2571185

**Bid Identification No.05/OWSSB of 2025-26 dt. 19.12.2025**

**No.CAD-2796** : Name of the work: Request for Proposal (RFP) for Providing Consultancy Services for the work "Preparation of Detailed Project Report for abatement of pollution in Sapua & Bahana Nallahs of Berhampur City through Interception & Diversion (I&D) with treatment facilities".The notice can be seen in the Govt. website i.e. www.odisha.gov.in and complete bid document can be viewed/ downloaded from e-procurement portal of State Government https://tendersodisha.gov.in from 24.12.2025 (16.00 hrs. IST) to 13.01.2026 up to (16.00 hrs. IST)

Sd./- Engineer-in-Chief, OWSSB

OIPR-32497/11/0008/2526

---

## OFFICE OF THE PANCHAYAT SAMITI, BEGUNIAPADA

Government of Orissa

Odisha, Pin-761031, e-Mail: ori-kodala@nic.in

Lt.No.4121 Dated:18.12.2025

### e-PROCUREMENT NOTICE

**BID IDENTIFICATION No. BPADAPS-1/2025-26**

No.i-435: The Block Development Officer, Beguniapada on behalf of Governor of Odisha invites percentage rate bids in single cover system from eligible class contractor registered with the State Govt. and bidders of equivalent grade/class registered with Central Govt./MES/Railways according to norm of e-procurement system in online mode for the work as per DTCN.

1. Name of the Work : Civil Works, 2. Number of Work: 04 Nos., 3. Estimated Cost: As per DTCN., 4. Period of Completion : As per DTCN., 5. Date and Time of availability of Bid document in the Portal: From 10.00 AM of Dt.20.12.2025 to 5.00 PM of Dt.16.1.2026., 6. Last date and time for receipt of Bid in the Portal : 5.00 PM of Dt.16.1.2026., 7. The bid received online shall be opened on 11.30 AM of dtd.19.1.2026. Name and address of the Officer Inviting Bid: Block Development Officer, Beguniapada. Further details can be seen from the Procurement Portal: www.tendersorissa.gov.in.

Sd./- Block Development Officer Beguniapada

OIPR-19417/11/0010/2526

---

## OFFICE OF THE CHIEF EXECUTIVE, RPRC, BHUBANESWAR

(e-mail Id: rprcbbsr@gmail.com)

No-2113/2025/RPRC Tel-(0674)-2557925 Date: 20.12.2025

### REQUEST FOR PROPOSAL

**Bid Identification No. RPRC/ 44 / 2025-26**

**No.MM-419** : The Chief Executive, RPRC, Bhubaneswar on behalf of Forest, Environment & Climate Change Department, Govt. of Odisha invites RFP for "Selection of a Printing agency for Designing, Printing, Bindings and Supply of Books, Reports, Publications etc. to RPRC, Bhubaneswar" from eligible bidders through e-tendering process though two bid system. The bidders fulfilling the eligibility criteria of the RFP document can access and download the complete RFP and other details from RPRC website www.rprcbbsr.in / e-portal https://rprc.ewizard.in. The bid calendar under the end-to-end process are-

| EMD in Rs. | Cost of Bid Document in Rs. | Availability of RFP document (online) | | Date of Opening of (Technical Bid) |
|---|---|---|---|---|
| | | From | To | |
| 20,000/- (online) | 6,000.00 (On line) | 20.12.2025/ 10.00 A.M. | 05.01.2026/ 10.00 A.M. | 05.01.2026/ 11.30 A.M. |

Addendum/ Corrigendum/ Cancellation, if any, will be published in RPRC website and e- portal. Bidder needs to register on the portal after successful Registration and send a mail to eprochelpdesk.101@gmail.com with details (For New Bidders). For any other queries regarding registration & online tender submission contact to: Mr. Shivendra Kumar, Mobile- **9355030613** and Jitesh Kumar, Mobile- **9355030604**, e-mail: eprochelpdesk.101@gmail.com

Sd./- Administrative Officer RPRC, Bhubaneswar

OIPR-08004/11/0053/2526

---

## NOTIFIED AREA COUNCIL, DIGAPAHANDI GANJAM, ODISHA, PIN-761012

Ph:06814-295053, E-mail:dgp_nac@yahoo.com

Letter No. 3194/DIGNAC Date:20.12.2025

### E-Procurement Notice

**BID IDENTIFICATION NO.DIGNAC-06/2025-26/**

No.C-1859: **TENDER ID-2025_ORULB_123601**

| | | |
|---|---|---|
| 01 | Procurement Officer-Publisher/ Officer Inviting the Tender/Bids (OIT) | Executive Officer, NAC Digapahandi |
| 02 | Name of the Works/Packages | Individual Civil Construction Works as published in the website |
| 03 | Nos. of Works | 27 Nos. |
| 04 | Estimated Cost (Including all taxes) | Rs 64755.00 to 687708.00 |
| 05 | Date & Time of availability of RFP in the portal | From 11.00 hours of dtd.21.12.2025 to 17.30 hours of dtd.31.12.2025 |
| 06 | Last date/time for receipt of bids in the portal (Submission of Technical Bids & Financial Bids) through online | 17.30 Hours of 31.12.2025 |
| 07 | Date & Time of Opening of the Bids | Technical Bid- 11.00 AM hours of Dtd.02.01.2025 Financial Bid to be intimated in the conference hall of NAC, Digapahandi (if any holiday, then the tender will open in next working day |

N.B.: Further more details can be seen in the DTCN available in the e-Procurement portal i.e. https://tendersodisha.gov.in.

Sd./- Executive Officer, NAC, Digapahandi, Ganjam

OIPR-13117/11/0034/2526

---

## OFFICE OF THE CHIEF DISTRICT MEDICAL OFFICER, KENDRAPARA
## DISTRICT PROGRAMME MANAGEMENT UNIT

E-Mail : nhmkendrapara@gmail.com, Ph. No. (06727) 233363

Notice No. : 8032/DPMU/NHM/2025 Date : 19.12.2025

**NOTICE FOR SELECTION OF AGENCY FOR OUTSOURCING OF HOUSEKEEPING SERVICES UNDER NIRMAL SCHEME AT GOVT HEALTH INSTITUTION OF KENDRAPARA DISTRICT**

**No.E-610** : Sealed proposals as per the prescribed RFP document are invited from interested eligible bidders for Outsourcing of Housekeeping services under Nirmal Scheme at the O/O CDM & PHO cum DMD, Kendrapara. The eligibility criteria, the terms of reference and the formats for submission of bid are set forth in the RFP document, which can be downloaded from the website "**https://kendrapara.odisha.gov.in**". The details of the draft tender document for selection of Agency Housekeeping Services under Nirmal at Govt.Health Institution are mentioned in the RFP document. The bidders have to submit their proposals with all required documents to reach O/o-CDM & PHO cum DMD, Dist- Kendrapara on or before **Dt.09.01.2026 (05.00PM)**. The Bidders / authorized representative may remain present at the time of opening of proposal at the Office chamber of CDM & PHO cum DMD, Kendrapara. The undersigned reserves the right to reject any or all the proposals without assigning any reason thereof.

Sd./- CDM & PHO cum DMD, NHM Kendrapara

OIPR-10018/11/0026/2526

---

ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ବଣାଇଁ ବନଖଣ୍ଡ

## OFFICE OF THE DIVISIONAL FOREST OFFICER: BONAI FOREST DIVISION

At/Po- Bonaigarh, Dist. Sundargarh-770038

Email- dfo.bonai@odisha.gov.in

No.342 / 1F (Acct.)- Dated 19.12.2025

### INVITATION FOR BIDS

No.MM-417: **Bid Identification No.5 Online**

| | | | |
|---|---|---|---|
| | The Divisional Forest Officer, Bonai on behalf of Governor of Odisha invites percentage rate bids in Single cover system in ONLINE MODE. | | |
| 1. | Nature of Works | : | Construction of Check Dam |
| 2. | No. of Works | : | 2 (Two) |
| 3. | Bid Cost | : | 6,000/- & 4,000/- |
| 4. | Estimated Cost | : | Rs.43.36 lakhs to Rs.18.92 Lakhs |
| 5. | Class of Contractor | : | "B" Class, "C" Class & "D" Class |
| 6. | Date & Time of availability of the Tender documents | : | 20 Dec-2025 to 29th Dec-2025 upto 5.30 P.M. |
| 7. | Last date & time of receipt of bids in portal | : | 29th Dec-2025 upto 5.00 P.M. |
| 8. | Date of Opening of Bid | : | 30th Dec- 2025 at 11.00 AM |
| 9. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/ cancellation of tender can also be seen in the said website only. | | |

Sd./- Divisional Forest Officer Bonai Division

OIPR-08040/11/0021/2526

---

ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢ଼ାଖୋଲ

## OFFICE OF THE NOTIFIED AREA COUNCIL, REDHAKHOL, (ODISHA), DIST - SAMBALPUR

E-mail : eonacrdl@gmail.com

### 'e' Procurement NOTICE

No.3089/NAC Dt.18.12.2025

**Bid Identification No. RDL NAC-5/2025-26**

**Tender ID-2025_ORULB_123544**

**No.C-1849** : The Municipal Executive Officer on behalf of NAC Redhakhol Invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil works/Others : (04) numbers
2. Estimated Costs : 1.68 lakh to 5.11 lakh
3. Period of completion : As per NIT
4. Date and time of availability of the bid documents in the portal : from 06.55 P.M. of 19.12.2025 to 04.00 P.M. of 29.12.2025
5. Last Date/Time for receipt of bids in the portal : 04.00 P.M. of 29.12.2025
6. Bids will be opened on : 04.30 P.M. of Dt. 29.12.2025
7. Name and address of the officer inviting bid : Executive Officer, NAC, Redhakhol

Sd./- Executive Officer NAC, Redhakhol

OIPR-13175/11/0014/2526

---

## GOVERNMENT OF ODISHA
### e-Procurement Notice, ANGUL (R&B) DIVISION
### Bid Identification No. 49 of 2025-26

No.B-861 e-mail ID - angulrbdivision@yahoo.co.in

1. Number of Works : 01 (One) number of electrical work
2. Approximate estimated cost : Rs.21.32 lakh
3. Period of completion : 02 (Two) Calendar months
4. Date & Time of availability of bid document in the portal : **Dt.23.12.2025 at 10.00 A.M.**
5. Last date / time for receipt of bid in the portal : **Dt.29.12.2025 up to 5.00 P.M.**
6. Date of opening Bid : **Dt.30.12.2025 at 11.00 A.M.**
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders must participate in **ONLINE** bidding only. Further details can be seen from the e-procurement portal https:/tendersodisha.gov.in

Sd./- Superintending Engineer, Angul (R&B) Division

OIPR-34074/11/0038/2526

---

## DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA

Nayapalli, Bhubaneswar-751012

Ph:2394336, 2395338, 2396072 (Hostel) Fax:2391954

E-mail: sihfwodisha@nic.in & sihfwodisha@gmail.com

Tender Notice No.SIHFW-COMIN-MISC-0011-2025//4975 Dt.22.12.2025

**NOTICE INVITING TENDER FOR SELECTING AN AGENCY IN RESPECT OF "TABLEAU FOR REPUBLIC DAY, 2026"**

No.E-620: Sealed tenders are hereby invited from experienced tableau fabricators/ designers for the designing and fabrication of a Tableau to be showcased during the State Level Republic Day Celebration, 2026 at Bhubaneswar. The detailed terms and conditions alongwith the specifications of the items to be designed and supplied are available on the official websites of the Directorate of SIH&FW, Odisha (http://sihfwodisha.nic.in) and the Government of Odisha (https://www.odisha.gov.in/tender.in), which may be downloaded by interested parties. Firms willing to participate are requested to submit their tenders, clearly super-scribed as "Tender for Designing & Fabrication of Tableau for Republic Day Parade, 2026," by Speed Post to the undersigned on or before 4.30 PM of 13th January, 2026. The Pre-Bid meeting will be held on 29.12.2025 at 3.00 P.M. in the L.T of this Directorate.

Sd./- Director State Institute of Health & Family Welfare, Odisha

OIPR-10003/11/0318/2526

---

## CORRIGENDUM NOTICE

### Notice : Extension of EOI Submission Dates

**No.MM-421** : In response to requests from participants and stakeholders, the submission dates for the EOI for preparation of DPR for development of proposed Blue Flag Beaches at Pir Jahania (Astaranga), Beleswar Beach and Tourist Beach at Phulpatna, Puri, Odisha have been extended.

**Revised Schedule :**

1. Last date for submission of application with application fee (DD): **27/12/2025 up to 5:30 PM** (extended from 20/12/2025).
2. Submission of detailed plan of execution before the committee: **29/12/2025 at 11:00 AM** (rescheduled from 22/12/2025).

Sd./- Divisional Forest Officer Puri (WL) Division, Puri

OIPR-08140/11/0025/2526

---

## OFFICE OF THE EXECUTIVE ENGINEER (AGRIL.), PURI DIVISION, PURI

e-mail: eeag-puri@gov.in

Order No.2602 Date:20.12.2025

### CORRIGENDUM

No.L-140: Subject: Modification to the notice for the work "Upgradation of Office Chambers, seating arrangements of office staffs & repair of 2 nos. of toilets of CDAO, Puri, Dist-Puri" as detailed below.

Tender reference No.- **EE(Agril.), Puri Division, Puri-02/2025-26**

Tender ID- **2025_AGRIL_123498_1**

| Sl. No. | Stages | Previous date & time | Revised date & time |
|---|---|---|---|
| 1 | Online Bid Submission closing Date | 28.12.2025 @5.00 PM | 30.12.2025 @5.00 PM |
| 2 | Last date of Physical document submission | 29.12.2025 @5.00 PM | 01.01.2026 @5.00 PM |
| 3 | Date & Time of opening of Technical Bid | 30.12.2025 @11.00 AM | 02.01.2026 @11.00 AM |

All other terms and conditons of the original RFP document shall remain unchanged.

OIPR-01479/11/0014/2526 Sd./- Executive Engineer (Agril.), Puri Division, Puri

---

No.O-1834

## GOVERNMENT OF ORISSA
## OFFICE OF THE SUPERINTENDING ENGINEER
## RURAL WORKS DIVISION, KARANJIA (MAYURBHANJ)

E-mail ID : eerwkaranjia@yahoo.com

Order No. //WE Date :

**"E" Procurement Notice for Construction of Building Works for year 2025-26**

**Bid Identification No. - RWDKNJ - 12/2025-26. (Building)**

1. Name of the work : **Construction and repair/renovation of buildings (Res & Non-Res) for the year 2025-26 under Rural Works Division, Karanjia in the District of Mayurbhanj (Details as per Annexure)**, 2. Estimated Cost : **Rs.16.81 to 42.78 Lakhs (Approximately)**, 3. Class of Contractor : **'B' and 'C' Class (of Odisha P.W.D.)**, 4. Period of Completion : **As per Annexure**, 5. Tender Paper Cost : Rs.6,000/-

| Procurement Officer | Bid Identification No. | Availability of tender Online for bidding | | Last date & time of seeking Tender Clarification | Date & Time of Opening of Tender in O/o S.E.R.W. Division, Karanjia Technical & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| **Executive Engineer, Rural Works Division, Karanjia** | RWDKNJ-12/24-25 Building | **Dt.23.12.2025 at 11.00 A.M.** | **Dt.31.12.2025 upto 5.00 P.M.** | **Dt.30.12.2025 upto 1.00 P.M.** | **Dt.01.01.2026 at 12.00 P.M.** |

Further details can be seen from the website www.tendersodisha.gov.in

Sd./- Executive Engineer R.W. Division, Karanjia

OIPR-25086/11/0036/2526

---

ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର

## OFFICE OF THE NOTIFIED AREA COUNCIL, PADAMPUR

PO-Rajborasambar, Dist-Bargarh (Odisha), Pin-768036

Email- nac.padampur@gmail.com

ପତ୍ରସଂଖ୍ୟା ୩୩୫୯ / ତାରିଖ:୨୦.୧୨.୨୦୨୫

### ନୋଟିସ୍

No.C-1855:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନସ୍ଥ ଦୈନିକ ବଜାରଠାରେ ୨୨ (ବାଇଶ) ଗୋଟି ଦୋକାନ ଗୃହ ନିର୍ମାଣ କରାଯାଇଅଛି । ଯାହାର ମାସିକ ଭଡ଼ା ଟ.୧୦୦୦.୦୦ ଧାର୍ଯ୍ୟ କରାଯାଇଅଛି । ଉକ୍ତ ଦୋକାନ ଗୃହ ପାଇଁ ଯେଉଁମାନେ ଧାର୍ଯ୍ୟ ଭଡ଼ାଠାରୁ ଅଧିକ ଦେବାପାଇଁ ଇଚ୍ଛୁକ ଦୋକାନୀମାନେ ତା.୨୨.୧୨.୨୦୨୫ ରିଖ ଠାରୁ ତା.୨୯.୧୨.୨୦୨୫ ରିଖ ମଧ୍ୟରେ ପରିଷଦ କାର୍ଯ୍ୟାଳୟ ଠାରୁ ଆବେଦନ ଫର୍ମ ମୂଲ୍ୟ ଟ.୧୦୦.୦୦ ଦେଇ ଫର୍ମ ଗ୍ରହଣ କରି ତା.୩୦.୧୨.୨୦୨୫ ଅପରାହ୍ନ ୦୧.୦୦ ଘଟିକା ମଧ୍ୟରେ ରେଜିଷ୍ଟ୍ରି ଡାକ/ସ୍ପିଡ୍ ପୋଷ୍ଟ ଦ୍ୱାରା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ନିର୍ଦ୍ଧାରିତ ତାରିଖ ଓ ସମୟ ପରେ ଆସିଥିବା କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ । ଆବେଦନକାରୀ ନିମ୍ନଲିଖିତ ସର୍ତ୍ତାବଳୀ ଓ ଦସ୍ତାବିଜ ସଂଲଗ୍ନ ସହିତ ଆବେଦନ କରିବେ ।

**ସର୍ତ୍ତାବଳୀ**

୧.ପଦ୍ମପୁର NACର ସ୍ଥାୟୀ ବାସିନ୍ଦା ହୋଇଥିବେ ।
୨.ପୂର୍ବରୁ ଉଚ୍ଛେଦ ହୋଇଥିବା ଦୋକାନୀଙ୍କୁ ଅଗ୍ରାଧିକାର ଦିଆଯିବ ।
୩. ଚୟନ ବ୍ୟକ୍ତି ଅମାନତ ଜମା ବାବଦକୁ ଟ.୧,୦୦,୦୦୦.୦୦ (ଏକ ଲକ୍ଷ) ଜମା କରିବେ ।
୪. ଆବେଦନ ଫର୍ମରେ ମାସିକ ଭଡ଼ା ଦର୍ଶାଇବେ ।
୫. ଆଧାର କାର୍ଡ / ଭୋଟର କାର୍ଡର ଜେରକ୍ସ ନଥି କରିବେ ।
୬. ପାସପୋର୍ଟ ଫଟୋ ୧ ଗୋଟି ଓ Street Vendor ପ୍ରମାଣପତ୍ର /Trade License Certificate

କର୍ତ୍ତୃପକ୍ଷ ସର୍ବୋଚ୍ଚ ଟେଣ୍ଡର ଏବଂ ସମସ୍ତ ଆବେଦନ ଗ୍ରହଣ କରିବାକୁ ବାଧ ନୁହନ୍ତି । ଏହାଛଡା କର୍ତ୍ତୃପକ୍ଷ ଚାହିଁଲେ କୌଣସି କାରଣ ନ ଦର୍ଶାଇ ନୋଟିସ ରଦ/ନାକଚ କରିପାରିବେ ।

ସ୍ୱା./-ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର

OIPR-13118/11/0059/2526

---

No.i-433

## GOVERNMENT OF ODISHA
## OFFICE OF THE BLOCK DEVELOPMENT OFFICER, PANCHAYAT SAMITI, KHANDAPADA
## P.R & D.W DEPARTMENT

E-Mail ID : ori-khandapada@nic.in

**"e" Procurement Tender Call Notice for Building Works**

**Tender Call Notice No. & Bid Identification No. - Online Tender / 01/ 2025-26**

1. Name of the work : Building works, 2. Total Number of works : 1 No, 3. Approx. Estimated cost : Rs.15.00 lakhs, 4. Class of Contractor : C & D Class of Contractor, 5. Period of Completion : 6 months (180 days), 6. Other details :

| Procurement Officer | Bid Identification No. | Availability of tender Online for bidding | | Last date & time of seeking Tender Clarification | Date and time of opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Block Development Officer, Khandapada | Online Tender / 02/2025-26 | Dt.24.12.2025 at 10.00 A.M. | Dt.03.01.2026 upto 5.00 P.M. | Dt.03.01.2026 upto 1.00 P.M. | Dt.05.01.2026 at 04.00 P.M. |

Further details can be seen from the website www.tendersodisha.gov.in

Sd./- Block Development Officer Khandapada

OIPR-19151/11/0008/2526

---

## BOARD OF SECONDARY EDUCATION, ODISHA, CUTTACK

Notification No.3054/ (Exam, Conf-III)/ Dt.20.12.25

### Entrance Test for Adarsha Vidyalayas (OAVET & OMAVET), 2026

**N-239:**It is hereby informed to all concerned that the OAV Entrance Test & OMAV Entrance Test, 2026 for Class-VI, VII, VIII & IX will be held on 09.01.2026. The number of questions, maximum marks for each examination with the timing of conduct of examination are given below:-

| Sl. No. | Exam Class | Timings | No. of MCQs | Maximum Marks |
|---|---|---|---|---|
| 01. | Class-VI | 10.00 am to 12.00 Noon | 60 | 60 |
| 02 | Class-VII, VIII & IX | 10.00 am to 1.00 P.M. | 100 | 100 |

The admit cards will be available in the website www.bseodisha.ac.in from 30.12.2025, which can be downloaded by the candidates by logging in with their Name, Father's Name & Class.

OIPR-27004/11/0137/2526 Sd./- Secretary

---

## BRAHMAPUR DEVELOPMENT AUTHORITY

Court Road, Courtpeta, Brahmapur, Ganjam, Odisha, Pin-760004

www.bdabrahmapur.in, e-mail:bedaengineers@gmail.com, Phone No.0680-2292797

NATIONAL COMPETITIVE BIDDING THROUGH e-PROCUREMENT

### INVITATION FOR BIDS (IFB)

No.CAD-2799 No.904/BeDA (Engg.), Dt.20.12.2025

| Sl. No. | Name of Work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|---|
| | | | | | | From | To | |
| 1 | Construction of Interior work for Millet Cafe in Subhadra Shakti Bazar, Kamapalli, Brahmapur | EM-BeDA-87/2025-26 | 16.96 | "D" Class or Equivalent | 01 (One) Calendar Month | 21.12.2025 10.00 Hours | 30.12.2025 17.30 Hours | Engineer Member, Brahmapur Development Authority, Courtpeta, Brahmapur, 760004 |

- **All Corrigendum and addenda shall be published in official website only.**
- **The Bidder shall have to participate in ONLINE bidding only.**
- **Further details can be seen from the e-Procurement portal www.tendersodisha.gov.in and www.bdabrahmapur.in**
- **Tender shall be opened online on Dt.31.12.2025 at 11 Hours.**

Sd./- Engineer Member Brahmapur Development Authority, Brahmapur

OIPR-13086/11/0015/2526

---

## District Mineral Foundation Trust

Angul, Odisha

Tele : 06764-230745 / E-mail : dmfangul@gmail.com

**EoI No. 1099** **Date : 20.12.2025**

### EXPRESSION OF INTERESTS (EoI)

**Empanelment of Central/State Public Sector Undertakings (PSUs) for carrying out various Civil Works to be executed by District Administration, Angul under District Mineral Foundation Trust (DMFT), Angul.**

**No.CAD-2801** : The **District Administration, Angul invites Expression of Interests (EOI) from Central/ State Level Public Sector Undertakings (CPSUs/SPSUs)** to be associated as Collaborative Partner Organization (CPO) for execution of various Infrastructural Development works executed by District Administration under DMFT, Angul. The contract will be initially for a period of 03 years which can be extended for further period/s based on mutual consent of both the parties as per the requirement.

Interested Central/State Level Public Sector Undertakings (PSUs) are requested to download the Expression of Interest (EOI) documents from the District website **https://angul.odisha.gov.in/en** available from 22/12/2025. Queries pertaining to the EOI document can be sent to the DMF Cell in the mail ID - **dmfangul@gmail.com** by 31/12/2025 (up to 05.30 P.M.).

The **last date for receipt of the EoIs is 10/02/2026**. All the EoIs must be sent to the O/o - The Chief Executive, District Mineral Foundation Trust, Angul, AT - Red Cross Bhawan, Collectorate Campus, Angul, Odisha, Pin-759122 through Regd./ Speed Posts only during office hours. No other mode of submission of the EOI will be accepted.

Sd./- Collector & Chairperson-cum-Managing Trustee, DMFT, Angul

OIPR-30027/11/0001/2526

---

No.O-1824

## GOVT. OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE : KEONJHAR

email : se_nerwkjr@rediffmail.com

**ePROCUREMENT Notice for Road Works under Periodical Maintenance**

**Identification No.NCB-37/RWCKJR/2025-26**

**No. 5421 // Date : 16.12.2025//**

1. Name of the work : Periodical renewal Work of 5 year completed PMGSY (Post DLP) roads for Financial Year : 2025-26 under State Budget Grant in the District of Keonjhar, 2. Package No. : **PM-KJR-06**, 3. Estimated Cost : Rs.118.64 Lakhs (Approximately), 4. Class of Contractor (Eligible) : **'B' & 'A' Class of Contractor**, 5. Period of Completion : **02** (Two) Calendar Months, 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-37/ RWCKJR /2025-26 | Dt.23.12.25 at 11.00 A.M. | Dt.06.01.26 up to 5.00 P.M. | Dt.05.01.26 up to 5.00 P.M. | Dt.07.01.26 at 11.00 A.M. | Will be intimated later |

- **Further details can be seen from the website : www.tendersorissa.gov.in**

OIPR-25177/11/0122/2526 Sd./- Chief Construction Engineer, R.W. Circle, Keonjhar

---

Email ID - eeliangul@gmail.com

## ODISHA LIFT IRRIGATION CORPORATION LIMITED

(A Government of Odisha Undertaking)

## OFFICE OF THE EXECUTIVE ENGINEER, L.I. DIVISION, ANGUL

### e- Tender Notice

**Bid Identification No E.E. ANGUL (OLIC) 04/2025-26 Date 20.12.2025**

**No.CAD-2798:**The Executive Engineer, Lift Irrigation Division, Angul, Odisha, invites tender on behalf of the Managing Director, OLIC Ltd,. Bhubaneswar through e-procurement in shape of percentage rate bids in online mode only for the work "Revival & Reinforcement of following L.I. Projects under Athamallik, Kaniha, Kishorenagar & Talcher blocks in Angul district on turn-key basis as detailed in the table below. The contractors must have valid Civil license of requisite class as per the Tender Call Notice and valid H.T. license and validity of both the licenses should be for a period at least 1 month from the date of the opening of the tender. Valid Joint Venture agreement should be made between Civil and Electrical Licences in case of separate Licences, where Civil Licence holder will be treated as prime contractor as because of the evaluation to be done under the capacity of PWD Contractor. The H.T. Electrical License should be issued by E.L.B.O. & Valid Civil Licence should be registered within the State, issued by PWD/ PHED/ RWSS/ Irrigation/ M.I. Deptt./ Rural works. The scanned copy of the joint venture agreement should be uploaded along with the bid, any deviations found will be summarily rejected. The bids should be submitted online on the website: **www.tendersodisha.gov.in.**

**1. Name of Works :** Revival and Reinforcement of River Lift Projects with supply of all materials on Turnkey basis. **2. Total Nos. of Packages :** 7 Nos **3. Approximate Estimated Cost :** Rs. 7.612 Lakh to Rs. 14.141 Lakh **4. Class of Contractor :** "D" &"C" valid civil Class with H.T. valid Licence. **5. Period of completion :** 90 Days from the date of issue of work order. **6. Other details as follows.**

| Procurement Officer | Bid Identification No. | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the Office of the Executive Engineer, L.I.Division, Angul |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I.Division, Angul | 04/2025-26 | 24.12.2025 10.00 AM | 02.01.2026 Upto 5.00 P.M. | 30.12.2026 Upto 5.00 PM | 03.01.2026 11.00 AM |

- **Details can be seen from the Website www.tendersorissa.gov.in / www.angul.odisha.gov.in.**
- **Any Corrigendum/ Addendum will be displayed in the above website only.**

Sd./- (Er. Debaraj Sethi) Executive Engineer, L.I. Division, Angul

OIPR-32547/11/0005/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଅଂଶୁମାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏସ୍‌ଓବି-ଓଡ଼ିଶାର ଫୁଟସାଲ୍ ରାଜ୍ୟ ଚୟନ ଶିବିର

**ଭୁବନେଶ୍ୱର, ୨୩।୧୨(ତପନ ସ୍ୱାଇଁ)**

ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓପନ୍ ଲର୍ନିଂ ସିଷ୍ଟମ୍ସ (ଓଏଲ୍‌ଏସ୍) ପରିସରରେ ସ୍ପେଶାଲ୍ ଅଲିମ୍ପିକ୍ ଭାରତ (ଏସ୍‌ଓବି)-ଓଡ଼ିଶା ଦ୍ୱାରା ଫୁଟ୍‌ସାଲ ରାଜ୍ୟ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୫୫ ପ୍ରତିଯୋଗୀ ଓ ପ୍ରଶିକ୍ଷକ ଭାଗ ନେଇଥିଲେ। କଟକର ଆଶୁତୋଷ ପଟ୍ଟନାୟକ, ମହମ୍ମଦ ୱାସିମ୍ ଅଖ୍ତର ଓ ମୀନା ରାଓ, ଖୋର୍ଦ୍ଧାର ଦଧୀଚି, ସ୍ୱୟଂଶୁ ମିଶ୍ର, ଝରଣା ଦାସ ଓ ରିତ୍ୱିକ୍ ପଟ୍ଟନାୟକ, ବରଗଡ଼ର ଦୀପିକା କୁମ୍ଭାର ଓ ସୀମା ପଟେଲ, ବାଲେଶ୍ୱରର ରଣଜିତ ଖୁଣ୍ଟିଆ, କେନ୍ଦୁଝରର ବାସନ୍ତୀ ମହନ୍ତ ଓ ସୋନାଲି ନାୟକ, ସୋନପୁରର ଶ୍ୱେତରାଜ୍ ସାମଲ ଆଗାମୀ ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସୋନପୁରର ତ୍ରିନାଥ ସାମଲ, ଖୋର୍ଦ୍ଧାର ନିରଜ୍ ସିଂ, କଟକର ସସ୍ମିତା ରାଉତରାୟ ଓ ବରଗଡ଼ର ବିଭୀଷିକା ବେହେରା ପ୍ରଶିକ୍ଷକ ଭାବେ ଆସନ୍ତା ଜାନୁଆରୀ ୭ରୁ ୧୧ ପର୍ଯ୍ୟନ୍ତ ଦିଲ୍ଲୀଠାରେ ହେବାକୁଥିବା ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ଦଳ ସହ ରହିବେ। ଚୟନ ପ୍ରକ୍ରିୟାକୁ ସସ୍ମିତା ମହାପାତ୍ର, ଅର୍ପିତା ମହାପାତ୍ର, ବିବେକାନନ୍ଦ ମହାନ୍ତି ଓ ସରିତା ରାଉତରାୟ ପରିଚାଳନା କରିଥିଲେ। ଓଏଲ୍‌ଏସ୍‌ର ଅନ୍ୟ କାର୍ଯ୍ୟକର୍ତ୍ତା ଏଥିରେ ସହଯୋଗ କରିଥିଲେ। ଏସ୍‌ଓବି ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ, ଅଧ୍ୟକ୍ଷା ସୁନିତା ମୁଣ୍ଡ, ଉପାଧ୍ୟକ୍ଷ ଉମାକାନ୍ତ ଷଡ଼ଙ୍ଗୀ, କ୍ରୀଡ଼ା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର, ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ଅର୍ପିତା ମହାପାତ୍ର ଓ ଅନ୍ୟ ସମସ୍ତ ବୋର୍ଡ ସଦସ୍ୟ ଏବଂ ଓଏଲ୍‌ଏସ୍‌ର ସୁଜାତା ପଟ୍ଟନାୟକ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



ଚୟନ ଶିବିରରେ ଭାଗ ନେଇଥିବା ଖେଳାଳିମାନେ କର୍ମକର୍ତ୍ତାଙ୍କ ଗହଣରେ।

# ବିଜୟ ସ୍ମାରକୀ ବାସ୍କେଟବଲ ୨୬ରୁ



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତା ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୨୩।୧୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ବାସ୍କେଟବଲ ଆସୋସିଏଶନ, ଖୋର୍ଦ୍ଧା ଜିଲା ବାସ୍କେଟବଲ ଆସୋସିଏଶନ ଓ ବାଦଲ ଭାଇ ସ୍ମୃତି କମିଟି ଆନୁକୂଲ୍ୟରେ ପୂର୍ବତନ ବିଧାୟକ ସ୍ୱର୍ଗତ ବିଜୟ କୁମାର ମହାନ୍ତିଙ୍କ ସ୍ମୃତିରେ ପ୍ରଥମ ବାସ୍କେଟବଲ (ମହିଳା ଓ ପୁରୁଷ) ଟୁର୍ନାମେଣ୍ଟ ଚଳିତ ମାସ ୨୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ୨୮ ତାରିଖ ପର୍ଯ୍ୟନ୍ତ ୟୁନିଟ-୧ସ୍ଥିତ ବାସ୍କେଟବଲ୍ କୋର୍ଟରେ ହେବାକୁଥିବା ଏହି ପ୍ରତିଯୋଗିତାରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ୬ ବାଳକ ଓ ୪ ବାଳିକା ଦଳ ସାମିଲ। ଫ୍ଲଡ୍ ଲାଇଟରେ ହେବାକୁଥିବା ଏହି ପ୍ରତିଯୋଗିତା ଲିଗ୍ ଏବଂ ନକ୍‌ଆଉଟ ଭିତ୍ତିରେ ଖେଳାଯିବ ବୋଲି ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ସଦସ୍ୟ ସକଳେଶ୍ୱର ପଟ୍ଟନାୟକ ପ୍ରକାଶ କରିଛନ୍ତି। ବାଳିକା ବର୍ଗରେ କିଟ୍, ଭୁବନେଶ୍ୱର କ୍ରୀଡା ଛାତ୍ରାବାସ, ୟୁନିଟ୍-୧ ଏବଂ ବିର୍ଲା ଗ୍ଲୋବାଲ ଦଳ ଭାଗନେବେ। ସେହିପରି ବାଳକ ବର୍ଗରେ ଯୁବ ଯୁଥ ଆସୋସିଏଶନ୍, ଯୁବ ବାସ୍କେଟବଲ କ୍ଲବ, ୟଙ୍ଗଷ୍ଟର୍ସ ବାସ୍କେଟବଲ, ବକ୍ସି ବାସ୍କେଟବଲ ଆସୋସିଏଶନ୍, କିଟ୍ ଓ କଳିଙ୍ଗ ବାସ୍କେଟବଲ କ୍ଲବ ଅଂଶଗ୍ରହଣ କରିବ। ଚାମ୍ପିୟନ ଓ ରନରଅପ୍ ଦଳକୁ ଆକର୍ଷଣୀୟ ଟ୍ରଫି ସହ ଯଥାକ୍ରମେ ୭୦୦୦ ଓ ୫୦୦୦ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଏହା ବ୍ୟତୀତ ବ୍ୟକ୍ତିଗତ ବର୍ଗରେ ଶ୍ରେଷ୍ଠ ଖେଳାଳିଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ପ୍ରତିଯୋଗିତାର ସୁପରିଚାଳନା ଲାଗି ଏକ ଆୟୋଜକ କମିଟି ଗଠନ କରାଯାଇଛି। ଏଥିରେ ବିଧାୟକ ସୁଶାନ୍ତ କୁମାର ରାଉତ ଓ ବାବୁ ସିଂ ଏବଂ ଭୁବନେଶ୍ୱର ବାସ୍କେଟବଲ ଆସୋସିଏଶନ ସଭାପତି ସୟଦ ମକବୁଲ ଅଲୀ ପୃଷ୍ଠପୋଷକ ରହିଛନ୍ତି। ସକଳେଶ୍ୱରଙ୍କ ବ୍ୟତୀତ ପ୍ରଦୀପ୍ତ ମହାନ୍ତି, ରାଜେନ୍ଦ୍ର ପ୍ରସାଦ ପାଣି, ଏସ.ଜେ. ରହମାନ, ମୃତ୍ୟୁଞ୍ଜୟ ବେହୁରା, ପ୍ରହ୍ଲାଦ ବେହେରା ଓ ମହମ୍ମଦ ଶହୀଦ ପ୍ରମୁଖ ଏହି କମିଟିରେ ରହିଛନ୍ତି। ପ୍ରଶାନ୍ତ କୁମାର ନାୟକ କମିଟିରେ ଆବାହକ ରହିଛନ୍ତି ବୋଲି ପୂର୍ବତନ ଖେଳାଳି ଅଶ୍ୱିନୀ ପ୍ରହରାଜ ଓ ବିଶିଷ୍ଟ କ୍ରୀଡ଼ା ସଂଗଠକ ମନୋଜ ମହାପାତ୍ର ସୂଚନା ଦେଇଛନ୍ତି।

# ଜାତୀୟ ଜୁ-ଜିତ୍ସୁରେ ଓଡ଼ିଶାର ସଫଳତା


ପଦକ ହାସଲ କରିଥିବା ଓଡ଼ିଶା ପ୍ରତିଯୋଗୀ ଓ ଅନ୍ୟମାନେ।

**ଭୁବନେଶ୍ୱର, ୨୩।୧୨ (ତପନ ସ୍ୱାଇଁ)**

ଉତ୍ତରାଖଣ୍ଡର ହଲଦ୍ୱାନିସ୍ଥିତ ଆଇଜିଆଇ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ସବ୍ ଜୁନିୟର ଓ ଜୁନିୟର ଜୁ-ଜିତସୁ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ୧ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୪ ବ୍ରୋଞ୍ଜ ସମେତ ମୋଟ ୬ଟି ପଦକ ହାସଲ କରିଛି। ଶ୍ରେୟାଂଶୀ ତ୍ରିପାଠୀ ସବ୍ ଜୁନିୟର ମହିଳା ୪୦ କେଜିରୁ ଅଧିକ ନୋ-ୱାଜା ବିଭାଗରେ ସ୍ୱର୍ଣ୍ଣ ଓ ଫାଇଟିଂ ସିଷ୍ଟମରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ପଲକ ପ୍ରିୟଦର୍ଶିନୀ ମହାନ୍ତି ଜୁନିୟର ମହିଳା ୫୭ କେଜି ବର୍ଗର ନୋ-ୱାଜାରେ ରୌପ୍ୟ ଓ ଫାଇଟିଂ ସିଷ୍ଟମରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ସାନଭି ସାହୁ ସବ୍ ଜୁନିୟର ମହିଳା ୨୫ କେଜିରୁ କମ ନୋ-ୱାଜା ବିଭାଗରେ ବ୍ରୋଞ୍ଜ ଓ କୋନା ମହେଶ ରେଡ୍ଡୀ ସବ୍‌ଜୁନିୟର ପୁରୁଷ ୫୬ କେଜିରୁ କମ୍ ଫାଇଟିଂ ସିଷ୍ଟମରେ ବ୍ରୋଞ୍ଜ ପଦକ ପାଇଛନ୍ତି। ଟିମ୍ କୋଚ ସ୍ୱରାଜ ଯାନୀଙ୍କ ନେତୃତ୍ୱରେ ଯାଇଥିବା ଓଡ଼ିଶା ଦଳର କୃତୀ ପ୍ରତିଯୋଗୀମାନଙ୍କୁ ଓଡ଼ିଶା ଜୁ-ଜିତସୁ ସଂଘର ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକ, ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ସଂଘର ଅନ୍ୟ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

# ଭାରତୀୟ ଖେଳାଳିଙ୍କ ବ୍ୟବହାର ସମ୍ପର୍କରେ ଆଇସିସିକୁ ଜଣାଇବ ପିସିବି

**କରାଚୀ, ୨୩।୧୨(ପି.ଟି.)**

୧୯ ବର୍ଷରୁ କମ୍ ଏସିଆ କପ୍ ଫାଇନାଲରେ ପ୍ରତିପକ୍ଷ ପାକିସ୍ତାନ ଖେଳାଳିଙ୍କ ପ୍ରତି ଉତ୍ତେଜନାମୂଳକ ବ୍ୟବହାର କରିବା ପାଇଁ ଭାରତୀୟ ଖେଳାଳିଙ୍କ ବିରୋଧରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦକୁ ଅବଗତ କରାଯିବ। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ମହସିନ ନକ୍‌ଭି ମଙ୍ଗଳବାର ଏହା କହିଛନ୍ତି। ରବିବାର ଦୁବାଇଠାରେ ଅନୁଷ୍ଠିତ ଫାଇନାଲରେ ପାକିସ୍ତାନ ବଡ଼ ବ୍ୟବଧାନରେ ଭାରତକୁ ହରାଇ ଚାମ୍ପିୟନ ହୋଇଥିଲା। ମ୍ୟାଚ୍ ବେଳେ ଉଭୟ ଦଳର ଖେଳାଳିଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଏବଂ ଦୁଇ ଦଳର ଖେଳାଳି ମ୍ୟାଚ୍ ପୂର୍ବରୁ କିମ୍ବା ପରେ ପରସ୍ପର ସହ ହାତ ମିଳାଇ ନ ଥିଲେ। 'ଭାରତୀୟ ଖେଳାଳିମାନେ ମ୍ୟାଚ୍ ବେଳେ ପାକିସ୍ତାନ ଦଳର ଖେଳାଳିଙ୍କୁ ଉସୁକାଇଥିଲେ। ଏ ସମ୍ପର୍କରେ ପାକିସ୍ତାନ ପକ୍ଷରୁ ଆଇସିସିକୁ ଅବଗତ କରାଯିବ। ରାଜନୀତି ଓ କ୍ରୀଡ଼ାକୁ ଅଲଗା ରଖାଯିବା ଉଚିତ' ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ନକ୍‌ଭି କହିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ନୀରଜ

**ନୂଆଦିଲ୍ଲୀ, ୨୩।୧୨(ପି.ଟି.):** ଦୁଇ ଥରର ଅଲିମ୍ପିକ୍ ପଦକଧାରୀ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଓ ତାଙ୍କ ସ୍ତ୍ରୀ ହିମାନୀ ମୋର ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି। ପୂର୍ବତନ ଟେନିସ ଖେଳାଳି ମୋରଙ୍କୁ ବିବାହ କରିଥିବା ନୀରଜ ଏବେ ପ୍ରତିଯୋଗିତାରୁ ବ୍ରେକ ନେଇଛନ୍ତି।

ଲୋକ କଲ୍ୟାଣ ମାର୍ଗରେ ନୀରଜ ଓ ତାଙ୍କ ସ୍ତ୍ରୀ ହିମାନୀଙ୍କୁ ଆଜି ଭେଟିଥିଲି। ଏହି ଅବସରରେ କ୍ରୀଡ଼ା ସମେତ ବିଭିନ୍ନ ବିଷୟ ଉପରେ ଆମେ ଚର୍ଚ୍ଚା କରିଥିଲୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ୍ସ'ରେ ପୋଷ୍ଟ କରିଛନ୍ତି।

# ଫାଇନାଲରେ କିଟ୍ ମହିଳା ଦଳ

## ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ

**ଭୁବନେଶ୍ୱର, ୨୩।୧୨ (ତପନ ସ୍ୱାଇଁ)**

ଚେନ୍ନାଇର ଏସଆରଏମ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ ଚାମ୍ପିୟନଶିପ୍‌ର ଫାଇନାଲରେ କିଟ୍ ଦଳ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲରେ କିଟ୍ ୩-୧ (୨୫-୨୩, ୨୯-୨୭, ୨୧-୨୫, ୨୫-୧୨)ରେ ଆଡାମାସ ବିଶ୍ୱବିଦ୍ୟାଳୟକୁ ହରାଇଥିବାବେଳେ ସେମିଫାଇନାଲରେ କୋଟ୍ଟାୟମର ଏମ୍‌ଜି ବିଶ୍ୱବିଦ୍ୟାଳୟକୁ ୩-୧ (୨୫-୨୧, ୨୫-୨୩, ୨୬-୨୮, ୨୫-୨୩)ରେ ପରାସ୍ତ କରିଛି। ଫାଇନାଲରେ କିଟ୍ ବିଶ୍ୱବିଦ୍ୟାଳୟ ଓ ଚେନ୍ନାଇର ଏସଆରଏମ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ମୁକାବିଲା ହେବ।


# Classified Everyday 0674-2580101, 9692975378




## BRIDE WANTED

ମାଟିବଂଶ ଜାତିର ମାଇନ୍ସ ଅଫିସର ପୁଅ ପାଇଁ ଝିଅ ଆବଶ୍ୟକ। ମୋବାଇଲ- 8839575893. D-2891

## GROOM WANTED

Groom for Viswakarma girl, 1998, M.Tech (Mechanical). Serving in LG electronics. Contact: 9825529555. D-2911

A Bhubaneswar based retired banker is seeking a well settled groom in and around Bhubaneswar and Cuttack for his daughter, aged 37years, height 5ft., Colour wheatish, Khandayat caste, qualification PG and Diploma in IT. Contact 7656947034. D-2889

Beautiful Karan girl, 1992, 5'3", B-Tech, serving American Express Bank, London. SUNASANSAR, 9937512659. D-2890

ବୟସ 29, Medical ରେ Nurse ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-2892

Now Matrimonial ads. only on Wednesday & Sunday Book 1 Get 1 FREE




## SALE

ସୁନ୍ଦରପଦାରେ ବାଉଣ୍ଡାରିୱାଲ ଥାଇ ଘରବାରି ପ୍ଲଟ୍ ବର୍ଗଫୁଟ ଟ2800/-ରେ ବିକ୍ରିହେବ। Loan available. Contact: 9668674258. ଧ-୨୯୧୦

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଛାରୁ ବିକ୍ରିହେବ। 9437754190. ଧ-୨୮୪୦


ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ଫ୍ଲଟ ବିକ୍ରି ହେବ- 9178660666. ଧ-୨୮୪୧

କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ "Sum Hospital-2" ଓ Grand Bazar ସମ୍ମୁଖରେ NH-16 ଠାରୁ 1Km. ଦୂରତାରେ ଘରବାରି ପ୍ଲଟ କିଣନ୍ତୁ ଓ ନବନିର୍ମିତ କଲୋନୀ ଭିତରେ ଗୃହ ନିର୍ମାଣ କରନ୍ତୁ ସନ୍ତୋଷ- 9438362273 D-2877

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-2888

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777




All types of physiotherapy with massage, Contact number 9556924059/ 7656969134. D-2766

## LOST

By an affidavit before Notary Public, Koraput, I, Rama Kumari Singh, D/o.- Guman Singh, Resident of Dumuriput, P.O.- Dumuriput, P.S.- Koraput Town, Dist.- Koraput declare that my RC Book vide Regd. No. OD10P7221, Driving Licence and Sale Deed of Landed Property vide No.2140/1999 has been lost at Koraput while I am returning from RTO, Koraput on 27.11.2025. That, I swear this affidavit to file before the IIC, Koraput Town Police Station for issue of SDE Copy in my favour. D-2916

## AFFIDAVIT

By virtue of an affidavit sworn before the Executive Magistrate, Boudh, No.1626, Dtd.- 01/12/25, I, Inamati Mallick, W/o.- Late Ganeswar Mallick, R/o. Village At- Kaltimendi, P.O.- Bapalamendi, P.S.- Tikabali, Dist.- Kandhamal, PIN- 762010 (Odisha) declare that I have changed my name from Enamati Kanhar to Inamati Mallick. Henceforth, I shall be known as Inamati Mallick for all purposes.
Inamati Mallick
D-2908

I, SUGYANI SANGHAMITRA SWAIN, D/o.- Niranjan Swain, resident of Plot No.- 434, Prachivihar, Palasuni, Bhubaneswar, P.O.- GGP Colony, P.S.- Mancheswar, Dist.- Khordha, PIN- 751025, Odisha declare by this affidavit No.- 31, Dated- 19.12.2025 that now onwards I shall be known as SUGYANIS SWAIN for all future purposes. D-2912

I, Binod Samal, S/o.- Bichitra Samal, At/P.O.- Kunua, P.S.- Rasol, Dist.- Dhenkanal, Odisha- 759021 declare that my minor Son's name changed from Soumyajeet Samal to Somyajeet Samal on dtd. 23.12.2025 before Executive Magistrate, Hindol.
Binod Samal
D-2913

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before Executive Magistrate, Kanika, dated- 21.11.2025, I, Biswanath Dash, At- Kantapada, P.O./P.S.- Rajkanika, Dist.- Kendrapara, PIN- 754220 declare that I have changed the name of my daughter from Rutupragyan Dash to Ritupragyan Dash. Henceforth, she shall be known as Ritupragyan Dash for all purposes.
Biswanath Dash
D-2915

By virtue of an affidavit sworn before Executive Magistrate, Kanika, dated- 20.12.2025, I, Chitrapaksha, At- Bansaria, P.O.- Giria, P.S.- Rajkanika, Dist.- Kendrapara, PIN- 754220 declare that I have changed my name from Ankita Mishra to Chitrapaksha Mishra. Henceforth, she shall be known as Chitrapaksha Mishra for all purposes.
Chitrapaksha Mishra
D-2914

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723946@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ମନେ ପଡ଼ନ୍ତି

ସପ୍ତମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ

ସ୍ୱ ନୀରାମଣି ମିଶ୍ର
ସ୍ୱାମୀ: ସ୍ୱ ଶିବାଜୀ ମିଶ୍ର
ଖଣ୍ଡ ସାହି ଓ ଗଙ୍ଗନଗର ୟୁନିଟ୍-୬
ଆବିର୍ଭାବ: ୧୫.୦୩.୧୯୪୫
ତିରୋଧାନ: ୧୦.୦୧.୨୦୧୯
ପୌଷ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥି
ବୋଉ, ତୋର ସେହି ସ୍ନେହ ଓ ଶ୍ରଦ୍ଧାକୁ ଆଜି ପର୍ଯ୍ୟନ୍ତ ଆମ ମନରେ ସାଉଁଟି ରଖିଛୁ। ତୋର ଶିକ୍ଷା ଓ ପ୍ରେରଣା ପାଇଁ ଆମେ ସମାଜରେ ଠିଆ ହୋଇପାରିଛୁ। ପ୍ରଭୁ ଶ୍ରୀ ଜଗନ୍ନାଥ ତୋର ଆତ୍ମାକୁ ସଦ୍‌ଗତି ଦେଇ ସ୍ୱର୍ଗରେ ଭଲରେ ରଖିଥାନ୍ତୁ। ଆମକୁ ଆଶୀର୍ବାଦ ଦେଇ ଭଲରେ ରଖିଥା।
-: ହତଭାଗା :-
ମୀନା, ବୁଲୁ ଓ ଆଦରଣୀୟ ଲୁଲୁ ସହ ବନ୍ଧୁ ଓ ପରିବାରବର୍ଗ
ଧ-୨୯୧୯

ତ୍ରୟୋଦଶ ଶ୍ରାଦ୍ଧ ବାର୍ଷିକୀ

ସ୍ୱଶ୍ରୀମତୀ ମମତା ଦାଶ/ରଥ
ସ୍ୱାମୀ-ପ୍ରଦ୍ୟୁମ୍ନ ରଥ
ଆବିର୍ଭାବ:୨୮.୦୬.୧୯୭୩
ତିରୋଧାନ:୧୬.୦୧.୨୦୧୩
(ପୌଷ ଶୁକ୍ଳ ଚତୁର୍ଥୀ)
ତୁମକୁ ଚିଠି-ତା଼୮.୮.୧୯୮୮
ଧୋଇ ଦିଅ ତୁମ ପାଦ
ମୋ ପ୍ରତୀକ୍ଷିତ ଆଖିର ଅଶ୍ରୁରେ
ହାତ ଧରି ନେଇଯାଅ ମୋତେ
ଲିଭାଇ ଦିଅ ବାସର ଦୀପାଳୀ
ସପ୍ନଭରା ସପ୍ତରଙ୍ଗୀ ଆଲୋକରେ(ମମତା)
ଶୋକସନ୍ତପ୍ତ-ହତଭାଗ୍ୟ ସ୍ୱାମୀ
ପୁତ୍ର-ବୁଙ୍ଗ ଅନିରୁଦ୍ଧ, ବୋହୂ-ରାକ୍ଷୀ, ନାତି-ରୁଦ୍ରାଦିତ୍ୟ, କନ୍ୟା- ଅଭିଶିକ୍ତା, କାଳିଆ, ମିନୁ, ଯସ୍ମିନ୍ ଏବଂ ସମସ୍ତ ବନ୍ଧୁ ଓ ପରିଜନ ବର୍ଗ
ଧ-୨୯୧୮

ଷଷ୍ଠ ଶ୍ରାଦ୍ଧବାର୍ଷିକୀ

ସ୍ୱ ବିକ୍ରମ ପରିଡ଼ା
ଆବିର୍ଭାବ: ୨୯।୧୧।୧୯୪୫
ତିରୋଧାନ: ୩୦।୧୨।୨୦୧୯
ମାଧବ, ନିଆଳି
ସମୟର ଅଫେରା ଗତିରେ ପାଞ୍ଚବର୍ଷ ବିତିଗଲାଣି, ଅଥଚ ତୁମ ଶୂନ୍ୟସ୍ଥାନ ଅଦ୍ୟାବଧି ଅକ୍ଷୁଣ୍ଣ ରହିଛି। ତୁମର ନିରାଡ଼ମ୍ବର ଜୀବନଶୈଳୀ, କର୍ମତତ୍ପରତା, ଅନାବିଳ ସ୍ନେହ ଓ ଶାନ୍ତ ସ୍ୱଭାବ ଆଜି ବି ଆମ ଆଖି ଆଗରେ ନାଚିଉଠୁଛି। ତୁମ ନୀତି ଆଦର୍ଶ ଆମ ଚଲାପଥର ପାଥେୟ ହେଉ ଏବଂ ତୁମେ ଆରପାରିରେ ଭଲରେ ଥାଅ, ଏହା ହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ଗୁହାରି।
-: ଶୋକସନ୍ତପ୍ତ :-
ନାତୁଣୀ- ଲକି, ନାତି- ରିଙ୍କୁ, ଲିକୁ, ଗୁଡୁ, କ୍ରୀଷ୍ଟା, ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୨୯୦୯

ଏକାଦଶାହ ଉପଲକ୍ଷେ

ସ୍ୱ ବିନ୍ଦୁସାଗର ମହାନ୍ତି (ବିମଳ)
ଆବିର୍ଭାବ-୨.୩.୧୯୮୦
ତିରୋଧାନ-୧୫.୧୨.୨୦୨୫
ସା-ମୁରବାବାଦ,ନିଶ୍ଚିନ୍ତକୋଇଲି,ଜି-କଟକ
ଆପଣଙ୍କ ଅବର୍ତ୍ତମାନରେ ପରିବାରରେ ସୃଷ୍ଟି ଶୂନ୍ୟସ୍ଥାନ ଚିରକାଳ ଅପୂରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ପ୍ରାର୍ଥନା। ହତଭାଗ୍ୟ ବାବାଜକ ରିଷଭ, ସ୍ତ୍ରୀ-ତପସ୍ୱିନୀ, ମା-ଲିଲିବାଳା ଓ ପରିବାରର ଅନ୍ୟ ବନ୍ଧୁବର୍ଗ:- ପ୍ରଦ୍ୟୁମ୍ନ, ଆଶୀଷ ରଞ୍ଜନ, କଳ୍ପନା, ସ୍ନେହମୟୀ, ଅଲିସା, ଆଦ୍ୟାଶା, ଆୟାନ, ଅଭିପ୍ସା, ଆଶାଶା, ଦୀପକ, ରଞ୍ଜନ, ସରୋଜିନୀ, ଅନୁରାଧା, ପ୍ରସନ୍ନ, ଅରୁଣ, ଗୀତାଞ୍ଜଳି, ସୁପ୍ରଭା, ଅଭିଷେକ, ରୋଜାଲିନ, ବିଶିଷ୍ଟ, ମୀରା, ବୀରେନ, ବିନୀତା, ବିନାୟକ ଓ ଦେବଦତ୍ତ।
ଧ-୨୯୧୭

## ଫୁଲଚାଷରେ ଖତ ପ୍ରୟୋଗ



ଫୁଲଚାଷରେ ତରଳ ଖତ ପ୍ରୟୋଗ କରୁଥିଲେ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ନିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ। ଏହାର ୧୦ ଦିନ ପରେ ଏହି ତରଳ ଖତରୁ ୧ ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ସେବତୀ ଲଗାଇବାର ୪ ସପ୍ତାହ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷକରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨-୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗିଦିଅନ୍ତୁ। ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା - ଜ୍ୟାଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ୍, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ୍, ସେରାକୋଲା ଇତ୍ୟାଦି । ଗୋଲାପ ଗଛର କାଟଛାଣ୍ଟ କାମ ଶୀଘ୍ର ଶେଷ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ।

## ବାଇଗଣରେ ସମନ୍ୱିତ ପୋକ ପରିଚାଳନା

ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। କଖାରୁଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମିଲି ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡ଼ଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମି.ଲି. ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ।



# ଶୀତଦିନେ ସବୁଜ ଗୋଖାଦ୍ୟ ଚାଷ



କେଶବ କୁମାର ମହାପାତ୍ର

ଶୀତଦିନିଆ ଘାସଚାଷ ଅକ୍ଟୋବର ୧୫ରୁ ଆରମ୍ଭହୋଇ ଫେବୃଆରୀ ୧୫ରେ ଶେଷ ହୁଏ। ଅକ୍ଟୋବରର ମାସ ବେଳକୁ ପ୍ରାକୃତିକ ଚାରଣଭୂମିର ଘାସ ସରିଥାଏ । ବର୍ଷାଦିନିଆ ଚାଷଘାସର ଉତ୍ପାଦନ ମଧ୍ୟ ସରିଆସେ। ସବୁଦିନିଆ ଘାସ କିଆରିରୁ ଉତ୍ପାଦନ ମଧ୍ୟ ଉତ୍ତାପର ହ୍ରାସ ପାଇଁ କମି କମି ଆସିଥାଏ। ତେଣୁ ସୁଷମ କଞ୍ଚା ଘାସ ଅଭାବ ସହ ଶୀତର ପ୍ରଭାବରେ ଗୋରୁ ପୁଷ୍ଟିହୀନତାର ଶିକାରହୋଇ ଦୁର୍ବଳ ହୋଇଯାଆନ୍ତି ଓ ଗାଈମାନଙ୍କର ଦୁଗ୍ଧ ଉତ୍ପାଦନ ଏବଂ ପ୍ରଜନନ ଦକ୍ଷତା ହ୍ରାସ ପାଇବା ସମ୍ଭାବନା ଦେଖାଯାଏ। ତେଣୁ ଶୀତଦିନିଆ ଘାସଚାଷକରି ଗୋରୁମାନଙ୍କୁ ଖୁଆଇବା ଦ୍ୱାରା ଏସବୁ ସମସ୍ୟାର ସମାଧାନ ହୋଇଥାଏ ।

ଜଳସେଚନର ସୁବିଧା ଥିଲେ ମାତ୍ର କେତୋଟି ହାତଗଣତି ପ୍ରକାର ଘାସ ଶୀତଋତୁରେ ଚାଷ କରାଯାଇଥାଏ । ସେଗୁଡ଼ିକ ମଧ୍ୟରୁ ଛୁଇଁଜାତୀୟ ବର୍‌ସିମ୍, ଲୁସର୍ନ, ଶସ୍ୟଜାତୀୟ ଯବଧାନ ଓ ଅନ୍ୟାନ୍ୟ ମଧ୍ୟରେ ଚାଇନା ସୋରିଷ ପ୍ରଧାନ । ବର୍‌ସିମ ଓ ଲୁସର୍ନ ଅଧିକ ପୁଷ୍ଟିସାରଯୁକ୍ତ ହୋଇଥାଏ। ତେଣୁ ସେ ଦୁହିଁଙ୍କୁ ଯଥା କ୍ରମେ ଘାସର ରାଜା ଓ ରାଣୀ ମଧ୍ୟ କୁହାଯାଇଥାଏ । ଏହି ସବୁର ଚାଷ ପାଇଁ ଗୁଣ୍ଡ ହଳ କରିବାକୁ ହୋଇଥାଏ । ଏକର ପ୍ରତି ୧୦ ଶଗଡ଼ ସଢ଼ା ଗୋବରଖତ ସହ ୨୦ କି.ଗ୍ରା. ପଟାସ୍ ଓ ୧୦୦କି.ଗ୍ରା. ସୁପର ଫସ୍‌ଫେଟ୍ କିମ୍ବା ୫୦ କି.ଗ୍ରା. ଡିଏପି ସାର ଦେଇ ଜମି ପ୍ରସ୍ତୁତି କରାଯାଇଥାଏ। ବର୍‌ସିମ୍ ଓ ଲସର୍ନ ମଞ୍ଜି ଖୁବ୍ ଛୋଟ ଆକାରର ହୋଇଥାଏ। ତେଣୁ ବୁଣିବା ସମୟରେ କିଆରିକୁ ଛୋଟ ଛୋଟ ପଟାଳିକରି ତା' ମଧ୍ୟରେ ପାଣି ଭର୍ତ୍ତିକରି ପଟାମାରି ଠିଆ ପାଣିରେ ମଞ୍ଜି ବୁଣାଯାଇଥାଏ। ବୁଣିବା ସମୟରେ ମଞ୍ଜି ସହ କେଜି ପ୍ରତି ୨.୫ ଗ୍ରାମ ରାଇଜୋବିୟମ କଲ୍‌ଚର କିମ୍ବା ପୂର୍ବ ବର୍ଷର ଚାଷ କିଆରିର ମାଟି ମଞ୍ଜି ସହିତ ଗୋଳାଇ ବୁଣିଲେ ଭଲ ଘାସ ଉତ୍ପାଦନ ହୋଇଥାଏ । ଦରକାର ପଡ଼ିଲେ ଗଛ ଉଠିବାର କିଛିଦିନ ପରେ ଓ ପ୍ରତିଥର ଘାସ ଅମଳ ପରେ ୟୁରିଆ ସାର ୧୦ ରୁ ୧୫ କି.ଗ୍ରା. ଏକର ପ୍ରତି କ୍ଷେତରେ ଦିଆଯାଏ।

ଏକର ପ୍ରତି ବର୍‌ସିମ୍ ଓ ଲୁସର୍ନର ମଞ୍ଜି ୮ରୁ ୧୦କି.ଗ୍ରା. ଆବଶ୍ୟକ ପଡ଼ିଥାଏ । ବୁଣିବାର ୪୫ ରୁ ୬୦ ଦିନ ବେଳକୁ ଘାସ ଅମଳ ପାଇଁ ଉପଯୁକ୍ତ ହୋଇଯାଏ । ଡିସେମ୍ବରରୁ ମାର୍ଚ୍ଚ ମଧ୍ୟରେ ୩ ରୁ ୪ ଥର ଘାସ ଅମଳ ମିଳିଥାଏ ଏବଂ ମୋଟରେ ୧୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ଘାସ ଅମଳ ହୋଇଥାଏ । ବର୍‌ସିମ୍ ଓ ଲୁସର୍ନର ମଞ୍ଜି ଓଡ଼ିଶାରେ ଶୀତଦିନ କମ୍ ସମୟ ରହୁଥିବାରୁ ଉତ୍ପାଦନ ହୋଇପାରି ନ ଥାଏ । ତେଣୁ ବାହାରୁ କିଣା ହୋଇଥାଏ । ଉପଯୁକ୍ତ ଯତ୍ନ ନେଲେ ଲୁସର୍ନ ସବୁଦିନିଆ ଘାସ ଭାବରେ ୨/୩ ବର୍ଷ ପର୍ଯ୍ୟନ୍ତ ବଞ୍ଚିରହି ଅମଳ ଦେଇଥାଏ । ଯବଧାନକୁ ଗହମ ଚାଷ ଭଳି ଓ ଚାଇନା ସୋରିଷକୁ ସୋରିଷ ଚାଷ କଲା ଭଳି ବୁଣାଯାଇଥାଏ । ଯବଧନ ଚାଷ ପାଇଁ ଏକରକୁ ୪୦ କି.ଗ୍ରା. ଓ ଚାଇନା ସୋରିଷ ପାଇଁ ୪ କି.ଗ୍ରା. ମଞ୍ଜି ଆବଶ୍ୟକ ହୋଇଥାଏ ଏବଂ ଯଥାକ୍ରମେ ୧୦୦ ରୁ ୬୦ କୁଇଣ୍ଟାଲ ଘାସ ଅମଳ ମିଳିଥାଏ। ଯବଧନ ଓ ଚାଇନା ସୋରିଷକୁ ବର୍‌ସିମ ଓ ଲୁସର୍ନ ସହ ମିଶାଇ ବୁଣିଲେ ଅଧିକ ଅମଳ ମିଳିଥାଏ। ଶୀତଦିନରେ ଅଧିକ ସବୁଜ ଗୋଖାଦ୍ୟ ଉତ୍ପାଦନ ପାଇଁ ବିଭିନ୍ନ ଜ୍ଞାନକୌଶଳର ପ୍ରୟୋଗ ମଧ୍ୟ ହୋଇପାରେ।

ଧାନ କିଆରିରେ ମଧ୍ୟ ଶୀତଦିନିଆ ଘାସ ଚାଷକରି ହେବ। ଧାନ କ୍ଷୀର ଢୋକିଲା ପରେ ପାଇରା ଫସଲ ଭାବରେ କିଆରିରୁ ପାଣି କାଟିଦେଇ ବର୍‌ସିମ୍ ଏବଂ ଲୁସର୍ନ ଘାସ ମଞ୍ଜିକୁ ଛଟାବୁଣା କରି ଏକର ପ୍ରତି ୨୦ କେ.ଜି. ହିସାବରେ ବୁଣିଲେ ଧାନକଟା ବେଳକୁ ଗଛ ଉଠିଯାଇଥିବ । ଏହାପରେ ମୃତ୍ତିକାର ଆର୍ଦ୍ରତାକୁ ବ୍ୟବହାରକରି ସେହି କିଆରିରୁ ସବୁଜ ଗୋଖାଦ୍ୟ ଉତ୍ପାଦନ କରିପାରିବେ । ସେହି ଘାସକୁ ନଡ଼ା ସହ ମିଶାଇ କାଟିନେଲେ ଶୀତଦିନରେ ଘାସର ଅଭାବ ଅନୁଭୂତ ହେବ ନାହିଁ। ଏହାବ୍ୟତୀତ ନିମ୍ନଲିଖିତ ଟିପ୍ସ ଅନୁସରଣ କରିପାରନ୍ତି।

-ଯେଉଁମାନେ ସଙ୍କରହାତିଆ ଘାସ ଚାଷ କରିଥାନ୍ତି, ଶୀତଦିନରେ ଉତ୍ତାପର ହ୍ରାସ ହେତୁ ଅମଳ କମିଯାଇଥାଏ। ସେଠି କିଆରିର ୨ଧାଡ଼ି ଘାସ ମଧ୍ୟରେ ଥିବା ଫାଙ୍କା ସ୍ଥାନରେ ବର୍‌ସିମ୍, ଲୁସର୍ନ, ଯବଧନ ଓ ଚାଇନା ସୋରିଷକୁ ବୁଣି ସବୁଜ ଗୋଖାଦ୍ୟ ମଧ୍ୟ ଅମଳ କରିପାରିବେ।

-ଶୀତଦିନରେ ବର୍‌ସିମ୍ ସହ ଓଟ୍, ଲୁସର୍ନ ସହ ଓଟ୍, ଲୁସର୍ନ ସହ ଚାଇନା ସୋରିଷ ମିଶ୍ରିତ ଚାଷକଲେ ଚାଷୀକୁ ସନ୍ତୁଳିତ ଓ ସୁଷମ ସବୁଜ ଗୋଖାଦ୍ୟ ମିଳିପାରିବ।

-ଶୀତଦିନରେ ଚାଷ ହେଉଥିବା ସମସ୍ତ ଘାସକୁ ଘାସ ଶୁଖୁଆ ଭାବରେ ସଂରକ୍ଷିତ କରି ରଖାଯାଇପାରିବ ଓ ଟିରୋଟ ସମୟରେ ଏହାର ସୁବିନିଯୋଗ କରାଯାଇପାରିବ।

-ମଧୁବାବୁ କମ୍ପ୍ଲେକ୍ସ,ଖନ୍ତାପଡ଼ା, ବାଲେଶ୍ୱର
ମୋ : ୯୪୩୭୧୧୭୪୦୬

"ଜଳସେଚନର ସୁବିଧା ଥିଲେ ମାତ୍ର କେତୋଟି ହାତଗଣତି ପ୍ରକାର ଘାସ ଶୀତଋତୁରେ ଚାଷ କରାଯାଇଥାଏ। ସେଗୁଡ଼ିକ ମଧ୍ୟରୁ ଛୁଇଁଜାତୀୟ ବର୍‌ସିମ୍, ଲୁସର୍ନ, ଶସ୍ୟଜାତୀୟ ଯବଧାନ ଓ ଅନ୍ୟାନ୍ୟ ମଧ୍ୟରେ ଚାଇନା ସୋରିଷ ପ୍ରଧାନ। ବର୍‌ସିମ ଓ ଲୁସର୍ନ ଅଧିକ ପୁଷ୍ଟିସାରଯୁକ୍ତ ହୋଇଥାଏ। ତେଣୁ ସେ ଦୁହିଁଙ୍କୁ ଯଥା କ୍ରମେ ଘାସର ରାଜା ଓ ରାଣୀ ମଧ୍ୟ କୁହାଯାଇଥାଏ। ଏହି ସବୁର ଚାଷ ପାଇଁ ଗୁଣ୍ଡ ହଳ କରିବାକୁ ହୋଇଥାଏ । ଏକର ପ୍ରତି ୧୦ ଶଗଡ଼ ସଢ଼ା ଗୋବରଖତ ସହ ୨୦ କି.ଗ୍ରା. ପଟାସ୍ ଓ ୧୦୦କି.ଗ୍ରା. ସୁପର ଫସ୍‌ଫେଟ୍ କିମ୍ବା ୫୦ କି.ଗ୍ରା. ଡିଏପି ସାର ଦେଇ ଜମି ପ୍ରସ୍ତୁତି କରାଯାଇଥାଏ।"



## ପିଆଜ ତଳି ରୋଇବା ସମୟରେ...



ପିଆଜ ତଳି ରୋଇବା ବେଳେ ମୂଳସାର ହିସାବରେ ଉଭୟ ଯବକ୍ଷାରଜାନ ଏବଂ ଫସ୍‌ଫରସ୍ ସାରର ଅର୍ଦ୍ଧେକ ଏବଂ ସମୁଦାୟ ପଟାସ୍ ସାର ପ୍ରୟୋଗ କରନ୍ତୁ । ନଭେମ୍ବର ଶେଷ ସପ୍ତାହରୁ ଡିସେମ୍ବର ଶେଷ ସୁଦ୍ଧା ପିଆଜ ଲଗାଇବା କାର୍ଯ୍ୟ ସମାପନ କରନ୍ତୁ। ଘାସମରା ବିଷ, ପେଣ୍ଡିମେଥାଲିନ୍ ୩୦ ଏଇକୁ ତଳି ରୋଇବାର ୨ ଦିନ ମଧ୍ୟରେ ପ୍ରୟୋଗକଲେ ଘାସ ନିୟନ୍ତ୍ରଣ ହୋଇପାରିବ। ତଳି ରୋଇବାର ୧୫ ଦିନ ପରେ ନିମ୍ ସିଡ୍ କର୍ନେଲ ଏକ୍ସଟ୍ରାକ୍ଟ ଦ୍ରବଣକୁ ଲିଟର ପ୍ରତି ୪ ମି.ଲି. ହିସାବରେ ଫସଲରେ ପ୍ରୟୋଗକଲେ ପତ୍ର ଉଙ୍କୁଣି (ଥ୍ରିପ୍ସ) ନିୟନ୍ତ୍ରଣ କରାଯାଇପାରିବ । ପିଆଜ ତଳି ପ୍ରସ୍ତୁତ କରୁଥିଲେ ୧ ହେକ୍ଟର ଜମି ପାଇଁ ୫୦୦ ବର୍ଗମିଟର ପରିମିତ ଜମିରେ ତଳି ପକାନ୍ତୁ । ତଳି ପଟାଳି ଜମିଠାରୁ ୬ ଇଞ୍ଚ ଉଚ୍ଚ, ୧ ମିଟର ଓସାର ଏବଂ ସୁବିଧା ଅନୁଯାୟୀ ଲମ୍ବ ହେବା ଆବଶ୍ୟକ । ୨୦ କି.ଗ୍ରା. ଭଲ ସଢ଼ା ଶୁଖିଲା ଗୋବର ଖତ ସହ ୧ କି.ଗ୍ରା. ଟ୍ରାଇକୋଡର୍ମା ଭିରିଡେ ଜୀବାଣୁସାର ଭଲ ଭାବରେ ମିଶାଇ ଏହାକୁ ୨-୩ ଦିନ ଛାଇରେ ପଲିଥିନ୍ ଘୋଡ଼ାଇ ରଖି ତଳି ପଟାଳିରେ ପ୍ରୟୋଗ କରି ବିଶୋଧିତ ବିହନ ଧାଡ଼ିରେ ବୁଣନ୍ତୁ। ତଳିକୁ ଅଦିନିଆ ବର୍ଷାରୁ ରକ୍ଷା କରିବା ପାଇଁ ବାଉଁଶ କାଠି ଫ୍ରେମ୍‌ରେ ଜରି ଲଗାଇ ବର୍ଷାବେଳେ ଘୋଡ଼ାଇ ରଖନ୍ତୁ। ଜଳ ନିଷ୍କାସନ ପାଇଁ ପ୍ରତି ତଳି ପଟାଳି ମଝିରେ ୧ ଫୁଟ ଓସାରର ନାଳ ରଖନ୍ତୁ । ତଳି ୮-୧୦ ସପ୍ତାହ ହୋଇଥିଲେ ଜମିରେ ରୋପଣ କରନ୍ତୁ। ହେକ୍ଟର ପିଛା ୮ ରୁ ୧୦ କି.ଗ୍ରା. ବିହନ ଆବଶ୍ୟକ । ଏଗ୍ରି ଫାଉଣ୍ଡ ଲାଇଟ୍ ରେଡ୍, ଏନ୍-୫୩, ଭୀମା ସୁପର, ଭୀମା ଶକ୍ତି ଆଦି ଅଧିକ ଅମଳକ୍ଷମ ବିହନ ବ୍ୟବହାର କରନ୍ତୁ। ହେକ୍ଟର ପିଛା ୧୨୦:୬୦:୬୦:୫୦ କି.ଗ୍ରା. ହିସାବରେ ଯବକ୍ଷାରଜାନ, ଫସ୍‌ଫରସ୍, ପଟାସ୍ ଓ ସଲ୍‌ଫର୍ ସାରକୁ ୨ କିସ୍ତିରେ ପ୍ରୟୋଗ କରନ୍ତୁ ।

## ସୂର୍ଯ୍ୟମୁଖୀ ଚାଷରେ ରୋଗପୋକ ପରିଚାଳନା



ସୂର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶୁଁବାଳୁଆ, ଧଳାମାଛି, ଥ୍ରିପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷକରି ଥ୍ରିପ୍ସ ଆକ୍ରମଣ କମାନ୍ତୁ । ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ। ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ୧ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ। ସକାଳ ସମୟରେ କୌଣସି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ପାଇଁ କ୍ଷତିକାରକ। ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା- ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଫୁଟିବା ସମୟରେ ବିଷାକ୍ତ କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ନିମ ଜାତୀୟ ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୩ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ ରୁ ୩୦ ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ।

## ଆଖୁରେ ସାର ପ୍ରୟୋଗ




ଆଗରୁ ଲଗାଯାଇଥିବା ଆଖୁ ୪୫ଦିନର ହୋଇଯାଇଥିଲେ କୋଡ଼ା ଖୁସାକରି ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାରକୁ ଧାଡ଼ିରେ ପ୍ରୟୋଗକରି ହୁଡା ଟେକି ଦିଅନ୍ତୁ। ମୂଳି ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ମନ୍ଦା ପିଛା ୧୫ଗ୍ରାମ୍ ୟୁରିଆ ଓ ୧୦ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଯବକ୍ଷାରଜାନ ସାରକୁ ୟୁରିଆ ସାର ହିସାବରେ ବ୍ୟବହାର କଲେ ୟୁରିଆ ସହ ନିମ୍ବ ପିଡ଼ିଆ ମିଶାଇ ପ୍ରୟୋଗ କରନ୍ତୁ। ୧୦୦କି.ଗ୍ରା. ୟୁରିଆ ସହ ୨୦କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇବାକୁ ପଡିଥାଏ। ରାସାୟନିକ ଜୈବିକ ସାରକୁ ୫୦୦କି.ଗ୍ରା. ଗୁଣ୍ଡ ଗୋବର ଖତ ସହ ମିଶାଇ ଆଖୁ ଲଗାଇବାର ୩୦ଦିନରେ ଥରେ ଏବଂ ୬୦ଦିନରେ ଆଉ ଥରେ ଆଖୁଗଛ ମୂଳରେ ଦିଅନ୍ତୁ।

# ଶୀତଦିନେ ପନିପରିବା ଚାଷ



ଆଳୁ ଫସଲ ୨-୩ ସପ୍ତାହର ହୋଇଯାଇଥିଲେ ପ୍ରଥମେ କୋଡ଼ାଖୁସା କରି ହୁଡ଼ା ଟେକିଦିଅନ୍ତୁ। ଏହି ସମୟରେ ୫୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ପଟାସ୍ ଆଳୁ ଗଛରେ ଧାଡ଼ିରେ ୨ ପାଖରେ ୭-୧୦ ସେ.ମି. ଦୂରତାରେ ୨-୩ ସେ.ମି. ଗଭୀରରେ ପ୍ରୟୋଗ କରନ୍ତୁ । ଆଳୁ ଫସଲରେ ସଅଳ ପତ୍ରପୋଡ଼ା ରୋଗରୁ ରକ୍ଷା ପାଇବା ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଆଗତୁରା ଆଳୁଗଛରେ ଭଲଭାବରେ ସିଞ୍ଚନ କରନ୍ତୁ । ସିଞ୍ଚନ ବେଳେ ଏହାର ପତ୍ରର ଉପର ଓ ତଳପାଖରେ ପଡ଼ିବା ଉଚିତ । ପିଆଜ ଫସଲରେ ଗଛ ରୋଇବାର ୩ ଦିନ ପୂର୍ବରୁ ହେକ୍ଟର ପ୍ରତି ୧୦୦୦ ମି.ଲି. ବାସାଲିନ୍‌କୁ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ତଳି ରୋଇବାର ୩ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ ବା ୧୫୦୦ ମି.ଲି. ଟ୍ରିବୁଲିନ୍ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ଏହାଦ୍ୱାରା ଅନାବନା ଘାସ ଦାଉରୁ ରକ୍ଷା ମିଳିଥାଏ । କୋବି ଜାତୀୟ ଫସଲରେ ବନ୍ଧାକୋବିର ବିନ୍ଧାପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି କୀଟର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ଲିଟର ଫିପ୍ରୋନିଲ୍ କିମ୍ବା ୨୦୦ ଗ୍ରାମ୍ ଇମାମେକ୍ଟିନ୍ ବେନ୍‌ଜୋଏଟ୍ ବା ୫୦୦ ଗ୍ରାମ୍ ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଶୀତଦିନରେ ଭଲଭାବରେ ବଢୁଥିବା ପୋଦିନା, ଧନିଆ, ମେଥି, କୋଶଳା, ପାଳଙ୍ଗ ଆଦି ଶାଗ ଚାଷ କରନ୍ତୁ । ମଝିଆଳି କିସମ ଫୁଲକୋବିରେ ଲିଟର ପ୍ରତି ୩ ଗ୍ରାମ୍ ହିସାବରେ ବୋରନ୍ ସିଞ୍ଚନ କରନ୍ତୁ ।

## ପାଳଛତୁ



ପାଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ଼ ଓସାରିଆ ଟିଣ ପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡ଼ାବିଡ଼ାଗୁଡିକୁ (୩୦ ବିଡା) ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା' ପରେ ନଡ଼ା ଛାଣି ନଡ଼ାରୁ ଅଧିକ ପାଣି ନିଗାଡ଼ିଦେବା ପାଇଁ ବିଡ଼ାଗୁଡ଼ିକୁ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡ଼ାକରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡ଼ି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାରକରି ତାକୁ ଭାଗ କରନ୍ତୁ। ଭାଡ଼ି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡ଼ା ନଡ଼ାକୁ ଖୋଲି ବିଛାଇ ଦିଅନ୍ତୁ ଯେପରି ନଡ଼ା ମୂଳ ଭାଗ ବାହାରକୁ ରହିବ। ତା'ପରେ ସେହି ଛତୁ ମଞ୍ଜି ଖଣ୍ଡଗୁଡିକ ଉପରେ ୧ ଭାଗ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ବୁଣି ଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡ଼ା(୯ ବିଡ଼ାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା ପରେ ତୃତୀୟ ସ୍ତର ନଡା (୯ ବିଡାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡ଼େ ଓ ମଝିରେ ମଧ୍ୟ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡ଼ଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡ଼ା ନଡ଼ାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ - ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡ଼ାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢ଼ି ଦିଅନ୍ତୁ। ପଲିଥିନ୍ କାଢ଼ିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ - ୪ ଥର ପାଣି ସ୍ପ୍ରେ କରନ୍ତୁ।

ଧରିତ୍ରୀ
DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୪/୨୦୨୫ Bhubaneswar, Wednesday, December 24/ 2025




# ଦୀପ୍ତି ଶର୍ମା ନମ୍ବର ୱାନ୍

## ଆଇସିସି ଟି୨୦ ର୍ୟାଙ୍କିଙ୍ଗ

ଦୁବାଇ, ୨୩।୧୨ (ପି.ଟି.)

ଭାରତର ଷ୍ଟାର ଅଲରାଉଣ୍ଡର ଦୀପ୍ତି ଶର୍ମା ପ୍ରଥମଥର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମହିଳା ଟି୨୦ ବୋଲିଂ ର୍ୟାଙ୍କିଙ୍ଗ ତାଲିକାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ୨୮ବର୍ଷୀୟା ଅଫ୍-ସ୍ପିନର ବିଶାଖାପାଟଣାଠାରେ ଅନୁଷ୍ଠିତ ପ୍ରଥମ ଅନ୍ତର୍ଜାତୀୟ ଟି୨୦ରେ ୨୦ରନ ବିନିମୟରେ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଏହି ବୋଲିଂ ଫିଗର ଯୋଗୁ ତାଙ୍କ ର୍ୟାଙ୍କିଙ୍ଗ ପଏଣ୍ଟ ୭୩୭କୁ ବୃଦ୍ଧି ପାଇଥିଲା। ଅଷ୍ଟ୍ରେଲିଆ ଫାଷ୍ଟ ବୋଲର ଆନାବେଲ ସଦରଲାଣ୍ଡଙ୍କୁ ମାତ୍ର ଗୋଟିଏ ପଏଣ୍ଟ ପଛରେ ପକାଇ ସେ ନମ୍ବର ୱାନ ସ୍ଥାନ ଅଧିକାର କରିନେଇଥିଲେ। ପେସର ଅରୁନ୍ଧତୀ ରେଡ୍ଡୀ ୫ ସ୍ଥାନ ପଦୋନ୍ନତି ସହ ୩୬ତମ ସ୍ଥାନରେ ରହିଥିବା ବେଳେ ସ୍ପିନର ଶ୍ରୀ ଚାରନୀ ୧୯ସ୍ଥାନ ଉପରକୁ ଉଠି ୬୯ତମ ସ୍ଥାନରେ ଅଛନ୍ତି। ଅନ୍ୟପକ୍ଷରେ ବିଶାଖାପାଟଣାରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ଜେମିମା ରୋଡ୍ରିଗ୍ସ ତାଙ୍କ ୪୪ ବଲ୍‌ରୁ ଅପରାଜିତ ୬୯ ରନ ପାଇଁ ୫ ସ୍ଥାନ ଉପରକୁ ଉଠି ଅନ୍ତର୍ଜାତୀୟ ଟି୨୦ ବ୍ୟାଟରମାନଙ୍କ ମଧ୍ୟରେ ୯ମ ସ୍ଥାନ ହାସଲ କରିଛନ୍ତି। ଉପ ଅଧିନାୟିକା ସ୍ମୃତି ମନ୍ଧନା ପୂର୍ବଭଳି ଭାରତୀୟଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛନ୍ତି, କିନ୍ତୁ ଟପ୍ ଟେନ୍‌ରେ ତାଙ୍କ ୩ୟ ସ୍ଥାନ ବଜାୟ ରଖିଛନ୍ତି। ଶେଫାଳି ବର୍ମା ଗୋଟିଏ ସ୍ଥାନ ତଳକୁ ଖସି ୧୦ମରେ ଅଛନ୍ତି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଅଧିନାୟକ ଲଉରା ଓଲ୍‌ଭାର୍ଡଟ ମନ୍ଧାନାଙ୍କୁ ହଟାଇ ଅନ୍ତର୍ଜାତୀୟ ମହିଳା ଦିନିକିଆ ବ୍ୟାଟିଂ ର୍ୟାଙ୍କିଙ୍ଗରେ ନମ୍ବର ୱାନ ସ୍ଥାନ ଦଖଲ କରି ନେଇଛନ୍ତି। ଓଲ୍‌ଭାର୍ଡଟ ଆୟର୍ଲାଣ୍ଡ ବିପକ୍ଷ ଘରୋଇ ସିରିଜର ଦ୍ୱିତୀୟ ଓ ତୃତୀୟ ମ୍ୟାଚରେ କ୍ରମାଗତ ଦୁଇଟି ଶତକ (୧୨୪ ରନ ଓ ୧୦୦*)କରିବା ଦ୍ୱାରା ତାଙ୍କ କ୍ୟାରିୟର ଶ୍ରେଷ୍ଠ ୮୨୦ ରେଟିଂ ପଏଣ୍ଟ ହାସଲ କରିଛନ୍ତି। ମନ୍ଧାନାଙ୍କଠାରୁ ସେ ୯ପଏଣ୍ଟ ଆଗରେ ରହିଛନ୍ତି। ଅନ୍ତର୍ଜାତୀୟ ଦିନିକିଆ ର୍ୟାଙ୍କିଙ୍ଗରେ ଆୟର୍ଲାଣ୍ଡ ଅଧିନାୟକ ଗାବି ଲିଓ୍ୱିସ ତାଙ୍କ ୪୫ ଓ ୬୪ ରନ ବ୍ୟାଟିଂ ପାଇଁ ୪ ସ୍ଥାନ ଉପରକୁ ଉଠି ୧୮ତମ ସ୍ଥାନରେ ଅଛନ୍ତି।




# ରାଇଜିଂ, ଆଇଆଇସି କ୍ୱାର୍ଟରରେ

## ମୁକ୍ତେଶ୍ୱର କପ୍ କ୍ରିକେଟ

ଭୁବନେଶ୍ୱର, ୨୩।୧୨ (ତପନ ସ୍ୱାଇଁ)

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ୨ଟି ପ୍ରି-କ୍ୱାର୍ଟର ଫାଇନାଲରେ ବିଜୟୀ ହୋଇ ରାଇଜିଂ ଷ୍ଟାର ଓ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ରିକେଟ (ଆଇଆଇସି) ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରଥମ କ୍ୱାର୍ଟର ଫାଇନାଲରେ ରାଇଜିଂ ଷ୍ଟାର ୧୬ ରନରେ ଗ୍ରୀନ୍‌ସ କ୍ରିକେଟ ଏକାଡେମୀକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ରାଇଜିଂ ଷ୍ଟାର ୨୦ ଓଭରରେ ୬ ଉଇକେଟ ହରାଇ ୮୯ ରନ କରିଥିଲା। ଦଳ ପକ୍ଷରୁ ପ୍ରତ୍ୟୁଷ ସ୍ୱାଇଁ ସର୍ବାଧିକ ୨୭ ରନ କରିଥିଲେ। ଜବାବରେ ଗ୍ରୀନ୍‌ସ ଧିମା ବ୍ୟାଟିଂ କରି ପ୍ରଥମ ୧୦ ଓଭରରେ ମାତ୍ର ୧୭ ରନ କରିବାରୁ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଫଳରେ ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୭୩ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଦୀପ୍ତାଂଶୁ ୨୩ ଓ ଜଗନ୍ନାଥ ବେହେରା ୨୨ ରନ କରିଥିଲେ। ଦ୍ୱିତୀୟ ପ୍ରି-କ୍ୱାର୍ଟର ଫାଇନାଲରେ ଆଇଆଇସି ୫ ଉଇକେଟରେ ଭାରତ ଭୂଷଣ କ୍ରିକେଟ ଏକାଡେମୀ (ବିବିସିଏ)କୁ ହରାଇଛି। ବିବିସିଏ ୨୦ ଓଭରରେ ୭ ଉଇକେଟ ହରାଇ ୧୧୪ ରନ କରିଥିଲା। ସାଇ ଶଙ୍କର ସେଠୀ ସର୍ବାଧିକ ୫୬ ରନ କରିଥିଲେ। ପ୍ରତିପକ୍ଷ ବୋଲର ଆଶୁତୋଷ ଯାଦବ, ଆଦିତ୍ୟ ପଣ୍ଡା, ରଞ୍ଜିତ ସାହୁ ୨ଟି ଉଇକେଟ ନେଇଥିଲେ। ଜବାବରେ ଆଇଆଇସି ୧୯.୪ ଓଭରରେ ୫ ଉଇକେଟ ହରାଇ ୧୧୭ ରନ ସଂଗ୍ରହ କରି ନେଇଥିଲା। ସେକ୍ ରମଜାନ ୪୪ ଓ ରାଜବୀର ସାମନ୍ତରାୟ ୨୧ ରନକରି ଦଳକୁ ଜିତାଇଥିଲେ। ବିବିସିଏ ପକ୍ଷରୁ ମୃତ୍ୟୁଞ୍ଜୟ ରାୟ ୧୩ ରନରେ ୨ଟି ଉଇକେଟ ନେଇଥିଲେ।

## ଭାରତ ତୀର୍ଥସାଥୀ ପ୍ୟାକେଜ୍ ଟୁର୍

ପରିଚାଳକ: ରାମଚନ୍ଦ୍ର ପଣ୍ଡା, ଯାଜପୁର, ମୋ.୯୪୩୭୭୫୩୫୮୮/୯୬୯୨୫୭୪୯୬୨

୧ମ ଯାତ୍ରା (ଉତ୍ତର ଭାରତ): ତା.୭.୩.୨୬ (ନବଦୋଳ ଉପଲକ୍ଷେ) ଏହ୍ଲାବାଦ (ପ୍ରୟାଗରାଜ) ଅସ୍ଥି ବିସର୍ଜନ ଓ ପିଣ୍ଡଦାନ, ମଥୁରା, ଗୋପ, ବୃନ୍ଦାବନ, ଆଗ୍ରା, ହରିଦ୍ୱାର, ଋଷିକେଶ, ଲଛମନ୍‌ଝୁଲା, ଅଯୋଧ୍ୟା-ନୂତନ ମନ୍ଦିରରେ ରାମଲାଲା ଦର୍ଶନ, ସରୁଜ ସ୍ନାନ, ହନୁମାନ ଗଡି, ଦଶରଥ ମହଲ, କାଶି-ବାରାଣାସୀ (କାଶିବିଶ୍ୱନାଥ ଜ୍ୟୋତିର୍ଲିଙ୍ଗ), ଗୟାରେ ମଧୁମାସରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରି ୧୭.୩.୨୬ରେ ମଧ୍ୟାହ୍ନରେ ପୁରୀ ପହଞ୍ଚିବେ । ୨ୟ ଯାତ୍ରା (ବିଶାଖାପାଟଣା, ନୃସିଂହନାଥ ମନ୍ଦିର, ରାଜମହେନ୍ଦ୍ରୀ, ପିଠାପୁରମ୍, ପାଦଗୟା)- ତା.୨୭.୩.୨୬ ରୁ ତା.୩୧.୩.୨୬ ଯାତ୍ରାସାରି ପୁରୀ ପହଞ୍ଚିବେ । ୩ୟ ଯାତ୍ରା: ତା.୪.୪.୨୬ରୁ ୯.୪.୨୬- ତିରୁପତି, ଶ୍ରୀଶୈଳମ୍, ମଲ୍ଲିକାର୍ଜୁନ (ଜ୍ୟୋତିର୍ଲିଙ୍ଗ) ହୋଇ ଭୁବନେଶ୍ୱର ତା.୯.୪.୨୬ରେ ପହଞ୍ଚିବେ । ୪ର୍ଥ ଯାତ୍ରା (ବିମାନଯାତ୍ରା-ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜ) ତା.୨୫.୨.୨୬ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରି କଲିକତା, ଏଠାରୁ ବିମାନଯୋଗେ ପୋର୍ଟବ୍ଲେୟାର ତିନିରାତି ରହଣି ଓ ବିଭିନ୍ନ ଦ୍ୱୀପ ଭ୍ରମଣ ପରେ ତା.୧.୩.୨୬ କଲିକତା ବିମାନଯୋଗେ କଲିକତା ହୋଇ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ । ୫ମ ଯାତ୍ରା (ନେପାଳ, କାଠମାଣ୍ଡୁ) ତା.୦୯.୦୫.୨୦୨୬ ଦାର୍ଜିଲିଂ, ଗ୍ୟାଙ୍ଗଟକ୍, କାଠମାଣ୍ଡୁ, ଜନକପୁର, ଗୌହାଟୀ, ସିଲଂ, ଚେରାପୁଞ୍ଜି ହୋଇ ୨୨.୦୫.୨୬ରେ ପୁରୀ ପ୍ରତ୍ୟାବର୍ତ୍ତନ ଓ ଯାତ୍ରା ଶେଷ । ଭଲ ଗାଇଡ୍, ରୁଚିକର ଖାଦ୍ୟ, ବୃଦ୍ଧବୃଦ୍ଧାଙ୍କ ଦାୟିତ୍ୱ ଓ ଉତ୍ତମ ବ୍ୟବହାର । ଟିକେଟ୍‌ର ମୂଲ୍ୟ- ତ୍ରିତଳ ଶୟନ ଯାନ ରେଳଭଡ଼ା+ ଦୁଇବେଳା ଖାଦ୍ୟ+ ଧର୍ମଶାଳା/ଲଜିଂ ରହଣି+ ଦର୍ଶନୀୟ ସ୍ଥାନ ଭ୍ରମଣ ସହ ଜଣ ପ୍ରତି ୧ମ ଯାତ୍ରା- ୧୩,୫୦୦/-, ୨ୟ ଯାତ୍ରା-୪,୫୦୦/-, ୩ୟ ଯାତ୍ରା ୪,୫୦୦/-, ଚତୁର୍ଥ ଯାତ୍ରା (ବିମାନ ଭଡା ସହ) ଟ.୪୨,୫୦୦/- ୫ମ ଯାତ୍ରା- ଟ.୨୭,୫୦୦/- । ୨ୟ ଓ ୩ୟ ଯାତ୍ରାର ଖାଇବା ଖର୍ଚ୍ଚ ଯାତ୍ରୀ ବହନ କରିବେ ।

ଯୋଗାଯୋଗ ଭୁବନେଶ୍ୱର- ୯୭୭୮୮୯୬୫୪୦, କଟକ, ୭୦୦୮୬୯୩୦୪୪, ବାଲେଶ୍ୱର- ୯୮୬୧୦୭୫୩୨୮, ସମ୍ବଲପୁର-୯୭୭୭୪୭୨୪୪୧, ଖୋର୍ଦ୍ଧା- ୯୯୩୭୨୭୫୨୫୮, ଢେଙ୍କାନାଳ-୯୩୩୭୧୬୩୫୫୧, ଚୌଦ୍ୱାର-୬୩୭୦୨୫୨୮୧୧, ରାଉରକେଲା-୮୬୩୭୨୩୯୯୪୯, ନିମାପଡ଼ା-୭୯୭୮୭୯୪୬୨୯, ଯାଜପୁରରୋଡ୍-୯୦୯୦୩୩୨୬୨୮ ।
ବିଜ୍ଞାପନ ପ୍ରକାଶ ପାଇବା ଦିନ ଯୋଗାଯୋଗ ପାଇଁ ଅନୁରୋଧ । ସବିଶେଷ ବିବରଣୀ ପାଇଁ ପରିଚାଳକଙ୍କ ସହିତ ଯୋଗାଯୋଗ କରନ୍ତୁ ।

# ଭାରତୀୟ ମହିଳା କ୍ରିକେଟ ଦଳର ଦ୍ୱିତୀୟ ବିଜୟ

ବିଶାଖାପାଟଣା, ୨୩।୧୨

ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜରେ ଭାରତୀୟ ମହିଳା କ୍ରିକେଟ ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଭାରତ ୭ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଶ୍ରୀଲଙ୍କା ୨୦ ଓଭରରେ ୯ ଉଇକେଟ ହରାଇ ୧୨୮ ରନ କରିଥିଲା। ହର୍ଷିଥା ସମରବିକ୍ରମା ୩୩ ଓ ଅଧିନାୟିକା ଚାମରି ଅଟାପାଟ୍ଟୁ ୩୧ ରନ କରିଥିଲେ। ଭାରତ ପକ୍ଷରୁ ବୈଷ୍ଣବୀ ଶର୍ମା ଓ ଶ୍ରୀ ଚରଣୀ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତ ଶେଫାଳି ବର୍ମାଙ୍କ ଅପରାଜିତ ୬୯ (୩୪ ବଲ, ୧୧ ଚୌକା, ୧ ଛକା) ରନ ବଳରେ ୧୧.୫ ଓଭରରେ ୩ ଉଇକେଟ ହରାଇ ୧୨୯ ରନ ସଂଗ୍ରହ କରି ନେଇଥିଲା। ଏଠାରେ ବିଜୟ ଫଳରେ ଭାରତ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀ ଲାଭ କରିଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ